

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୪ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 04 September 2024

Vol.No. 35 ■ No.237 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଲାଲବଜାର ନିକଟରେ ଡାକ୍ତରଙ୍କ ବିକ୍ଷୋଭ ଜାରି

କୋଲକାତା, ୩/୯ (ନି.ପ୍ର): କୋଲକାତା ପୋଲିସ ମୁଖ୍ୟାଳୟ ଲାଲବଜାର ନିକଟରେ ଡାକ୍ତରଙ୍କ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି । ସୋମବାର ଦ୍ୱିପ୍ରହରରେ ଆରମ୍ଭ ହୋଇଥିବା ଏହି ବିକ୍ଷୋଭ ମଙ୍ଗଳବାର ସକାଳେ ବି ଜାରି ରହିଛି । ବିବି ଗାଙ୍ଗୁଲି ଛକ ଏବଂ ବେଂଟିକାନ୍ ଛକ କ୍ରସିଂକୁ ଯିବାକୁ ଅନୁମତି ନଦେଲେ ସେମାନେ ସେମାନଙ୍କର ପ୍ରତିନିଧୀଙ୍କୁ ଲାଲବାଜରକୁ ପଠାଇବେ ନାହିଁ ବୋଲି ଡାକ୍ତରମାନେ ସ୍ପଷ୍ଟ କରିଛନ୍ତି । ଅନ୍ୟପଟେ ପୋଲିସ ୯ ଫୁଟର ଲୁହା ବ୍ୟାରିକେଡ କରିଛି ଏବଂ ସ୍ପଷ୍ଟ କରିଛି ଯେ, ଡାକ୍ତରଙ୍କୁ ଏଠାରୁ ନିଜ ପ୍ରତିନିଧି ପଠାଇବାକୁ ହେବ । ଭିନିତ ଗୋଏଲ ତୁରନ୍ତ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଜୁନିୟର ଡାକ୍ତରମାନେ ଦାବି କରିଛନ୍ତି । ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି ।

# ଦନ୍ତେୱାଡ଼ାରେ ଏନ୍‌କାଉଣ୍ଟର: ୯ ନକ୍ସଲ ସଫା



ନୂଆଦିଲ୍ଲୀ, ୩/୯ : ସୁରକ୍ଷାବାହିନୀକୁ ମିଳିଲା ବଡ଼ ସଫଳତା । ଏନ୍ କାଉଣ୍ଟରରେ ଟଳିଲେ ୯ ନକ୍ସଲ । ଛତିଶଗଡ଼ର ଦନ୍ତେୱାଡା ଏବଂ ବିଜାପୁରର ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ନକ୍ସଲମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ଏଥିରେ ବର୍ତ୍ତମାନ ସୁଦ୍ଧା ୯ ଜଣ ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି । ନକ୍ସଲମାନଙ୍କ ମୃତଦେହ ସହିତ ଘଟଣାସ୍ଥଳରୁ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଜବତ ହୋଇଛି । ପଶ୍ଚିମ ବସ୍ତର ଡିଭିଜନରେ କିଛି ନକ୍ସଲ ଲୁଚି ରହିଥିବା ସୂଚନା ମିଳିବା ପରେ ପୁଲିସ ଓ ସୁରକ୍ଷା ବାହିନୀର ମିଳିତ ଟିମ୍ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ । ଆଜି ସକାଳ ସାଢ଼େ ୧୦ଟାରେ ଖୋଜାଖୋଜି ବେଳେ ପୁଲିସ ଟିମ୍ ସହ ନକ୍ସଲମାନଙ୍କ ମୁହାଁମୁହିଁ ହୋଇଥିଲା । ଏହା ପରେ ଉଭୟ ପାର୍ଶ୍ୱରୁ ଗୁଳି ବିନିମୟ ଆରମ୍ଭ ହୋଇଛି । ଏହି ଗୁଳି ବିନିମୟରେ ୯ ଜଣ ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି । ଏବେ ବି ଅଞ୍ଚଳରେ ଗୁଳିବିନିମୟ ଜାରି ରହିଛି । ଯବାନମାନେ ସାହାସର ସହ ନକ୍ସଲଙ୍କ ସହ ମୁକାବିଲା କରୁଛନ୍ତି । ଏହି ଅପରେସନରେ ଜଡ଼ିତ ସମସ୍ତ ସୈନିକ ସୁରକ୍ଷିତ ଅଛନ୍ତି । ପୂରା ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି ।

# ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ବନ୍ୟା ବିଭୀଷିକା: ୩୧ ମୃତ



ଆନ୍ଧ୍ରପ୍ରଦେଶ, ୩/୯ (ନି.ପ୍ର): ଆନ୍ଧ୍ରପ୍ରଦେଶରେ ବନ୍ୟା ବିଭୀଷିକା । ବୁଡ଼ିଲା ରେଳ ଷ୍ଟେସନ୍ । ଧୋଇଗଲା ରେଳ ଟ୍ରାକ୍ । ଭାସିଗଲା ଟ୍ରକ୍ ଓ କାର । ରାସ୍ତାରେ ସୁଅ କାଟୁଛି ୫ ଫୁଟରୁ ଅଧିକ ପାଣି । ଛାତିକୁ ଥରାଇ ଦେଲା ଭଳି ଏଭଳି କିଛି ଦୃଶ୍ୟ ଏବେ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଦେଖିବାକୁ ମିଳିଛି । ବନ୍ୟା ଓ ପ୍ରବଳ ବର୍ଷା ଯୋଗୁ ଏଠାରେ ବର୍ତ୍ତମାନ ସୁଦ୍ଧା ୩୧ ଜଣଙ୍କ ମୃତ୍ୟୁ ହୋଇସାରିଲାଣି । ତେଲେଙ୍ଗାନାରେ ୧୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆନ୍ଧ୍ରପ୍ରଦେଶରେ ୧୫ ଜଣ ପ୍ରାଣ ହରାଇଛନ୍ତି । ସେହିପରି ନିଖୋଜ ଥିବା କୁହାଯାଉଛି । ତେଣୁ ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ । ଆନ୍ଧ୍ରପ୍ରଦେଶରେ ପ୍ରାୟ ୪.୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ବିଜୟୱାଡାରେ କ୍ଷୀର ସମେତ ଅତ୍ୟାବଶ୍ୟକ ସାମଗ୍ରୀ ପାଇବା ପାଇଁ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାତାୟତ ଏକପ୍ରକାର ଠପ୍ ହୋଇଯାଇଛି । ଲୋକ ନାହିନଥିବା ଅସୁବିଧାର ସମ୍ମୁଖୀନ ହେଉଛି । ବନ୍ୟାରେ ସବୁଠୁ ଅଧିକ ପ୍ରଭାବିତ ହୋଇଛି ଟ୍ରେନ୍ ଓ ସଡ଼କ ପଥ । ଆନ୍ଧ୍ରର ଏକାଧିକ ସ୍ଥାନରେ ଟ୍ରେନ୍ ଟ୍ରାକ୍ ଉପୁଡ଼ି ପଡ଼ିଛି । କେଉଁଠି ଛୋଟ ଛୋଟ ବ୍ରିଜ୍ ବି କ୍ଷତିଗ୍ରସ୍ତ ହୋଇଛି । ଫଳରେ ଆନ୍ଧ୍ରରୁ ଓଡ଼ିଶା ଏବଂ ଦେଶର ବିଭିନ୍ନ ସ୍ଥାନକୁ ଯାଉଥିବା ଟ୍ରେନ୍ ଚଳାଚଳରେ ବାଧା ସୃଷ୍ଟି ହୋଇଛି । ଏବେ ଯାଏଁ ୪୩୨ଟି ଟ୍ରେନ୍ ▶▶ପୃଷ୍ଠା ୭

# ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ସରକାରଙ୍କ ବିଚାରାଧୀନ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩/୯ (ନି.ପ୍ର): ଲୋକଙ୍କୁ ତ୍ୱରିତ୍ ନ୍ୟାୟ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ସରକାରଙ୍କ ବିଚାରାଧୀନ ଅଛି । ଗୃହରେ ସ୍ପଷ୍ଟୀକରଣ ରଖିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ ବିଚାରାଧୀନ ରହିଛି । ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ସରକାରଙ୍କ ବିଚାରାଧୀନ ଅଛି ବୋଲି ଆଜି ଗୃହରେ ସ୍ପଷ୍ଟୀକରଣ ରଖିଛନ୍ତି ମୁଖ୍ୟମନ୍ତ୍ରୀ । ଲୋକଙ୍କୁ ତ୍ୱରିତ୍ ନ୍ୟାୟ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବଲାଙ୍ଗିରରେ ହାଇକୋର୍ଟର ସର୍କିଟ୍ ବେଞ୍ଚ ପ୍ରତିଷ୍ଠା ନେଇ ସରକାରଙ୍କ ପ୍ରସ୍ତାବ ଅଛି କି, ବୋଲି ଗତକାଲି ବିଧାନସଭାରେ ବିଜେଡି ବିଧାୟକ କଳିକେଶ ସିଂହଦେଓ ପ୍ରଶ୍ନ କରିଥିଲେ । ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଥିଲେ- ସୁପ୍ରିମକୋର୍ଟଙ୍କ ପକ୍ଷରୁ ଏ ସଂପର୍କରେ ଆସିଥିବା ରାୟ ଅନୁସାରେ ଓଡ଼ିଶାର କୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେବାର କୌଣସି ଯଥାର୍ଥତା ନାହିଁ । ସେପଟେ ଆଜି ମୁଖ୍ୟମନ୍ତ୍ରୀଙ୍କ ବିବୃତି ପରେ ଆମେ କେତେ ବର୍ଷ ବିଚାରାଧିନ ରଖିବା ବୋଲି ପ୍ରଶ୍ନ କରିଛନ୍ତି ବଲାଙ୍ଗୀର ବିଧାୟକ କଳିକେଶ ସିଂଦେଓ । ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବା ନେଇ ପ୍ରତିଶୃତି ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଦ୍ୱନ୍ଦ୍ୱରେ ନପକାଇ ନେତୃତ୍ୱ ନିଅନ୍ତୁ ବୋଲି କଂଗ୍ରେସ ବିଧାୟକ ରଜନ ଏକ୍କା କହିଛନ୍ତି । ବିଜେପି ବିଧାୟକ ଲକ୍ଷ୍ମଣ ବାଗ କହିଛନ୍ତି ଲୋକଙ୍କ ସୁବିଧାକୁ ନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ ।

# ଭୁବନେଶ୍ୱରକୁ ଅବକାରୀ କମିଶନର ଅଫିସ ଆଣିବାକୁ ହୋଇଥିଲା କି ବଡ଼ ଷଡ଼ଯନ୍ତ୍ର ?

କଟକ, ୩/୯ (ନି.ପ୍ର): କଟକରୁ ଅବକାରୀ କମିଶନରଙ୍କ ଅଫିସ୍ ଉଠାଇ ନେବାକୁ ହୋଇଥିଲା କି ବଡ଼ ଷଡ଼ଯନ୍ତ୍ର ? ବିଜେଡି ସରକାର ଅମଳରେ ଜଣେ ଗେହ୍ଲା ଆଇପିଏସ୍ ବାବୁ ନିଜ ସୁବିଧା ଏଭଳି ଚକ୍ରାନ୍ତ କରିଥିବା ବିଜେପି ଆଣିଛି ଅଭିଯୋଗ । କଟକରୁ ଅବକାରୀ କମିଶନରଙ୍କ ଅଫିସ୍ ଉଠାଇ ନେବାକୁ ହୋଇଥିଲା କି ଚକ୍ରାନ୍ତ ? ଭୁବନେଶ୍ୱର ସ୍ଥାନାନ୍ତର ପାଇଁ ସରି ଯାଇଥିଲା କି ଆନୁସଙ୍ଗିକ ପ୍ରକ୍ରିୟା ? ନିଜ ସ୍ୱାର୍ଥ ପାଇଁ ବିଜେଡି ସରକାର ଅମଳରେ ଜଣେ ଓଟଝ ଅଫିସର୍ କରିଥିଲେ କି ଏ ଫନ୍ଦି ? କଟକ ସିଡିଏ କୃଷକ ବଜାରରେ ଥିବା ଅବକାରୀ ନିର୍ଦ୍ଦେଶାଳୟ ଅଧୀନସ୍ଥ ବିଭାଗୀୟ କମିଶନରଙ୍କ କାର୍ଯ୍ୟାଳୟକୁ ନେଇ ଏମିତି ମାଳ ମାଳ ପ୍ରଶ୍ନ ଭିତରେ, ଗତକାଲି ସ୍ଥାନୀୟ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ ହଠାତ୍ ସେଠାକୁ ଯାଇ କରିଥିଲେ ଅନୁସନ୍ଧାନ । ଭିତରର ସ୍ଥିତି ଦେଖି ଚକିତ ହୋଇ ଯାଇଥିଲେ ବିଧାୟିକା । ବାରଣ୍ଡାରେ ଅତି ଦୟନୀୟ ଅବସ୍ଥାରେ ଥୁଆ ହୋଇଛି, ଅତି ଦରକାରୀ ଶହ ଶହ ପୁରୁଣା ଫାଇଲ୍ । କେଉଁଟିରେ ନାଲି ଫିତା ବନ୍ଧା ହୋଇଛି, ତ କେଉଁଟି ଫିମ୍ପି ମାରି ଯାଇଛି । ଏମିତିକି ନିଜ ପରିଦର୍ଶନ ସମୟରେ ଜଣେ ବି ବରିଷ୍ଠ ଅଧିକାରୀଙ୍କୁ ଦେଖିବାକୁ ପାଇନଥିଲେ ବିଧାୟିକା । ଅଭିଯୋଗ ଆଣିଥିଲେ, କଟକରୁ ଏ ଅତି ପୁରାତନ ▶▶ପୃଷ୍ଠା ୭

## ଆରମ୍ଭ ହେଲା ବିଜେପିର ସଦସ୍ୟତା ଗ୍ରହଣ ଅଭିଯାନ: ୧ କୋଟି ସଦସ୍ୟ ସଂଗ୍ରହ ପାଇଁ ଆହ୍ୱାନ

ଭୁବନେଶ୍ୱର, ୩/୯ (ନି.ପ୍ର): ଆରମ୍ଭ ହେଲା ବିଜେପିର ସଦସ୍ୟତା ଅଭିଯାନ । ରାଜ୍ୟରେ ୧ କୋଟି ସଦସ୍ୟ ସଂଗ୍ରହ ପାଇଁ କର୍ମକର୍ତ୍ତାଙ୍କୁ ଅହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଆଜି ରାଜ୍ୟ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ବହୁ ନେତା ସଦସ୍ୟତା ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗକୁ ସଦସ୍ୟ ସଂଗ୍ରହ ଅଭିଯାନ ଆହୁରି ବଢ଼ିବ । ଆଗାମୀ ୫ ବର୍ଷରେ ନୂଆ ଓଡ଼ିଶା ଓ ସମୃଦ୍ଧ ଓଡ଼ିଶା ଗଠନ କରାଯିବ । ମୋଦିଙ୍କ ପୂର୍ବୋଦୟ ଲକ୍ଷ୍ୟ ଓଡ଼ିଶାରୁ ହିଁ ଆରମ୍ଭ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ସେହିପରି ବିଜେପିର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ କାର୍ଯ୍ୟକର୍ତ୍ତାଙ୍କୁ ଟାସ୍କ ଦେଇଛନ୍ତି ପ୍ରଭାରୀ ବିଜୟପାଲ ସିଂ ତୋମାର । ରେଲୱେ ଷ୍ଟେସନ, ବସ ଷ୍ଟାଣ୍ଡ, କଲେଜ ବାହାରେ ସଦସ୍ୟତା ଅଭିଯାନ କରିବା ସହ ପ୍ରତି ବୁଥରେ ୪ ଶହ ସଦସ୍ୟ କରିବାକୁ ଟାର୍ଗେଟ ଦିଆଯାଇଛି । ରାଜ୍ୟ ସରକାରରେ ଏକ ବର୍ଷର ଉପଲବ୍ଧି ୧୦୦ ଦିନ ପୂର୍ବରୁ ହୋଇଛି । ଏହି ସବୁ କଥା ଲୋକଙ୍କ ପାଖରେ ପହଞ୍ଚାଇ ୪୫ ଦିନରେ ଭିତରେ ଟାର୍ଗେଟ ହାସଲ କରି ରେକର୍ଡ କରି ଦେଖେଇବାକୁ ସେ ଆହ୍ୱାନ ଦେଇଛନ୍ତି ।

## ରାଜସ୍ଥାନ ଓ ଦିଲ୍ଲୀ ସ୍କୁଲକୁ ଅଚାନକ ଗସ୍ତ କଲେ ସିବିଏସଇ ଟିମ୍

ନୂଆଦିଲ୍ଲୀ, ୩/୯ (ନି.ପ୍ର): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ମଙ୍ଗଳବାର ରାଜସ୍ଥାନ ଓ ନୂଆଦିଲ୍ଲୀର ସ୍କୁଲକୁ ଅଚାନକ ଗସ୍ତ କରିଛନ୍ତି । ବୋର୍ଡ ସହିତ ସମ୍ବନ୍ଧ ସ୍କୁଲ ସିବିଏସଇ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଓ ଉପନିୟମକୁ କଡାକଡି ପାଳନ କରୁଛନ୍ତି ନା ନାହିଁ ଏବଂ ଡମି ସ୍କୁଲର ସମସ୍ୟା ଉପରେ ଅଙ୍କୁଶ ଲଗାଇବା ଏହି ଭିଜିଟିଂର ଉଦ୍ଦେଶ୍ୟ । ସିବିଏସଇ ବୟାନ ଅନୁସାରେ ଏହି ସମସ୍ତ ସ୍କୁଲରେ ୨୭ ଟିମ ଦ୍ୱାରା ନିରୀକ୍ଷଣ କରାଯାଇଛି, ଯେଉଁଥିରେ ଜଣେ ସିବିଏସଇ ଅଧିକାରୀ ଓ ସିବିଏସଇ ସମ୍ବନ୍ଧିତ ସ୍କୁଲର ଜଣେ ପ୍ରିନ୍ସିପାଲ ସାମିଲ ଥିଲେ । ନିରୀକ୍ଷଣ ପାଇଁ ସାବଧାନତା ପୂର୍ବକ ଯୋଜନା କରାଯାଇ ଏକ ସାଥୀରେ ସମସ୍ତ ସ୍କୁଲରେ ନିରୀକ୍ଷଣ କରାଯାଇଥିଲା ।

## ପଦ୍ମ ପୁରସ୍କାର-୨୦୨୫ ପାଇଁ ନାମାଙ୍କନ ୧୫ ସେପ୍ଟେମ୍ବର ଯାଏଁ ଖୋଲିଲା

ନୂଆଦିଲ୍ଲୀ, ୩/୯ : ଗଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଇଥିବା ପଦ୍ମ ପୁରସ୍କାର-୨୦୨୫ ପାଇଁ ନାମାଙ୍କନ ୧୫ ସେପ୍ଟେମ୍ବର ଯାଏଁ ଖୋଲିଛି । ଇଚ୍ଛୁକ ପ୍ରତିଯୋଗୀ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ ରେ ନିଜର ନାମାଙ୍କନ ଦାଖଲ କରିପାରିବେ । ଗୃହ ମନ୍ତ୍ରାଳୟ ମଙ୍ଗଳବାର ଦିନ ଏକ ବୟାନ ଜାରି କରି ଏହି ସୂଚନା ଦେଇଛନ୍ତି । ପଦ୍ମ ପୁରସ୍କାର, ଅର୍ଥାତ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନରେ ସାମିଲ ଅଛନ୍ତି । ୧୯୫୪ରେ ସ୍ଥାପିତ ଏହି ପୁରସ୍କାରର ଘୋଷଣା ପ୍ରତିବର୍ଷ ଗଣତନ୍ତ୍ର ଦିବସ ଅବସରରେ କରାଯିବ । ଏହି ପୁରସ୍କାର ଅନ୍ତର୍ଗତ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ସମ୍ମାନୀତ କରାଯିବ । ପଦ୍ମ ପୁରସ୍କାର କଳା, ସାହିତ୍ୟ ଏବଂ ଶିକ୍ଷା, ଖେଳ, ଚିକିତ୍ସା, ସମାଜସେବା, ବିଜ୍ଞାନ ଏବଂ ଇଂଜିନିୟରିଂ, ଲୋକ କାର୍ଯ୍ୟ, ସିଭିଲ୍ ସେବା, ବ୍ୟବସାୟ ଏବଂ ଉଦ୍ୟୋଗ ଆଦି ପରି ସମସ୍ତ କ୍ଷେତ୍ର ଏବଂ ବିଷୟରେ ବିଶିଷ୍ଟ ଏବଂ ଅସାଧାରଣ ଉପଲବ୍ଧି ଏବଂ ସେବା ପାଇଁ ପ୍ରଦାନ କରାଯାଏ ।

# ବେଙ୍ଗଲରେ ଦୁଷ୍କର୍ମ ବିରୋଧୀ ‘ଅପରାଜିତା’ ବିଲ୍ ପାରିତ



କୋଲକାତା, ୩/୯ : ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାକୁ ନେଇ ଚାଲିଥିବା ବ୍ୟାପକ ଆନ୍ଦୋଳନ ମଧ୍ୟରେ 'ଅପରାଜିତା' ବିଲ୍ ପାରିତ କରିଛନ୍ତି ପଶ୍ଚିମବଙ୍ଗ ସରକାର । ଆଜି ବେଙ୍ଗଲର ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ସରକାର ଦୁଷ୍କର୍ମ ବିରୋଧୀ ଅପରାଜିତା ବିଲ୍ ପାରିତ କରିଛନ୍ତି । ଏହା ସହ ପଶ୍ଚିମବଙ୍ଗ ଦେଶର ପ୍ରଥମ ରାଜ୍ୟ ଭାବରେ ଦୁଷ୍କର୍ମ, ଗଣଦୁଷ୍କର୍ମ ଏବଂ ଯୌନ ନିର୍ଯାତନା ଅପରାଧ ସହ ଜଡିତ କେନ୍ଦ୍ରୀୟ ଆଇନରେ ସଂଶୋଧନ ଆଣିଛି । ବିଧାନସଭାରେ 'ଅପରାଜିତା' ବିଲ୍ ପାରିତ ହେବା ପରେ ରାଜ୍ୟପାଳ ସିଭି ଆନନ୍ଦ ବୋସ୍ ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ କ୍ରମେ ଆଇନରେ ପରିଣତ ହେବ । 'ଅପରାଜିତା ମହିଳା ଏବଂ ଶିଶୁ ବିଲ୍' (ପଶ୍ଚିମବଙ୍ଗ ଅପରାଧିକ ଆଇନ ଏବଂ ସଂଶୋଧନ) ୨୦୨୪ ଆଇନ ଅନୁସାରେ, ଦୁଷ୍କର୍ମ ଓ ଗଣଦୁଷ୍କର୍ମର ହତ୍ୟାକାରୀଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯିବ । ୨୧ ଦିନ ମଧ୍ୟରେ ମାମଲାର ବିଚାର କରାଯାଇ ଦୋଷୀକୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯିବାର ବ୍ୟବସ୍ଥା ରହିଛି । ଏହା ବ୍ୟତୀତ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ବିନା ପାରୋଲ ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯିବ । ସେହିପରି ଏସିଡ୍ ଆଟାକ୍ ଏବଂ ପୀଡାତାଙ୍କ ପରିଚୟ ପ୍ରକାଶ କରିଥିଲେ ଦଣ୍ଡ ବ୍ୟବସ୍ଥା ରହିଛି । ସେପଟେ, ଏହି ବିଲ୍ ପାରିତ ହେବା ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ଐତିହାସିକ ଏବଂ ମଡେଲ ବୋଲି କହିଛନ୍ତି । ସେ କହିଛନ୍ତି, ‘ଏହି ବିଲ୍ ସରକାରଙ୍କ ଦ୍ୱାରା ପରିଚାଳିତ ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ଟ୍ରେନି ଡାକ୍ତରଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ।‘ ଆରଜି କର ହସ୍ପିଟାଲର ଜଘନ୍ୟ ହତ୍ୟାକାଣ୍ଡକୁ ନେଇ ଚାଲିଥିବା ଆନ୍ଦୋଳନ ମଧ୍ୟରେ ବିଧାନସଭାରେ ଦୁଇ ଦିନିଆ ସ୍ୱତନ୍ତ୍ର ଅଧିବେଶନ ବସିଥିଲା । ଗତକାଲି ଆଲୋଚନା ପରେ ଆଜି ବେଙ୍ଗଲ ଆଣ୍ଟି-ରେପ୍ ବିଲ୍ ବା ଦୁଷ୍କର୍ମ ବିରୋଧୀ ବିଲ୍ 'ଅପରାଜିତା' ପାରିତ ହୋଇଛି । ବିଜେପି ମଧ୍ୟ ଏହି ବିଲକୁ ସମର୍ଥନ ଜଣାଇଛି । ▶▶ପୃଷ୍ଠା ୭

# ଚାଲିଛି ‘ସୁଭଦ୍ରା’ ଆବେଦନ ଧାଁ ଦୌଡ଼: ଆଧାର ଅପଡେଟ୍ ଲାଗି ଜନସେବା କେନ୍ଦ୍ର ଆଗରେ ଲମ୍ବାଧାଡ଼ି



ଭୁବନେଶ୍ୱର, ୩/୯ (ନି.ପ୍ର): ସୁଭଦ୍ରା ଯୋଜନା ଘୋଷଣା ପରେ ଜନସେବା କେନ୍ଦ୍ର ଆଗରେ ଲମ୍ବା ଲାଇନ । ଆଧାର ଅପଡେଟ୍ କରିବାକୁ କେଉଁଠି ଠେଲାପେଲା ତ’ ଆଉ କେଉଁଠି ରାତିରୁ ଧାଡ଼ିରେ ଚପଲ ନହେଲେ ଛତା । କାମାକ୍ଷାନଗରରୁ କୋରାପୁଟ, ଭଞ୍ଜନଗରରୁ ନୀଳଗିରି । କେଉଁଠି ଆଧାର ଅପଡେଟ୍ କରିବା ପାଇଁ ଜନସେବା କେନ୍ଦ୍ର ଆଗରେ ଠେଲାପେଲା ସ୍ଥିତି ତ’ କେଉଁଠି ସୂର୍ଯ୍ୟୋଦୟ ପୂର୍ବରୁ ଲାଇନରେ ଚପଲ ଆଉ ଛତା । କେଉଁଠି ଦିବ୍ୟାଙ୍ଗ ଛୁଆକୁ ଧରି ମାଆ ଲାଇନ ଲଗାଇଛି ତ’ ଆଉ କେଉଁଠି ରାତିଅଧରୁ ଜନସେବା କେନ୍ଦ୍ର ସାମ୍ନାରେ ଲୋକଙ୍କ ଧାଡ଼ି ଲମ୍ବୁଛି । ସୁଭଦ୍ରା ଯୋଜନାରେ ଆସନ୍ତାକାଲିଠୁ ଫର୍ମ ଦାଖଲ ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ଏଥିଲାଗି ଆଧାର ଅଥେଣ୍ଟିକେସନ୍ ଦରକାର ହେଉଛି । ଆଉ ସେଥିପାଇଁ ଢେର ଅଧିକ ସବୁ ସ୍ଥାନରେ ▶▶ପୃଷ୍ଠା ୭

## ହରିୟାଣାରେ ମେଣ୍ଟ ଚାହୁଁଛି କଂଗ୍ରେସ: ଆପ୍ ରଖିଲା ସର୍ତ୍ତ

ନୂଆଦିଲ୍ଲୀ, ୩/୯ : ପାଖେଇ ଆସୁଛି ହରିୟାଣା ନିର୍ବାଚନ । ଆସନ୍ତା ଅକ୍ଟୋବର ୫ରେ ଏଠାରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ଆରମ୍ଭ ହୋଇଗଲାଣି ରଣନୀତି । ଲୋକସଭା ନିର୍ବାଚନରେ ଆପ୍-କଂଗ୍ରେସ ମେଣ୍ଟ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ସତ୍ତ୍ୱେ ବିଧାନସଭାରେ ଉଭୟ ଏକାଠି ଲଢ଼ିବା ନେଇ ସୂଚନା ମିଳିଛି । କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ହରିୟାଣା ନିର୍ବାଚନରେ ଆପକୁ ସହଯୋଗୀ କରିବାକୁ ଚାହୁଁଥିବା କୁହାଯାଉଛି । ଏନେଇ ଦଳ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇ ନଥିଲେ ମଧ୍ୟ ରାହୁଲ ଗାନ୍ଧି ଆପ୍ ସହ ମେଣ୍ଟ ଚାହୁଁଥିବା ଚର୍ଚ୍ଚା ହେଉଛି । ସୂଚନା ଅନୁସାରେ, ଗତକାଲି ଦିଲ୍ଲୀରେ କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ହରିୟାଣାର ପ୍ରାର୍ଥୀଙ୍କ ନାମ ଉପରେ ଆଲୋଚନା କରାଯାଇଥିଲା । କଂଗ୍ରେସ ରାଜ୍ୟରେ ୩୦ରୁ ଅଧିକ ନାମ ଚୂଡ଼ାନ୍ତ କରିଛି । ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ହୋଇପାରେ । କୁହାଯାଉଛି ଯେ, ଏହି ବୈଠକରେ ରାହୁଲ ଗାନ୍ଧି ହରିୟାଣାରେ ଆମ୍ ଆଦମୀ ପାର୍ଟି (ଆପ୍) ସହ ମେଣ୍ଟ ବାବଦରେ ତାଙ୍କ ଦଳର ନେତାଙ୍କଠାରୁ ମତ ଲୋଡ଼ିଛନ୍ତି । କିନ୍ତୁ ଦଳ ଏନେଇ କୌଣସି ଘୋଷଣା କରି ନ ଥିବାବେଳେ ବିଶେଷ ସୂତ୍ରରୁ ସୂଚନା ଅନୁସାରେ, ▶▶ପୃଷ୍ଠା ୭

# ମୁକୁନ୍ଦ ପ୍ରସାଦ ହତ୍ୟାକାଣ୍ଡ ଘଟଣା: ଆଜିଠୁ କୋହଳ ହେଲା ଧାରା ୧୬୩, ୫ଟି ୱାର୍ଡରେ ଖୋଲିଲା ଅଙ୍ଗନବାଡ଼ି ଓ ୬ଟି ସ୍କୁଲ

ଖୋର୍ଦ୍ଧା, ୩/୯ (ନି.ପ୍ର): ଶିଳ୍ପାଂଚଳ ଥାନା ମୁକୁନ୍ଦପ୍ରସାଦ ହିଂସାକାଣ୍ଡର ଆଠ ଦିନ ପରେ ଆଜି ଠାରୁ କୋହଳ ହୋଇଛି ଧାରା ୧୬୩। ସ୍ଥାନୀୟ ଜନ ପ୍ରତିନିଧି ଏବଂ ସଚେତନ ନାଗରିକଙ୍କ ସହିତ ଆଲୋଚନା କରି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଂଚଳର ସ୍କୁଲ୍ ଏବଂ ଅଙ୍ଗନବାଡ଼ି ଉପରେ ଲାଗୁ ହୋଇଥିବା ଉପରୋକ୍ତ ଧାରାକୁ ହଟାଇ ଦିଆଯାଇଛି। ସୋମବାରଠାରୁ ମୁକୁନ୍ଦପ୍ରସାଦର ୱାର୍ଡ ନମ୍ବର ୨, ୨୧, ୨୨ ଏବଂ ୧ ଓ ୩ ନମ୍ବର ୱାର୍ଡର କିଛି ଅଂଶରେ ଥିବା ସବୁ ଅଙ୍ଗନବାଡ଼ି ଖୋଲିଛି। ଏପରିକି ସ୍ଥାନୀୟ ଅଂଚଳର ଥିବା ୬ଟି ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ହାଇସ୍କୁଲ୍‌କୁ ବି ଖୋଲିବାକୁ ଅନୁମତି ଦିଆଯାଇଛି। ସେଗୁଡ଼ିକ ହେଲା, ଜୟୀରାଜଗୁରୁ ସରକାରୀ ଉଚ୍ଚ ବିଦ୍ୟାଳୟ, ଜେମାଦେଈ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଜୟୀରାଜଗୁରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୁକୁନ୍ଦପ୍ରସାଦ ସରକାରୀ ପ୍ରାଥମିକ ବିଦ୍ୟାଳୟ, ମୁକୁନ୍ଦପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଚାଚେରା ଶବର ସାହି ପ୍ରାଥମିକ ବିଦ୍ୟାଳୟ। ତେବେ ମୁକୁନ୍ଦପ୍ରସାଦରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମୋଟ୍ ୮ଟି କଟକଣା ଲାଗୁ କରଯାଇଥିଲା। ସେଥି ମଧ୍ୟରୁ ସ୍କୁଲ୍ ବନ୍ଦ ସହିତ କଲେଜକୁ ବି ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଇଥିଲା। ହେଲେ ମୁକୁନ୍ଦପ୍ରସାଦରେ ଥିବା କଲେଜ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଉପରୁ କୌଣସି କଟକଣା ହଟିନାହିଁ। ସେହିପରି କୌଣସି ପରିସ୍ଥିତିରେ ବିନା ଅନୁମତିରେ ୫ଜଣ ଲୋକ ଏକାଠି ହୋଇ ପାରିବେ ନାହିଁ, ଦୋକାନ ବଜାର ସବୁ ବନ୍ଦ କରାଯିବା ଭଳି ଅନ୍ୟ ସାତ ଗୋଟି କଟକଣା ବଳବତର ରହିଲା।ଗୋଟିଏ କଟକଣା ଯଦିଓ କୋହଳ ହୋଇଛି, କିନ୍ତୁ ଦୋକାନ ବଜାର ଉପରେ କଟକଣା ଲାଗୁ ରହିବା ଘଟଣା ଲୋକଙ୍କର ଆର୍ଥିକ ସ୍ଥିତି ଖରାପ କରି ଦେଇଛି।ଅନ୍ୟପକ୍ଷରେ ପୁଲିସ ପ୍ରଶାସନ ପକ୍ଷରୁ ଏହି ଘଟଣାରେ ମୋଟ୍ ୧୪ଜଣଙ୍କୁ ଗିରଫ କରି ସାରିଲାଣି। ଭଙ୍ଗାରୁଜା ଘଟଣାରେ ୧୧ଜଣ ଗିରଫ ହୋଇଥିବା ବେଳେ ହତ୍ୟାକାଣ୍ଡରେ ତିନି ଜଣ ଜେଲ ଯାଇଛନ୍ତି। ଶାନ୍ତି କମିଟି ଗଠନ କରି ସ୍ଥାନୀୟ ଅଂଚଳରେ ଶାନ୍ତି ଫେରାଇ ଆଣିବାକୁ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଛାତରୁ କଂକ୍ରିଟ୍ ଖସିଲା: ଅଳ୍ପକେ ବଂଚିଗଲା ଜୀବନ

ଘଟଗାଁ, ୩/୯ (ନି.ପ୍ର): ଆନନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଛାତରୁ କଂକ୍ରିଟ୍ ଖସିଥିବା ବେଳେ ଅଳ୍ପକେ ରୋଗୀଙ୍କ ଜୀବନ ବଂଚିଯାଇଥିବା ଜଣାପଡିଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରର ବିଭିନ୍ନ ସ୍ଥାନରୁ କଂକ୍ରିଟ୍ ଖସୁଥିବା ବେଳେ ଏହା ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ ପୁରୁଣା ହେଇ ଥିବା ଅତିରିକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ପରିଗଣିତ ହେଉଥିବାବେଳେ ତତ୍କାଳୀନ ଉପ-ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳ, ସ୍ୱାସ୍ଥ୍ୟମନ୍ତ୍ରୀ ଜଗନ୍ନାଥ ରାଉତ, ସ୍ଥାନୀୟ ପୂର୍ବତନ ବିଧାୟକ ଜୟଦେବ ଜେନା ୧୯୯୭ ମସିହା ମଇ ୮ ତାରିଖ ଦିନ ଉଦ୍ଘାଟନ କରିଥିଲେ। ବିଭିନ୍ନ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରଟିର ଉନ୍ନତିକରଣ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ଯୋଗୁଁ ଛାତ ସିଲିଂର ବିଭିନ୍ନ ସ୍ଥାନରୁ କଂକ୍ରିଟ ଖସି ପଡୁଥିବାରୁ ରୋଗୀମାନେ ଭୟଭୀତ ହେଉଥିବା ବେଳେ କାର୍ଯ୍ୟରତ କର୍ମଚାରୀ ନିଜକୁ ନିରାପଦ ମଣୁଚାହାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ପରବର୍ତୀ ସମୟରେ ୨୦୨୩ ଜୁନ ମାସରେ ସରକାରଙ୍କ ପକ୍ଷରୁ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାବରେ ମାନ୍ୟତା ପାଇବା ପରେ ଡ୍ରେସିଂରୁମ୍ ଠାରୁ ଆରମ୍ଭ କରି ଟିକେ କ ସଂଗ୍ରହ ଗୃହ, ରକ୍ତ ନମୂନା ପରୀକ୍ଷାଗାର, ରୋଗୀ ବସିବା ସ୍ଥାନ ପ୍ରମୁଖ ନିର୍ମାଣ କରାଯାଇଥିବାର ଦେଖାଯାଇଛି। କିନ୍ତୁ ପରିତାପର ବିଷୟ ଗତ ସେପଟ୍ଟେମ୍ବର ୧ ତାରିଖ ରବିବାର ଦିନ ସ୍ୱାସ୍ଥ୍ୟକେନ୍ଦ୍ରର ଠାରେ ବିଭିନ୍ନ ସ୍ଥାନରୁ କଂକ୍ରିଟ ଖସିବା, ଡାକ୍ତରଙ୍କ ରହିବା ଘର ମଧ୍ୟ କଚାଟ ଝରକା ଭାଙ୍ଗି ବିପଦ ସଂକୂଳ ଅବସ୍ଥାରେ ରହିଥିବାରୁ ଡାକ୍ତର ବାହାରେ ଘରଭଡ଼ା ନେଇ ରହୁଥିବାର ଜଣାଯାଇଛି। ପୂର୍ବରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିବା ବେଳେ ସରକାରଙ୍କର ନିୟମ ଅନୁଯାୟୀ ରୋଗୀ ଦେଖିବା ସମୟ ସକାଳ ୮ଘଟିକା ଠାରୁ ୧୨ଘଟିକା ଓ ଅପରାହ୍ନ ୪ ଘଟିକା ଠାରୁ ୬ଘଟିକା ସମୟ ରହିଥିବା ବେଳେ ବର୍ତମାନ ସହରାଂଚଳ ସ୍ୱାସ୍ଥ୍ୟକେନ୍ଦ୍ର ଘୋଷିତ ହେବାପରେ ରୋଗୀ ଦେଖିବା ସମୟ ସକାଳ ୮ଘଟିକା ଠାରୁ ୧୧ଘଟିକା ଓ ଅପରାହ୍ନ ୫ଘଟିକା ଠାରୁ ୮ଘଟିକା ସମୟ ଧାର୍ଯ୍ୟ ହୋଇଥିବାରୁ ପ୍ରତ୍ୟେହ ଦୂର ଦୂରାନ୍ତରୁ ଆସୁଥିବା ଶତାଧିକ ରୋଗୀଙ୍କୁ ଦେଖିବା ଧାର୍ଯ୍ୟ ସମୟ ଅତିକ୍ରମ କରୁଥିବାରୁ ପୂର୍ବ ସମୟକୁ ପୁନରାକୁ କରିବାକୁ ନିର୍ଦ୍ଦେଶ ହୋଇଛି। ଅନେକ ସମୟରେ ରୋଗୀ ଓ ଆସିଥିବା ସମ୍ପର୍କୀୟମାନେ ଡାକ୍ତରଙ୍କୁ ଦେଖାକରିବା ପାଇଁ ଆସିଥିବା ବେଳେ ଦିନ ୧୧ଟା ସମୟ ଧାର୍ଯ୍ୟ ହୋଇଥିବାରୁ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଉଚ୍ଚବାଚ ହେବା ଘଟଣା ଲାଗି ରହିବା ଯୋଗୁଁ ଆଗାମୀ ଦିନରେ ଆଇନ, ଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କା ପ୍ରକାଶ ପାଇଛି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରହିଥିବା ଆପ୍ କ୍ଲାଟକକୁ ନେଇ ବିଭାଗୀୟ କର୍ମଚାରୀମାନଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷର କାହାକରଣ ସୃଷ୍ଟି ହେଉଥିବାର ସୂଚନା ମିଳିଛି।

# ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୩/୯ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡା ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ସହକାରି ନବାହି ଯନ୍ତ୍ରୀ ବିଶ୍ୱନାଥ ପାତ୍ର,ଜିପିଓ ଭାଗିରଥି ନାୟ.ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ ନିଶା ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ । ନୁତନ ରାସ୍ତା, ରାସ୍ତା ମରାମତି, ଷ୍ଟ୍ରିଟ ଲାଇଟ, ଡ୍ରେନ , ପାନିୟ ଜଳ ଆଦି ଉପରେ ଅଭିଯୋଗ କରାଯାଇଥିଲା । ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା । ରାବଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା ।

# ନଡ଼ିଆ ଗୁଣ ଜ୍ଞାନ ସ୍ୱାସ୍ଥ୍ୟ ଶିବିର

ଗଂଜାମ, ୩/୯ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ନଡ଼ିଆ ଦିବସରେ ନଡ଼ିଆର ଗୁଣ ଅବଗତ ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଡ଼ା. ନକୁଳ ସାହୁ ନଡ଼ିଆର ଫୁଲ, କତା, ସଢେଇ, ପାଣି, ଫଳ ଓ ତେଲ ବହୁ ଗୁଣକାରୀ ବୋଲି କହିଛନ୍ତି। ଏହାର ଫୁଲ ରକ୍ତସ୍ରାବ, ପ୍ରମେହ ଭଲ କରେ। ନଡିଆ ପାଣି ତୃଷା, ଦାହ, ପରିସ୍ରା ଜ୍ୱାଳା, କୃମି, ଶ୍ରମ ଓ ଦୁର୍ବଳତା ଦୂର କରେ। ଚିନି ସହ ନାକରେ ପକାଇଲେ ଅଧକପାଳୀ ଭଲ ହୁଏ। ନଡ଼ିଆ ସ୍ନାୟୁ ଦୁର୍ବଳ ଦୂରକରି ଶକ୍ତି ବଢାଏ। ନଡ଼ିଆକ୍ଷୀର ଶକ୍ତି ବଢାଏ। ନଡ଼ିଆତେଲ ସହ କର୍ପୂର ମିଶାଇ ଲଗାଇଲେ ଘିମିରି, ଘା ଓ ସମସ୍ତ ଚର୍ମରୋଗ ଭଲ ହୁଏ। ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ,ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ।

# କେନ୍ଦ୍ରାପଡାରେ ମିଳିତ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା, ୩/୯ (ନି.ପ୍ର): କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନ୍ ହଲ୍ ଠାରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟାରିଆ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପଜିଲ୍ଲାପାଳ ଅଶୋକ କୁମାର ଦାସ, କେନ୍ଦ୍ରାପଡ଼ା ତହସିଲଦାର ତାପସ ଦେହୁରୀ ଓ ବିଡିଓ ବନ୍ଦନା ଖଟୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଅନୀତା ପଟ୍ଟନାୟକ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରମୂଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୨୨୮ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥିମଧ୍ୟରୁ ୪୧ ଗୋଟି ସାମୁହିକ ଏବଂ ୧୮୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ଏକ ଲକ୍ଷ ପଚାଶ ହଜାର ଟଙ୍କା ୧୫ଜଣ ଆବେଦନକାରୀ ଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡ୍‌କ୍ରସ୍ ପାଣ୍ଠିରୁ ୬ ଜଣ ଆବେଦନକାରୀ ଙ୍କୁ ଚିକିତ୍ସା ସହାୟତା ଓ ଥଇଥାନ ବାବଦରେ ମୋଟ୍ ୨୮ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି । ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ, ପାରିବାରିକ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭୂମିହିନ ପଟ୍ଟା, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ରାସନ୍‌କାର୍ଡ଼ ପ୍ରଦାନ, ବାର୍ଦ୍ଧକ୍ୟ ଭତା, ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ପ୍ରଦାନ ଆବେଦନ ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ଗ୍ରାମ୍ୟ ସମସ୍ୟା, ଓଏଲଆର ସିଲିଂ ପଟ୍ଟା, ନୂତନ ରାଜସ୍ୱ ଗ୍ରାମ ଘୋଷଣା, ଜଳ ନିଷ୍କାସନ, ଗ୍ରାମ୍ୟ ରାସ୍ତା ମରାମତି ଓ ନିର୍ମାଣ, ସରକାରୀ ରାସ୍ତା ଅବରୋଧ ହଟାଇବା, ସର୍ବ ସାଧାରଣ ସମ୍ପତିର ସୁରକ୍ଷା, ସରକାରୀ ଜମିର ସୁରକ୍ଷା ଓ ବେଆଇନ ଅବରୋଧ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅଭିଯୋଗ ଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ସୁଦିକ୍ଷା ଯୋଜନାରେ ଲକ୍ଷ ଲକ୍ଷ ଟଙ୍କାର ଠକେଇ ଅଭିଯୋଗ

କେନ୍ଦ୍ରାପଡ଼ା, ୩/୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର କେତେକ ମହିଳା ଓ ଛାତ୍ରୀ ଏହି ଯୋଜନାର ଶିକାର ହୋଇ ଲକ୍ଷ ଲକ୍ଷ ଟଙ୍କା ହରାଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ବିଦ୍ୟାଳୟ ପାଠପଢା ପରେ ସେହି ପାଠକୁ ମଜାରେ ଇ-ଲର୍ଣ୍ଣ ମାଧ୍ୟମରେ ପଢିବାର ଯୋଜନାରେ ସେହି ଗ୍ରାମର ସ୍ୱାଗତିକା ଗ୍ରହାଚାର୍ଯ୍ୟ ଓ ସଂସ୍ଥାର ମାଲିକ ପ୍ରତାପ ଚନ୍ଦ୍ର ସାହୁ ସ୍ଥାନୀୟ ମହିଳା ଓ ଝିଅ ମାନଙ୍କୁ ଏହି ସଂସ୍ଥାରେ ଚାକିରୀ କରାଇବାରେ ସୁଯୋଗ ଦେବାରେ କହି ସେମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ସରୋଜିନୀ ମଲିକ, ଗୀତାଞ୍ଜଳୀ ମଲିକ, ସଂନ୍ଧ୍ୟାରାଣୀ ଲେଙ୍କା, ଲକି ସାହୁ, ପାୟଲ ସାହୁ, ଶିବାନୀ ସାହୁ, ରଶ୍ମିତା ସ୍ୱାଇଁ, ଭାଗ୍ୟଲକ୍ଷ୍ମୀ ଦାସ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ସୁଦିକ୍ଷା ସଂସ୍ଥାର ମାଲିକ ଓ ଟଙ୍କା ଆଦାୟ କରିଥିବା ମହିଳାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

# ଇଫକୋ ଏମସି କ୍ରପ ସାଇନ୍ସର ଦଶମ ସ୍ଥାପନ ଦିବସ ପାଳିତ

ଜୟପୁର, ୩/୯ (ନି.ପ୍ର): ସଚେତନତା ହିଁ ସଫଳତାର ମାପକାଠି। ଏହି ଉକ୍ତିକୁ ଉପସ୍ଥାପନା କରିଥିଲା ଇଫକୋ ଏମସି. କ୍ରପ ସାଇନ୍ସ। ପ୍ରାୟ ଶହେ ଜଣ ଚାଷୀଙ୍କୁ ନେଇ ବୋରିଗୁମ୍ମା ବ୍ଲକ କାଠରଗଡ଼ା ଠାରେ ଇଫକୋ ଏମସି. କ୍ରପ ସାଇନ୍ସ ପାଳନ କରିଛି ଏହାର ଦଶମ ସ୍ଥାପନ ଦିବସ। ଏହି ସଭାରେ ଚାଷୀମାନଙ୍କ ବିଭିନ୍ନ କୀଟ ଜନିତ ସମସ୍ୟା ଓ ଏହାର ପ୍ରତିକାର ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହା ସହ ଇଫକୋର ବିଭିନ୍ନ କୀଟନାଶକ ଔଷଧର ପ୍ରୟୋଗ ଓ ଏହାର ଉପକାରିତା ସମ୍ବନ୍ଧରେ ସୂଚନା ଦେଇଥିଲେ କୋରାପୁଟ ଇଫକୋ ଡେପୁଟି ମ୍ୟାନେଜର୍ ବିଶ୍ୱ ରଞ୍ଜନ ଜୟସିଂହ। ଏହା ସହ ସଠିକ ଦାମ୍ ରେ ସଠିକ ଔଷଧର ଗୁରୁମନ୍ତ୍ର ଦେଇଥିଲେ। ଏହି ସଭାକୁ ପରିଚାଳନା କରିଥିଲେ ବିଭୁ ପ୍ରସାଦ ଓ ତାଙ୍କୁ ସହୋଯାଗ କରିଥିଲେ ବିକାଶ କୁମାର ସାମନ୍ତ। ଏପରି ସଭା ଦ୍ୱାରା କୋରାପୁଟ ଜିଲ୍ଲା ସମ୍ପୂର୍ଣ୍ଣ ରୂପେ କିଟାଣୁ ମୁକ୍ତ ଫସଲ ଜିଲ୍ଲା ହୋଇ ଏଠାକାର ଚାଷୀ ମାନଙ୍କ ଆର୍ଥିକ ଉନ୍ନତି ଦିଗ ରେ ସହାୟକ ହେବ ବୋଲି ଚାଷୀ ମାନଙ୍କ ଭିତରେ ଆଲୋଚନା ହୋଇଥିଲା।

# ଜିଲ୍ଲା ବରିଷ୍ଠ ନାଗରିକ ସଂଘ ବଲାଙ୍ଗୀରରେ କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର, ୩/୯ (ନି.ପ୍ର): ସ୍ଥାନୀୟ ଟିକ୍ରାପଡା ଗାନ୍ଧୀପାଠାଗାର, ଟିକ୍ରାପଡା ବଲାଙ୍ଗୀର ଠାରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ବଲାଙ୍ଗିର ର ଏକ କାର୍ଯ୍ୟକାରିଣୀ ବୈଠକ ସଂପାଦକ ବସନ୍ତ କୁମାର ଆଚାର୍ଯ୍ୟାଙ୍କ ଅନୁରୋଧ କ୍ରମେ ଘାସିରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଅତିଥିଗଣଙ୍କ ସହିତ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମୁଖ୍ୟତଃ ପ୍ରତିବର୍ଷ ପରି ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ସଂଘ ପରିବାରର ପବିତ୍ର ନୂଆଁଖାଇ ଭେଟ ଉତ୍ସବ ପାଳନ କରିବାକୁ ମୁଖ୍ୟ ଉପଦେଷ୍ଟା ବିକ୍ରମ ବହିଦାର ପ୍ରସ୍ତାବ କ୍ରମେ ମାନ୍ୟବର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗ ଦେଇ ଉତ୍ସବକୁ ଉଦ୍ ?ଘାଟନ କରିବେ ବୋଲି ପ୍ରକାଶ କରିଥିଲେ। ଉକ୍ତ ପ୍ରସ୍ତାବରେ ସଭାପତି ଶ୍ରୀଯୁକ୍ତ ମିଶ୍ର ସହିତ ଉପସ୍ଥିତ ସଭ୍ୟ/ସଭ୍ୟା ସମସ୍ତେ ସ୍ୱାଗତ କରିଥିଲେ। ପରବର୍ତି ମୁହୂର୍ତ୍ତରେ ସଂଘ ର ସାଂଗଠନିକ ନୂତନ ସଭ୍ୟ ଗ୍ରହଣ, ଆଜିବନ ସଭ୍ୟ ପାଇଁ ନିଷ୍ପତି ସହିତ ପରବର୍ତି କାଯ୍ୟ ତଥା ସମସ୍ତ ସେବା ଶିବିର ଅନୁଷ୍ଠିତ କରିବାକୁ ନିଷ୍ପତି ହୋଇଯାଇଛି । ଶେଷରେ ବୈଠକର ସଫଳତାକୁ ନେଇ ଶିବ ଶଙ୍କର ଖୁଆସ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ଉପଦେଷ୍ଟା ସୁବାଷ ଚନ୍ଦ୍ର ପଣ୍ଡା, ଶଶିଭୂଷଣ ପୁରୋହିତ କୋଷାଧକ୍ଷଙ୍କ ସହିତ, ପର୍ଶୁରାମ ନାୟକ, ଡ. ଉମାକାନ୍ତ ପାତ୍ର, ବିପିନ ପଣ୍ଡା, ପଦ୍ମନାଭ ଭୋଇ, ଯଥା ବିଶ୍ୱାଲ, ପ୍ରଦୀପ ଗୁରୁ, ଭଞ୍ଜ ନାଗ, ଲକ୍ଷରାମ ସାହୁ, ରାଧାକୃଷ୍ଣ ମେହେର, ସନ୍ତୋଷ ନନ୍ଦ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଚତୁର୍ଥ ପ୍ରତିଷ୍ଠା ଦିବସ ପାଳିତ

ବଲାଙ୍ଗୀର, ୩/୯ (ନି.ପ୍ର): ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଚତୁର୍ଥ ପ୍ରତିଷ୍ଠା ଦିବସ ନୂତନ ଶିକ୍ଷ୍ୟା ସୌଧ ଠାରେ ଥିବା ସମ୍ମିଳନୀ କକ୍ଷରେ ପାଳିତ ହୋଇ ଯାଇଛି।ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଉମା ବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱ ବିଦ୍ୟାଳୟ ର କୁଳପତି ପ୍ରଫେସର ଡ.ସବିତା ଆଚାର୍ଯ୍ୟ,ଅନ୍ୟତମ ସମ୍ମାନିତ ଅତିଥି ପଦ୍ମଶ୍ରୀ ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ମେହେର,ବିଶ୍ୱ ବିଦ୍ୟାଳୟ ର ସ୍ନାତକୋତର ପରିଷଦ ଅଧ୍ୟକ୍ଷ ଡ. ରାଜ କିଶୋର ପାତ୍ର ଯୋଗଦେଇଥିଲେ। ସଭା ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଏବଂ ବେଦମନ୍ତ୍ର ପାଠ କରାଯାଇଥିଲା। ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ଯୁଧିଷ୍ଠିର ନାୟକ ଯୋଗଦେଇ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ପରେ ଡ.ପ୍ରତାପ କୁମାର ଦାଶ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଡ.ସବିତା ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ଛାତ୍ର ଛାତ୍ରୀ ମାନେ କିଭଳି ସମସାମୟିକ ବ୍ୟବସ୍ଥା ପରିବେଶର ଆହ୍ୱାନକୁ କିପରି ସଫଳ ଭାବେ ମୁକାବିଲା କରି ଆଗକୁ ବଢ଼ିବେ ଏବଂ ଏକ ସଫଳ ଜୀବନ ଯାପନ କରିବେ ସେ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପଦ୍ମଶ୍ରୀ ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ମେହେର ତାଙ୍କ ଜୀବନବ୍ୟାପୀ କଳା ସାଧନାର ଅଭିଜ୍ଞତା ସମ୍ପର୍କରେ ଆଲୋକପାତ କରିବା ସହ ସାଧନା ଓ ଜ୍ଞାନ ଆହରଣ ଦ୍ୱାରା କିଭଳି ଉନ୍ନତିର ଚରମ ସୋପାନକୁ ଅତିକ୍ରମ କରିହୁଏ ସେ ସମ୍ପର୍କରେ ଅବଗତ କରାଇ ଥିଲେ।ସଭାର ସଭାପତି ବିଶ୍ୱବିଦ୍ୟାଳୟର କୁଳପତି ମହୋଦୟ ତାଙ୍କ ଅଭିଭାଷଣ ରେ ବିଶ୍ୱବିଦ୍ୟାଳୟର ହୋଇଥିବା ଅଗ୍ରଗତି ଓ ଅନୁଷ୍ଠାନର ସୈକ୍ଷିକ ଓ ସାଂସ୍କୃତିକ ବାତାବରଣ କିପରି ହୋଇପାରିବ ସେ ସମ୍ପର୍କରେ ଛାତ୍ର ଛାତ୍ରୀ ତଥା ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଛାତ୍ର ଛାତ୍ରୀମାନଙ୍କୁ ଶୃଙ୍ଖଳିତ ତଥା ଅଧ୍ୟବସାୟୀ ରହିବା ପାଇଁ ପରାମର୍ଶ ଦେଇଥିଲେ। ଅଧିକନ୍ତୁ ସେ ତାଙ୍କ ସମ୍ଭାଷଣ ରେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଶିକ୍ଷ୍ୟା ଓ ଗବେଷଣାକୁ ପ୍ରାଧାନ୍ୟ ଦେବା ସପକ୍ଷରେ ତାଙ୍କ ସୁଚିନ୍ତିତ ମତ ପ୍ରଦାନ କରିଥିଲେ। ସ୍ନାତକୋତର ପରିଷଦର ଅଧ୍ୟକ୍ଷ ଡ଼. ରାଜ କିଶୋର ପାତ୍ର ଛାତ୍ର ଛାତ୍ରୀଙ୍କ ଜୀବନରେ ଶୃଙ୍ଖଳା ଏବଂ ନିରନ୍ତର ଅଧ୍ୟବସାୟର ସୁଫଳ ବିଷୟରେ ସୁଚିନ୍ତିତ ମତ ରଖିଥିଲେ। ଇତ୍ୟବସରରେ ବିଶ୍ୱବିଦ୍ୟାଳୟର କୁଳପତି ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ର ବାର୍ଷିକ ପତ୍ରିକା ପ୍ରଜ୍ଞାଜ୍ୟୋତି ଉନ୍ମୋଚନ କରିବା ସହିତ ପଦ୍ମଶ୍ରୀ ଶ୍ରୀ କୈଳାସ ଚନ୍ଦ୍ର ମେହେରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ଏହି ଆନୁଷ୍ଠାନିକ ସଭାରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ, ବିଶ୍ୱବିଦ୍ୟାଳୟ ଅଧିନସ୍ଥ ବିଭିନ୍ନ ମହାବିଦ୍ୟାଳୟ ର ନିମନ୍ତିତ ଅଧ୍ୟକ୍ଷ ସମୂହ, ବିଶ୍ୱବିଦ୍ୟାଳୟର ସିଣ୍ଡିକେଟର୍ ସଦସ୍ୟ, ଛାତ୍ର ଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ରହି ସଭାକୁ ସଫଳ୍ୟ ମଣ୍ଡିତ କରିଥିଲେ। ସ୍ନାତକୋତର ଛାତ୍ର ସୋମ ଓ ଛାତ୍ରୀ ଅଙ୍କିତା ମଂଚ ପରିଚାଳନା କରିଥିଲେ।ଏତଦ୍ ବ୍ୟତୀତ ଅପରାହ୍ନ ରେ ଅନୁଷ୍ଠାନ ର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନଙ୍କ ମିଳିତ ଉଦ୍ୟମ ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା।

# କରେଂଟ ଲାଗି ପଡିଆ ବ୍ଲକ ଯୋଗାଣ ଅଧିକାରୀଙ୍କ ମୃତ୍ୟୁ

ମାଲକାନଗିରି, ୩/୯ (ନି.ପ୍ର): ଇସ୍ତ୍ରି କରୁଥିବା ବେଳେ ଚାଲିଗଲା ବ୍ଲକ ଯୋଗାଣ ଅଧିକାରୀଙ୍କ ଜୀବନ। କରେଂଟ ଲାଗି ପଡିଆ ବ୍ଲକ ଯୋଗାଣ ଅଧିକାରୀ କୁମୁଦମୟ ଗମାଙ୍ଗଙ୍କ ମୃତ୍ୟୁ ହୋଇଛି । ଆଜି ସକାଳେ ଘଟିଛି ଏହି ଅଭାବନୀୟ ଘଟଣା। ଗତ କିଛି ମାସ ତଳେ କାଲିମେଳା ବ୍ଲକରୁ ପଡିଆ ବ୍ଲକକୁ ବଦଳି ହୋଇଥିବା ବେଳେ କାଲିମେଳା କ୍ଲଷ୍ଟର ବିଲଡିଙ୍ଗ ରେ ଥିବା କ୍ୱାର୍ଟରରେ ରହୁଥିଲେ ।ଆଜି ପଡିଆ ବ୍ଲକରେ ନବରଙ୍ଗପୁର ସାଂସଦଙ୍କ ସମୀକ୍ଷା ଥିବାରୁ ତରତର ହୋଇ ଖାଲି ଦେହରେ ନିଜ ପ୍ୟାଂଟ ସାର୍ଟ ଆଇରନ କରୁଥିବା ବେଳେ ଶରୀରରେ କରେଂଟ ଲାଗି ଯାଇଥିଲା। ଶରୀର ଉପରେ ଆଇରନ ପଡ଼ି ଲାଗି ରହିଥିବା ବେଳେ କାଲିମେଳା ପୁଲିସ କ୍ୱାର୍ଟର ଭିତରକୁ ଯାଇ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତ ଯୋଗାଣ ଅଧିକାରୀଙ୍କ ଘର ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଲକ୍ଷ୍ମଣଗୁଡା ଗ୍ରାମରେ ବୋଲି ଜଣାଯାଇଛି।

# ସୋନପୁର ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ବିଭିନ୍ନ ମାମଲାରେ ୩୪ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ୩/୯ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୁବର୍ଣ୍ଣପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୪ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ୨୪ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୦ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଶିବିରରେ ଗୋଟିଏ ଅଭିଯୋଗ ଦରଖାସ୍ତର ତୁରନ୍ତ ଫଇସଲା ହୋଇଥିଲା। ଅନ୍ୟ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ, ସୋନପୁର ସୌମ୍ୟ ରଞ୍ଜନ ସ୍ୱାଇଁ ଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଅଶ୍ୱିନୀ କୁମାର ମେହେର, ଜିଲ୍ଲା ବନାଂଚଳ ଅଧିକାରୀ ମଦନଲାଲ ଶର୍ମା, ସି ଡି ଏମ ଓ ଡା ଦୁର୍ଗାଦତ ଦାସ, ଉପଜିଲ୍ଲାପାଳ ସୋନପୁର ସୂରଜ କୁମାର ପଟ୍ଟନାୟକ, ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ , ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ପଂଚାୟତ ସମିତି ଅଧ୍ୟକ୍ଷ ସୋନପୁର ପ୍ରହଲ୍ଲାଦ ନାୟକ, ଜିଲ୍ଲା କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ,ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, ଜିଲ୍ଲା କ୍ରୀଡା ଅଧିକାରୀ ଚିତରଞ୍ଜନ ମିଶ୍ର , ଅଧିକ୍ଷଣ ଯନ୍ତ୍ରୀ ଆରଡି ବିଏନ୍‌କେ ରେଡ୍ଡୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ନିର୍ବାହୀ ଯନ୍ତ୍ରୀ ପି ଏଚ ଡି,ଏ କେ ମୂର୍ତୀ ତହସିଲଦାର ସୋନପୁର ସୌମ୍ୟାରୂପା ରଥ , ଡେପୁଟି କଲେକ୍ଟର(ଗ୍ରୀଭେନସ) ଶୁଭଶ୍ରୀ ରଥ,ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ଓଏଭି ପଥରଚେପାରେ ସଂସ୍କୃତ ସପ୍ତାହ ପାଳିତ

ବଲାଙ୍ଗୀର, ୩/୯ (ନି.ପ୍ର): ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଏବଂ ଜନଜାଗରଣ ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସଂସ୍କୃତ ଭାଷାରେ ଗୀତ ଗାୟନ, ନୃତ୍ୟ, ଶ୍ଳୋକୋଚ୍ଚାରଣ, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା। ସମାରୋପ ସମାରୋହ ରେ ବିଦ୍ୟାଳୟର ଅଧ୍ୟକ୍ଷ କ୍ଷମାନିଧୀ ଝାଙ୍କର ଅନୁବାଦ ବିନା ମୂଳ ଗ୍ରନ୍ଥର ଅର୍ଥ ଜାଣିବା ପାଇଁ ସଂସ୍କୃତ ଜ୍ଞାନ ଅତ୍ୟନ୍ତ ଆବଶ୍ୟକ ବୋଲି ମତପୋଷଣ କରିଥିଲେ। ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର ସ୍ୱାଗତ ଭାଷଣରେ ସଂସ୍କୃତ ଅଧ୍ୟୟନ ର ବିଭିନ୍ନ ଲାଭ ବିଷୟରେ ଅବଗତ କରାଇଥିଲେ। ଓଡ଼ିଆ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଛାତ୍ରଛାତ୍ରୀ ପ୍ରାଚୀନ ଭାରତୀୟ ବିଜ୍ଞାନ ପ୍ରଦର୍ଶନୀ ଏବଂ ବସ୍ତୁ ପ୍ରଦର୍ଶନୀ ଦେଖି ଥିଲେ। ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ବିଶେଷ ଏଥିରେ ସହଯୋଗ କରିଥିଲେ।

# ବ୍ରହ୍ମବରଦାଠାରେ ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର : ୧୨୪ ଅଭିଯୋଗ

ଧର୍ମଶାଳା, ୩/୯ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତ କାର୍ଯ୍ୟାଳୟ ପରିସରରେ ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ରସୁଲପୁର ବିଡିଓ ଅବନିକାନ୍ତ ସାହୁ,ତହସିଲଦାର ନିରଞ୍ଜନ ସାହୁ,ବ୍ଲକ ଶିକ୍ଷା ଅଧିକାରୀ ନୀଳାମ୍ବର ମିଶ୍ର,ବ୍ରହ୍ମବରଦା ଥାନା ଅଧିକାରିଣୀ ଅଂଶୁମାଳା ଦାସଙ୍କ ସମେତ ସମସ୍ତ ବ୍ଲକ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ । ସକାଳ ୧୦ଟା ସମୟରେ ଏହି ଶିବିର ଆରମ୍ଭ ହୋଇ ଅପରାହ୍ନରେ ଶେଷ ହୋଇଥିଲା । ପଂଚାୟତର ୧୨୪ ଜଣ ମହିଳା ଓ ପୁରୁଷ ସେମାନଙ୍କ ଅଭିଯୋଗ ନେଇ ଆସିଥିଲେ । ସେମାନଙ୍କ ମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ପାଇଁ ୮୩,ରାସନ କାର୍ଡ ପାଇଁ ୨୯, ଜମି ପଟ୍ଟା ପାଇଁ ୧୧ ଓ ଜଣେ ଭର୍ତା ପାଇବା ପାଇଁ ଆବେଦନ କରିଥିଲେ । ବ୍ଲକ ପ୍ରଶାସନିକ ଅଧିକାରୀ ଏହି ସବୁ ଅଭିଯୋଗର ଯାଂଚ କରି ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଡିଓ ଅବନିକାନ୍ତ ସାହୁ ପ୍ରକାଶ କରିଥିଲେ । ପର୍ଯ୍ୟାୟକ୍ରମେ ବିଭିନ୍ନ ପଂଚାୟତରେ ଏଭଳି ଶିବିର କରାଯାଇ ଲୋକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି । ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିରକୁ ସମସ୍ତେ ଆସି ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିପାରୁ ନ ଥିବା ବେଳେ ପଂଚାୟତ ସ୍ତରୀୟ ଏହି ଶିବିରରୁ ଜନସାଧାରଣ ସୁଫଳ ପାଇବେ ବୋଲି ଲକ୍ଷ୍ୟ ରଖାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ପଂଚାୟତର ଯୁବନେତା ରାକେଶ ଦେଓ,ଜୁଲଫିକର ଅଲ୍ଲୀ,ଅନୱର ଖାଁନ,ଦୀନବନ୍ଧୁ ରାଉତ ଓ ଦିପକ ସାହୁଙ୍କ ସମେତ ୱାର୍ଡ ସଭ୍ୟ ସହଯୋଗ କରିଥିଲେ ।

# କେନ୍ଦ୍ରାପଡା କ୍ରିକେଟ୍ ଆସୋସିଏସନର ବାର୍ଷିକ ଅଧିବେଶନ

କେନ୍ଦ୍ରାପଡ଼ା, ୩/୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ର ୨୦୨୪-୨୫ ବାର୍ଷିକ ଅଧିବେଶନ ବିଜୁ ପଟ୍ଟନାୟକ ଷ୍ଟାଡିୟମ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସଭାପତି ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ସଭାପତିତ୍ୱ ରେ କ୍ରିକେଟର ବିକାଶ ବିଷୟରେ ଆଲୋଚନା ହେବା ସହ ଚଳିତ ବର୍ଷର ଆୟ ବ୍ୟୟ ଏବଂ ବାର୍ଷିକ କାର୍ଯ୍ୟକ୍ରମ ଉପରେ ସାଧାରଣ ସଂପାଦକ ଶୁଭାଶିଷ ସେନାପାତି ସମସ୍ତ ସଭ୍ୟ ମାନଙ୍କୁ ଅବଗତ କରାଇଥିଲେ । ଏହି ସଭାରେ ୩ଜଣ ବିଶିଷ୍ଟ ବ୍ୟକ୍ତି ଏମଡି ସଲିମ ଖାନ, ସମାଜସେବୀ ପ୍ରତାପ କୁମାର ଦାସ, କାଉନସିଲର କାଳୀପ୍ରସାଦ ମିଶ୍ରଙ୍କୁ ଉତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇ ଥିଲା । କ୍ରିକେଟର ସର୍ବାଙ୍ଗିନ ଉନ୍ନତି ନିମନ୍ତେ ଉପ ସଭାପତି ଯୁଗ୍ମ ସଂପାଦକ ଦିପ୍ତି ନାରାୟଣ ଶତପଥୀ, କୋଷାଧକ୍ଷ ନୃସିଂହ ଚରଣ ରଥ, ଉପଦେଷ୍ଟା ଆଇନଜୀବି ଗୋକୁଳି ଚନ୍ଦ୍ର ଦାସ, ଅକିଲ ଅହମଦ, ରାଜେନ୍ଦ୍ର ସୁଆର ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସତ୍ୟପ୍ରକାଶ ତ୍ରିପାଠୀ, ଜଗନ୍ନାଥ ସାହୁ, ରଶ୍ମି ରଂଜନ ବାରିକ, ରଶ୍ମି ରଂଜନ ସିଂହ, ଆକବର ଅଲ୍ଲୀ, ଅଭୟ ପରିଡା, ପିତାମ୍ବର ଦାସ, ତୃପ୍ତିମୟୀ କର, ଲକ୍ଷ୍ମୀପ୍ରିୟା ବେହେରା, ସ୍ମୃତିପ୍ରଭା ନାୟକ, ତମସା ପାତ୍ର ନିଜ ନିଜର ମତ ରଖିଥିଲେ । ସଭା ପରିଚାଳନା ରେ ବରାଳକାନ୍ତ ବରାଳ ସହଯୋଗ କରିଥିଲେ । ଶେଷରେ ଜ୍ୟୋର୍ତିମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତୀୟ ଅଭ୍ୟାସ ଆମେରିକାରେ ହିଟ୍

ବଲିଉଡ୍ ନେଇ କୌତୁହଳ ତ ଅନେକ ଦିନରୁ ଥିଲା । ଏବେ ଯୋଗ ବ୍ୟାୟାମରୁ ଆରମ୍ଭ କରି ଆହୁରି ଅନେକ ରକମର ଭାରତୀୟ ଅଭ୍ୟାସକୁ ନେଇ ମାତିଛନ୍ତି ଆମେରିକାବାସୀ ।



**ବେଷ୍ଟ ଲଟ୍ ଲାଇକ୍ ଏ ଯୋଗୀ :**

ସଂପ୍ରତି ନରେନ୍ଦ୍ର ମୋଦି କଥା ପ୍ରସଙ୍ଗରେ କହିଥିଲେ ଯେତେଜଣ ଆମେରିକୀୟ ଏବେ ଫୁଟବଲ ଧରିବା ପାଇଁ ତଳକୁ ନୁଅଁନ୍ତି, ତାହାଠାରୁ ଅଧିକ ସଂଖ୍ୟକ ଆମେରିକୀୟ ଯୋଗାଭ୍ୟାସ କରିବା ପାଇଁ ତଳକୁ ନୁଅଁନ୍ତି । କଥାଟା କେତେ ସତ ତାହା ଅବଶ୍ୟ



ତର୍କସାପେକ୍ଷ । କିନ୍ତୁ ଏହା ଠିକ୍ ଯେ ଯୋଗବ୍ୟାୟାମ ଆମେରିକାରେ ଏବେ ବେଶ୍ ହିଟ୍ । ହଲିଉଡ୍‌ରୁ ଆରମ୍ଭ କରି ସାଧାଣର ମଣିଷ– ସମସ୍ତଙ୍କ ୱାର୍କଆଉଟ୍ ରୁଟିନରେ ଏବେ ଯୋଗାଭ୍ୟାସ ନିଶ୍ଚିତ । ସପ, ଶୀତଳପଟି ଆସନ ପରିବର୍ତ୍ତେ ସେମାନଙ୍କ ହାତରେ ଏବେ 'ଫ୍ୟାନ୍ସି ଯୋଗ ମ୍ୟାଟ୍' । ଯୋଗବ୍ୟାୟାମକୁ ଆମେରିକୀୟ ଶୈଳୀରେ ଆପଣେଇ ନେଇଚନ୍ତି ଅନେକ । କେତେବେଳେ ପାୱାର ଯୋଗ, କେତେବେଳେ ପୁଣି ବିକ୍ରମ ଯୋଗ ଅଉ ଜେନ୍ ଯୋଗ– ନାନା ରକମର ରୂପ ପାଇଛି ଯୋଗ ବ୍ୟାୟାମ । ଯୋଗାଭ୍ୟାସର ବିଶ୍ୱବ୍ୟାପୀ ଲୋକପ୍ରିୟତା କାରଣରୁ ୨୧ ଜୁନକୁ ଆନ୍ତର୍ଜାତିକ ଯୋଗ ଦିବସ ବୋଲି ଘୋଷଣା କରାଯାଇଛି ।

**ମେହେନ୍ଦିରୁ ହେନା ଟାଟୁ:**

ହାତ ଓ ପାଦରେ ମେହେନ୍ଦି କରିବାର ସଉକ କେବଳ ଆମ ଦେଶରେ ନୁହେଁ, ହଲିଉଡ୍‌ରେ ବି ରହିଛି । ତାହାର ପ୍ରମାଣ ହେଲା ଲସ୍ ଆଞ୍ଜେଲସରେ ଖୋଲିଥିବା ଶହଶହ ମେହେନ୍ଦି ପାର୍ଲର । ସାଧାରଣ ଲୋକଙ୍କଠୁ ଆରମ୍ଭ କରି ସେଲିବ୍ରିଟିଙ୍କ ପର୍ଯ୍ୟନ୍ତ ଅଧିକାଂଶ ଏବେ ହେନା ଗୁଣ୍ଡରେ ପ୍ରସ୍ତୁତ ମେହନ୍ଦି ଲଗାଇବାକୁ ପସନ୍ଦ କରୁଛନ୍ତି ଯାହାକୁ ସେମାନେ କହୁଛନ୍ତି ହେନା ଟାଟୁ । ଆମେରିକୀୟ ଅଭିନେତ୍ରୀ ତଥା ଗାୟିକା ଭେନେସା ହାଜେନ୍ସ ତ ମେହେନ୍ଦି ଲଗାଇ ନ୍ୟୁୟର୍କ ଫ୍ୟାଶନ ୱିକରେ ଅଂଶ ଗ୍ରହଣ କରିଥିଲେ । ପ୍ରଖ୍ୟାତ ଆମେରିକୀୟ ମଡ଼େଲ ଗିଗି ହଦିଦ ତାଙ୍କ ବାନ୍ଧବୀମାନଙ୍କ ସହିତ ମେହେନ୍ଦି ପିନ୍ଧିଥିଲେ ଗତବର୍ଷ କ୍ରିସମାସରେ । ତେବେ ମେହେନ୍ଦି ପିନ୍ଧିଲେ ତାହା ବେଶି ଦିନ ରହେନାହିଁ । ତେଣୁ ଯେଉଁମାନେ ହେନା ଟାଟୁ ପସନ୍ଦ କରନ୍ତି ସେମାନେ ମେହେନ୍ଦିର ନାନା ଡିଜାଇନର ଟାଟୁ କରି ନେଉଛନ୍ତି । ଯେମିତିକି ରିହାନାଙ୍କ ହାତର ହେନା ଟାଟୁ ଏବେ ବେଶ୍ ଦୃଷ୍ଟି ଆକର୍ଷଣ କରିଛି ।

**ବଲ୍ଲେବଲ୍ଲେ :**

ବିଦେଶରେ ବଲିଉଡ଼ର ନାଚଗୀତର ଲୋକପ୍ରିୟତା ବେଶ୍ ପୁରୁଣା । କିନ୍ତୁ ଜାଣନ୍ତି କି ପଞ୍ଜାବୀମାନଙ୍କର ଭାଙ୍ଗଡ଼ା ନୃତ୍ୟର ତାଳେ ତାଳେ ୱାର୍କ ଆଉଟ୍ କରୁଛି ସାରା କାଲିଫର୍ଣ୍ଣିଆ । ମସାଲା ବଲିଉଡ଼ ୱାର୍କଆଉଟ୍‌ର ଯେ ବିଭିନ୍ନ କ୍ଲାସ ଖୋଲିଯାଇଛି କାଲିଫର୍ଣ୍ଣିଆରେ ସେଗୁଡ଼ିକ ଆଉ କିଛି ନୁହେଁ– ଭାଙ୍ଗଡ଼ା କରିବାର କ୍ଲାସ । ଭାଙ୍ଗଡ଼ା କୁଆଡ଼େ ଏବେକାର ସବୁଠୁ ଭଲ 'ଫୁଲ୍ ବଡ଼ି ୱାର୍କଆଉଟ୍' ରୁଟିନ । ତେବେ ପାଗଳାମୀ କେବଳ ଭାଙ୍ଗଡ଼ା ନେଇ ନୁହେଁ । ଦାଣ୍ଡିଆ ମଧ ରହିଛି ଏହି ତାଲିକାରେ । ଆମେରିକାନ୍ ନାଁ ହେଲା 'ପାଉଣ୍ଡ ୱାର୍କଆଉଟ୍' । କାଲିଫର୍ଣ୍ଣିଆର ଦୁଇଜଣ ଡ୍ରମର କ୍ରିଷ୍ଟେନ ଏବଂ କ୍ରିଷ୍ଟିନା ଏଇ ୱାର୍କଅଉଟ୍ ରୁଟିନ ଆରମ୍ଭ କରିଥିଲେ । ଦାଣ୍ଡିଆ ବାଡ଼ି ବଦଳରେ ଦୁଇଟି ପ୍ଲାଷ୍ଟିକର ଛୋଟ ବାଡ଼ି ବ୍ୟବହୃତ ହେଉଛି ଯାହାର ନାଁ ହେଉଚି ରିପଷ୍ଟିକ । କ୍ରିଷ୍ଟେନ ଓ କ୍ରିଷ୍ଟିନା ଯଦିଓ କହିଛନ୍ତି ସେମାନେ ପବନରେ ଡ୍ରମ ବଜାଇବାର ଭାବନାରୁ ଏହି ୱାର୍କଆଉଟ୍ ବାହାର କରିଥିଲେ । କିନ୍ତୁ ଯେକୌଣସି ଭାରତୀୟ ଏହି ୱାର୍କଆଉଟର ଗୋଟିଏ ସେସନ୍ ଗଲେ ବୁଝିପାରିବେ ଯେ ତାହା ପ୍ରକୃତରେ ଭାରତୀୟ ଦାଣ୍ଡିଆ ବ୍ୟତୀତ ଅନ୍ୟ କିଛି ନୁହେଁ ।

**କ୍ଷୀର-ହଳଦୀରୁ ଟରମରିକ୍ ଲ୍ୟାଟେ:**

ସର୍ଦ୍ଦି-ଥଣ୍ଡା ହେଲେ ଉଷୁମ କ୍ଷୀରରେ ହଳଦୀ ଗୋଳାଇ ପିଇଲେ ଦେହ ହାତରେ ଦରଜ ଦୂର ହୋଇଯାଏ । ଏହି ଟୁଟୁକା ସହିତ ଅଧିକାଂଶ ଭାରତୀୟ ପରିଚିତ । ସେଇ କ୍ଷୀର-ହଳଦୀକୁ ଏବେ ଅତି ଆଗ୍ରହର ସହିତ ପିଉଛନ୍ତି ସାନଫ୍ରାନ୍ସିସ୍କୋର ବାସିନ୍ଦା । ବିଭିନ୍ନ 'ହିପ୍' କ୍ୟାଫେଗୁଡ଼ିକରେ ଏବେ ଏହି ପାନୀୟର ଚାହିଦା ସବୁଠୁ ବେଶି । ନାଁ ହେଉଛି ଟରମରିକ ଲ୍ୟାଟେ । ଅନେକ ପୁଣି ରଙ୍ଗ ପାଇଁ ଏହି ପାନୀୟକୁ ଗୋଲ୍ଡେନ ମିଲ୍କ ବୋଲି ମଧ



କହୁଛନ୍ତି । ସକାଳ ବେଳା ଏହି ପାନୀୟର ଚାହିଦା ସବୁଠୁ ଅଧିକ । କାରଣ କ୍ୟାଫେନେଟେଡ଼ ଡ୍ରିଙ୍କ ପରିବର୍ତ୍ତେ କ୍ଷୀର-ହଳଦୀ ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଅନେକ ବେଶି ଲାଭଜନକ । ଟରମେରିକ ଲ୍ୟାଟେର ଲୋକପ୍ରିୟତା ବଢ଼ିବା ପରେ କୁଆଡ଼େ ଆମେରିକାରେ ଭାରତୀୟ ମସଲାର ବିକ୍ରି ବୃଦ୍ଧି ପାଇଛି । ବିଶେଷକରି ଯେଉଁମାନେ ଭେଗାନ, ସେମାନେ ଏହି ଡ୍ରିଙ୍କ ସବୁଠୁ ଅଧିକ ପସନ୍ଦ କରୁଛନ୍ତି । ତେବେ ଆମେରିକାନ 'ଟଚ୍' ଦେବାକୁ ସାଧାରଣ କ୍ଷୀର ପରିବର୍ତ୍ତେ ଅଧିକାଂଶ କ୍ୟାଫେରେ ଆଲମଣ୍ଡ ମିଲ୍କ ବା



ସୋୟା ମିଲ୍କ ବ୍ୟବହୃତ ହେଉଛି ।



**ଗହଣା ଯେତେବେଳେ ଚିକ୍ ଆକ୍ସେସୋରି:**

ଭାରତୀୟ ଗହଣା ପ୍ରତି ଆକର୍ଷଣ ଦିନକୁ ଦିନ ବୃଦ୍ଧି ପାଉଛି ଆମେରିକାରେ । ସେଇଥିପାଇଁତ ରାଜସ୍ଥାନର ମାଙ୍ଗ୍ ଟିକା ଭେନସା ହାଜେନ୍ସଙ୍କ ଷ୍ଟାଇଲିଶ ହେଡ୍ ଚେନ ହୋଇଯାଇଛି । ବଡ଼ ନୋଳି ପିନ୍ଧି କେଣ୍ଡେଲ ଜେନେର ସମସ୍ତଙ୍କୁ ଚକିତ କରିଦେଇଛନ୍ତି । ବିୟନ୍ସେଙ୍କଠୁ ଆରମ୍ଭ କରି କାଇଲି ମିନୋଗ, କାରା ଡେଲିଭିଂ ସମସ୍ତେ ମଜିଯାଇଛନ୍ତି ଭାରତୀୟ ଗହଣାରେ । ବିଶେଷକରି କୋଏଶଳା ଭଳି ମ୍ୟୁଜିକ ଫେଷ୍ଟିଭାଲ ଗୁଡ଼ିକ ପରେ ଏହି ଧରଣଣ ଆକ୍ସେସୋରିଜର ବଜାର ମୂଲ୍ୟବୃଦ୍ଧି ପାଇଛି । ହିପି-ବୋହୋ ଫ୍ୟାଶନ ସହିତ ଭାରତୀୟ ଗହଣା ବେଶ୍ ମାନି ଯାଉଥିବାରୁ ଏହାର ଚାହିଦା ଏତେ ବେଶି ।

## ଲକ୍ଷ୍ମଣ ମନ୍ଦିର



ଖଜୁରାହୋର ପ୍ରାଚୀନ ମନ୍ଦିର ମଧରେ ଲକ୍ଷ୍ମଣ ମନ୍ଦିର ଅନ୍ୟତମ । ଭଗବାନ ଶ୍ରୀବିଷ୍ଣୁଙ୍କୁ ସମର୍ପିତ ଏହି ମନ୍ଦିରେ ତିବତାରୁ ଆସିଥିବା ବୈକୁଣ୍ଠ ବିଷ୍ଣୁଙ୍କର ଏକ ବିଶାଳ ମୂର୍ତ୍ତି ବିରାଜିତ । ପ୍ରତିଷ୍ଠିତ ଏହି ମୂର୍ତ୍ତିଙ୍କ ଉଚ୍ଚତା ୪ଫୁଟ ଓ ତ୍ରିମୁଖଯୁକ୍ତ (ସିଂହ, ମାନବ ଓ ବରାହ) । ଚତୁର୍ଭୁଜ ବିଶିଷ୍ଟ ବୈକୁଣ୍ଠ ବିଷ୍ଣୁଙ୍କ ମଝି ମସ୍ତକ ମାନବର ଏବଂ ଦୁଇ ପାର୍ଶ୍ୱରେ ଥିବା ବରାହ ଓ ସିଂହ ମସ୍ତକ ଯଥାକ୍ରମେ ତାଙ୍କର ବରାହ ଓ ନୃସିଂହ ଅବତାରକୁ ଦର୍ଶାଏ । ଚନ୍ଦେଲ ଶାସକ ଯଶୋବର୍ମନଙ୍କ ଦ୍ୱାରା ୯୩୦-୯୫୦ରେ ମନ୍ଦିର ନିର୍ମିତ ହୋଇଥିଲା । ଏକ ବିସ୍ତୃତ ଜଗତି ଉପରେ ମନ୍ଦିର ଦଣ୍ଡାୟମାନ, ଯାହା ମଧ୍ୟଯୁଗୀୟ ଭାରତୀୟ କଳା ସ୍ଥାପତ୍ୟର ଜ୍ୱଳନ୍ତ ଉଦାହରଣ । ବାଲିପଥରରେ ମନ୍ଦିର ନିର୍ମିତ ହୋଇଛି । ପୀଠର ସବୁଠୁ ମନୋରମ ବିଶେଷତ୍ୱ ହେଉଛି ଗର୍ଭଗଗୃହରେ ଥିବା ପଞ୍ଚରଥ । ୬ଶହରୁ ଅଧିକ ହିନ୍ଦୁ ଦେବଦେବୀ ମନ୍ଦିରରେ ଅବସ୍ଥାନ କରିଛନ୍ତି । ମଣ୍ଡପ ଓ ମହାମଣ୍ଡପ ସମେତ ମନ୍ଦିରର ପ୍ରତ୍ୟେକ କୋଣରେ ହିନ୍ଦୁ ସ୍ଥାପତ୍ୟ କଳାର ନିଦର୍ଶନ ଦେଖିବାକୁ ମିଳେ । ହିନ୍ଦୁ ଦେବଦେବୀଙ୍କ ମୂର୍ତ୍ତି, କଳାକୃତି ଓ କାମୁକ ଶିଳାଲେଖ ଦ୍ୱାରା ମନ୍ଦିର ପ୍ରବଶେ ଦ୍ୱାରା ସଜ୍ଜିତ । ମନ୍ଦିର ଦକ୍ଷିଣ ଦିଗରେ ହୋଇଥିବା ଚମତ୍କାର କାରୁକାର୍ଯ୍ୟ ଶିଳ୍ପକଳାର ସାମ୍ରାଜ୍ୟ ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଅନିନ୍ଦ ସୌନ୍ଦର୍ଯ୍ୟ ପାଇଁ ଦୂରଦୂରାନ୍ତରୁ ମନ୍ଦିରୁକ ଛୁଟିଆସନ୍ତି ଅସଂଖ୍ୟ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ।

## ଆତ୍ମାର ଶାନ୍ତି ନିମନ୍ତେ ମହିଳାଙ୍କ ଆଙ୍ଗୁଳିକାଟ୍

କ୍ରୁର ପରମ୍ପରା ସାମନାରେ ମାନବିକତାର ମୂଲ୍ୟବୋଧ ସଂପୂର୍ଣ୍ଣ ଫିକା ପଡ଼ିଯାଉଛି । ଏପରି କିଛି ହୃଦୟ ବିଦାରକ ପରମ୍ପରା ଇଣ୍ଡୋନେସିଆର ପପୁଆ ଗିନି ଦ୍ୱୀପ ପ୍ରଜାତି ଦାନି ଦ୍ୱାରା ପାଳନ କରାଯାଉଛି । ଦାନି ପ୍ରଜାତିର ଅଧିବାସୀମାନଙ୍କର ପରିବାର ମୁଖ୍ୟଙ୍କର ମୃତ୍ୟୁ ହେଲେ ଘରର ମହିଳାଙ୍କର କିଛି ଆଙ୍ଗୁଳି କାଟି ନିଆଯାଏ । ଏହାପଛରେ କାରଣଟି ହେଉଛି ମୃତ୍ୟୁବରଣ କରିଥିବା ବ୍ୟକ୍ତିର ଆତ୍ମା କୁଆଡ଼େ ଏହା ଦ୍ୱାରା ଶାନ୍ତି ପାଇବ । ତେଣୁ ଶୋକ ପାଳନର ଏହା ହେଉଛି ସର୍ବୋତ୍କୃଷ୍ଟ ଉପାୟ । ମହିଳାଙ୍କ ଆଙ୍ଗୁଳି କାଟିବା ପୂର୍ବରୁ ତାଙ୍କୁ ରଶିରେ ବାନ୍ଧି ଦିଆଯାଏ ଯେପରି ରକ୍ତ ପ୍ରବାହ ବନ୍ଦ ହୋଇଯିବ । ତାପରେ କୁରାଢ଼ି ସାହାଯ୍ୟରେ କେତୋଟି ଆଙ୍ଗୁଳି କଟାଯାଏ । ଏଥିରେ କେବଳ ଘରର ମହିଳାଙ୍କୁ ଯନ୍ତ୍ରଣା ଭୋଗିବାକୁ ପଡ଼ିଥାଏ । ସରକାର ଏବେ ଏହି ପରମ୍ପରାକୁ ଉଚ୍ଛେଦ କରିଛନ୍ତି । ଏବେ ଦାନି ପ୍ରଜାତିର ମହିଳାମାନେ ସମସ୍ତ ଆଙ୍ଗୁଳି ସହିତ ଜୀବନଯାପନ କରୁଛନ୍ତି ।

## ଆଖିରେ ଆଖି ମିଶିଲେ...



ମଣିଷ ଅନ୍ୟଜଣଙ୍କ ଆଖିକୁ ପଢ଼ିବାକୁ ଚେଷ୍ଟାକରେ । ଜାଣନ୍ତି କି, ଅନ୍ୟ ଜଣଙ୍କ ଆଖିରେ ଆଖି ମିଶାଇବା ଦ୍ୱାରା ଆପଣ ତାଙ୍କର ଅଧିକ ଇଣ୍ଟିମେଟ୍ ହୋଇଯିବେ । ଏହା ମଧ ଅନ୍ୟ ବ୍ୟକ୍ତିକୁ ଖୁବ୍ ଖୁସି ଦେଇଥାଏ ଖାସ୍ କରି ଯଦି ସେ ତୁମକୁ ଭଲପାଉଥିବେ ।

ଆଇ କଣ୍ଟାକ୍ଟ ମଧ ଏକ ମୋଟିଭେସନାଲ ସ୍କିଲ । ସମସ୍ତ ଲିଡର ଏବଂ ମୋଟିଭେସନାଲ ସ୍ପିକରମାନେ ଲିସନରମାନଙ୍କୁ ଖୁବ୍ ଶୀଘ୍ର ପ୍ରଭାବିତ କରିବା ପାଇଁ ସେମାନଙ୍କ ସହ ଆଇ କଣ୍ଟାକ୍ଟ ମେଣ୍ଟେନ୍ କରିଥାନ୍ତି ।

ଆଇ କଣ୍ଟାକଟ ମଧ ଏକ ଅସ୍ତ୍ର । ଯଦି କେହି ଆପଣଙ୍କୁ ବିରକ୍ତି କରିବାକୁ ଚେଷ୍ଟା କରୁଥିବେ କିମ୍ବା ଆପଣ ଯାହା ଶୁଣିବାକୁ ଚାହୁଁ ନଥିବେ ତାହା ଆପଣଙ୍କୁ କହୁଥିବେ ତେବେ ତାଙ୍କ ସହ କିଛି ମିନିଟ୍ ପାଇଁ ଆଇ କଣ୍ଟାକ୍ଟ ମେଣ୍ଟେନ କରନ୍ତୁ । ଏହାପରେ ସେ ବୁଝିଯିବେ ଯେ, ସେ ଆପଣଙ୍କୁ ବହୁତ ବିରକ୍ତ କରିସାରିଛନ୍ତି ।

ଗବେଷଣା କହୁଛି ଯେ, ଆଇ କଣ୍ଟାକ୍ଟ ମଧ ସୁନ୍ଦର ସୁନ୍ଦର ସ୍ମୃତି ନିର୍ମାଣ କରିଥାଏ । ଯଦି ଆପଣ ଚାହୁଁଛନ୍ତି କୌଣସି ପୁରୁଷ କିମ୍ବା ମହିଳା ଆପଣଙ୍କୁ ଅନେକ ଦିନ ପର୍ଯ୍ୟନ୍ତ ମନେ ରଖନ୍ତୁ ତେବେ କଥା ହେବା ବେଳେ ତାଙ୍କ ସହ ଆଇ କଣ୍ଟାକ୍ଟ ମେଣ୍ଟେନ୍ କରନ୍ତୁ ।

## ମାନ୍ଦା ଅଫିସ୍ ପରିବେଶ ମସ୍ତିଷ୍କକୁ ହାନି

ଆପଣ ଯେଉଁ ଅଫିସ୍‌ରେ କାମ କରୁଛନ୍ତି, ତା'ର ପରିବେଶ ମାନ୍ଦା, ବିରକ୍ତିକର ଓ ଅସ୍ୱାସ୍ଥ୍ୟକର କି ? ଏଭଳି କର୍ମକ୍ଷେତ୍ରରେ ଦୀର୍ଘ ସମୟ ବିତାଇବା ଆପଣଙ୍କ ମସ୍ତିଷ୍କ କାର୍ଯ୍ୟକାରିତାରେ ବାଧା ପହଞ୍ଚାଇପାରେ । ଏଥିସହ ତର୍କ, ସ୍ମୃତି, ଧ୍ୟାନ ଓ ଭାଷା ଦକ୍ଷତା ମଧ ଏହା ହ୍ରାସ କରେ । କର୍ମକ୍ଷେତ୍ରରେ ପ୍ରେରଣାର ଅଭାବ ଓ କାମ କରିବାର ଖରାପ ପରିବେଶ କର୍ମଚାରୀଙ୍କ ବୋଧାକ୍ତି ଉପରେ କୁପ୍ରଭାବ ପକାଏ, ଯାହା ଦୀର୍ଘସ୍ଥାୟୀ ବୋଲି ଫ୍ଲୋରିଡ଼ା ଷ୍ଟେଟ ୟୁନିଭର୍ସିଟିର ଗବେଷଣାରୁ ଜଣାପଡ଼ିଛି । ମନୋବୈଜ୍ଞାନିକମାନେ କହନ୍ତି, କାର୍ଯ୍ୟ ପରିବେଶ ଭଲ ଥିଲେ ବ୍ୟକ୍ତି ମସ୍ତିଷ୍କରେ ଥିବା ତନ୍ତୁରେ ରାସାୟନିକ ପ୍ରକ୍ରିୟା ଦ୍ରୁତ ବା



ଠିକ୍ ଢଙ୍ଗରେ ହୋଇଥାଏ । ଫଳରେ ବ୍ୟକ୍ତିର ପ୍ରଦର୍ଶନ ଭଲହୁଏ । କିନ୍ତୁ ପ୍ରତିକୂଳ କାର୍ଯ୍ୟ ପରିସରରେ ବ୍ୟକ୍ତି ମସ୍ତିଷ୍କରେ ଥିବା ତନ୍ତୁରେ ରାସାୟନିକ ପ୍ରକ୍ରିୟାକୁ ମନ୍ଥର କରେ । ଦୀର୍ଘକାଳୀନ ଭିତ୍ତିରେ ଏପରି ସମସ୍ୟା ଲାଗିରହିଲେ, ମସ୍ତିଷ୍କର ରାସାୟନିକ ପ୍ରକ୍ରିୟା ଧୀରେ ଧୀରେ ବନ୍ଦ ହୋଇଯାଏ । ଫଳରେ ବ୍ୟକ୍ତି ପୂର୍ବରୁ ଯେଉଁଭଳି ସୂକ୍ଷ୍ମ ଚିନ୍ତା କରୁଥିଲା, ତାହା ସ୍ଥୁଳ ହୋଇଯାଏ । ଅଧ୍ୟୟନର ମୁଖ୍ୟ ଫ୍ୟାମିଲି ଆଣ୍ଡ ଚାଇଲ୍ଡ ସାଇନ୍ସେଜର ନୋରଜେନ ହେଣ୍ଡରିକସନ ପ୍ରଫେସର ଜୋସେଫ ଗ୍ରିଜିୱାଜ ଏହା କହିଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗଣତନ୍ତ୍ରକୁ ବିପଦ...

ନିକଟରେ ରାଜ୍ୟସଭାରେ ଦୁଇଟି ଏଭଳି ଘଟଣା ଘଟିଛି, ଯାହା ଗଣତନ୍ତ୍ରର ସୁସ୍ଥ ଭାବନା, ମହତ୍ ଉଦ୍ଦେଶ୍ୟ ଓ ପବିତ୍ର ପରମ୍ପରାକୁ ଉପହସିତ କରିଛି। ବିଜେଡି ବିଧାୟକଙ୍କ ଦ୍ୱାରା ରାଜ୍ୟସଭାକୁ ନିର୍ବାଚିତ ମମତା ମହନ୍ତ ଅଚାନକ ସାଂସଦ ପଦରୁ ଇସ୍ତଫା ଦେବା ପରେ ତାଙ୍କୁ କୌଣସି ରାଜ୍ୟର ରାଜ୍ୟପାଳ କିମ୍ବା ସେଭଳି ଲୋଭନୀୟ ପଦପଦବୀ କ୍ଷମତାସୀନ ସରକାରୀ ଦଳ ପକ୍ଷରୁ ଦିଆଯିବ ବୋଲି କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ଏହା ସ୍ୱାଭାବିକ ମଧ। କିନ୍ତୁ ରାଜନୀତି ପଣ୍ଡିତମାନଙ୍କର ସବୁ ଆକଳନ ଭୁଲ୍ ପ୍ରମାଣିତ ହେଲା, ଯେତେବେଳେ ସେ ବିଜେପିରେ ଯୋଗ ଦେଲେ ଏବଂ ଆହୁରି ଆଚମ୍ବିତ କଲା ଭଳି ଅଭିନବ ଢଙ୍ଗରେ ବିଜେପି ବିଧାୟକଙ୍କ ସମର୍ଥନରେ ଓଡ଼ିଶାରୁ ପୁଣି ଥରେ ରାଜ୍ୟସଭାକୁ ନିର୍ବାଚିତ ହେଲେ। ଏହାଦ୍ୱାରା ଦଳବଦଳ ନିରୋଧ ଆଇନ ଅନୁସାରେ ତାଙ୍କର ସଭ୍ୟ ପଦ ରଦ୍ଦ ହେଲା ନାହିଁ ଏବଂ ରାଜ୍ୟସଭାରେ ଶାସକ ଦଳର ସଂଖ୍ୟା ବୃଦ୍ଧି ପାଇଲା ସତ, କିନ୍ତୁ ଜନପ୍ରତିନିଧିମୂଳକ ଶାସନ ବ୍ୟବସ୍ଥାର ଇତିହାସରେ ଆଉ ଏକ କଳଙ୍କର ଅଧ୍ୟାୟ ଲେଖା ହୋଇଗଲା। ମମତା ରାଜ୍ୟସଭାକୁ ବିଜେପି ସଦସ୍ୟ ଭାବେ ପୁନଃନିର୍ବାଚିତ ହେବାର ମାତ୍ର କିଛି ଘଣ୍ଟା ପରେ ଆନ୍ଧ୍ରପ୍ରଦେଶର ୱାଇଏସ୍ଆର କଂଗ୍ରେସର ଦୁଇ ରାଜ୍ୟସଭା ସାଂସଦ ସମାନ ଢଙ୍ଗରେ ଇସ୍ତଫା ଦେଇଛନ୍ତି। ସେମାନେ ଟିଡିପି ପ୍ରାର୍ଥୀ ଭାବେ ପୁନଃ ନିର୍ବାଚିତ ହେବାକୁ ଯାଉଥିବା ଆଲୋଚନା ହେଉଛି। ଏହି ଦୁଇ ଘଟଣା ପରେ ଭାରତୀୟ ରାଜନୀତିରେ ପୁଣି ଥରେ 'ଘୋଡ଼ାବେପାର' ଆଲୋଚନା ପରିସରକୁ ଆସିଛି ଏବଂ ଏକ ସଶକ୍ତ ଦଳବଦଳ ଆଇନ ପ୍ରଣୟନ ବିଷୟରେ ପୁଣି ଥରେ ମତ ପ୍ରକାଶ ପାଇଛି। ସ୍ୱାଧୀନୋତ୍ତର ଭାରତର ଦୀର୍ଘ ପ୍ରାୟ ୭୪ ବର୍ଷର ଲମ୍ବା ରାଜନୈତିକ ଇତିହାସରେ 'ଘୋଡ଼ା ବେପାର' ଯୋଗୁଁ ଅନେକ ବହୁମତରେ ନିର୍ବାଚିତ ସରକାର ଭାଙ୍ଗିଯାଇଛି। ଭୋଟରଙ୍କ ବିଶ୍ୱାସ ଉପରେ ଶକ୍ତ ଆଘାତ ଲାଗିଛି, ଗଣତନ୍ତ୍ର ଉପରେ ଆସ୍ଥା ଓ ଭରସା ଦୁର୍ବଳ ହୋଇଛି। କିନ୍ତୁ ସମୟସ୍ରୋତରେ ସେସବୁ ଫିକା ପଡ଼ିଯାଇଛି। 'ଘୋଡ଼ା ବେପାର'ରେ ପବିତ୍ର ଗଣତାନ୍ତ୍ରିକ ରାଜନୀତିର ମାନ, ସମ୍ମାନ, ମର୍ଯ୍ୟାଦା ଓ ଗୌରବ କ୍ଷତାକ୍ତ ହୋଇଥିଲେ ହେଁ ସେଥିରେ ସମ୍ପୃକ୍ତ ରାଜନେତାମାନେ ବିବେକ ଦଂଶନରେ କ୍ଷତାକ୍ତ ହେଉନାହାନ୍ତି, ବରଂ ଆର୍ଥିକ ଓ କ୍ଷମତା ଦୌଡ଼ରେ ସବୁଠାରୁ ଲାଭାନ୍ୱିତ ହୋଇଛନ୍ତି। ଭାରତୀୟ ଗଣତନ୍ତ୍ର ଓ ରାଜନୈତିକ ଇତିହାସରେ ନିର୍ବାଚିତ ସଦସ୍ୟଙ୍କ ଦଳବଦଳର ମୂଳଦୁଆ ପଡ଼ିଥିଲା ୧୯୬୭ ମସିହାରେ। ହରିଆଣା ଥିଲା ଏହାର ପ୍ରଥମ ପ୍ରୟୋଗଶାଳା। ସେହିବର୍ଷ ହରିଆଣାର କଂଗ୍ରେସ ନେତା ଗୟା ଲାଲ୍ ୧୫ ଦିନରେ ତିନିଥର ଦଳବଦଳ କରିଥିଲେ। ଏହାପରେ ରାଜନୈତିକ ଘୋଡ଼ା ଦୌଡ଼ରେ 'ଆୟା ରାମ ଗୟା ରାମ୍' ପରି ରୁଢ଼ି ପ୍ରୟୋଗ ହେଲା। ସମୟକ୍ରମେ ତଥାକଥିତ 'ଆୟା ରାମ୍ ଗୟା ରାମ'ମାନଙ୍କଠାରୁ ବହୁ ଊର୍ଦ୍ଧ୍ୱକୁ ଉଠି ନୀତୀଶ କୁମାରଙ୍କ ପରି 'ପଲ୍‌ଟୁ ରାମ୍'ମାନଙ୍କର ଉଦ୍ଭବ ଘଟିଛି ଏବଂ ଭାରତୀୟ ବହୁଦଳୀୟ ଗଣତାନ୍ତ୍ରିକ ରାଜନୀତିକୁ କଳଙ୍କିତ କରିବାର ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇସାରିଛି। ବିଶେଷକରି ୨୦୧୪ରେ ବିଜେପି କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ଏହି ପ୍ରତିଯୋଗିତାକୁ ଆହୁରି ସକ୍ରିୟ କରି ସରକାର ବଦଳାଇବା, ନିର୍ବାଚିତ ସରକାର ଓ ବିଧାନସଭା ଭାଙ୍ଗିବାର ଅବାଞ୍ଛିତ ରେକର୍ଡ ସ୍ଥାପନା ହୋଇଚାଲିଛି ବୋଲି ରାଜନୈତିକ ବିଶାରଦମାନେ ଯେଉଁ ମତ ଦେଉଛନ୍ତି ତାହାକୁ ଅସ୍ୱୀକାର କରିହେଉ ନାହିଁ। ଭାରତରେ ଗଣତନ୍ତ୍ର ଏକ ବହୁଦଳୀୟ ରାଜନୈତିକ ବ୍ୟବସ୍ଥା ସହିତ ସଂଶ୍ଳିଷ୍ଟ। ତେଣୁ ଦଳବଦଳ ଏକ ସ୍ୱାଭାବିକ ଘଟଣା, କିନ୍ତୁ ଏହା ଯେପରି ଅନୈତିକ ଭାବରେ ହେଉଛି ତାହା ହିଁ ଗଣତନ୍ତ୍ରର ମର୍ଯ୍ୟାଦା ଓ ଗରିମାକୁ ଭୂଲୁଣ୍ଠିତ କରୁଛି। ତେଣୁ ନିର୍ବାଚିତ ସଦସ୍ୟଙ୍କ ଦଳବଦଳ ରୋକିବା ପାଇଁ ଅତୀତରେ ଅନେକ ଥର ଉଦ୍ୟମ ହୋଇଛି ଓ ଏଥିପାଇଁ କମିଶନ୍ ମଧ ଗଠନ ହୋଇଛି। ଶେଷରେ ୧୯୮୫ରେ ୫୨ତମ ସମ୍ବିଧାନ ସଂଶୋଧନ ବିଲ୍ ସହିତ ଦଳବଦଳ ଆଇନ୍ ପାରିତ ହୋଇ ସମ୍ବିଧାନରେ ୧୦ମ ସେଡ୍ୟୁଲ୍ ଯୋଗ କରାଯିବା ସହିତ ଧାରା୧୦୧, ୧୯୦, ୧୯୧ରେ ସଂଶୋଧନ କରାଯାଇଛି। ୨୦୦୪ରେ ସମ୍ବିଧାନର ୯୧ ତମ ସଂଶୋଧନ ବେଳେ ଦଳବଦଳ ଆଇନରେ ମଧ କେତେକ ସଂଶୋଧନ କରାଯାଇଛି। ଭୋଟରଙ୍କ ବିଶ୍ୱାସ ହନନ ଓ ନୈତିକତାର ଉଲ୍ଲଙ୍ଘନକୁ ରୋକିବା ଉଦ୍ଦେଶ୍ୟରେ ଦଳବଦଳ କରୁଥିବା ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଯୋଗ୍ୟ ଘୋଷଣା କରିବା ବା ଗୃହରେ ସଦସ୍ୟ ପଦ ରଦ୍ଦ କରାଯିବା ପାଇଁ ଏବଂ ତାଙ୍କଠାରୁ ଦଳୀୟ ଚିହ୍ନ ଓ ମାନ୍ୟତା ପ୍ରତ୍ୟାହାର ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ଏଥିରେ ଗଳାବାଟ ବା ଛିଦ୍ରଟିଏ ଉଦ୍ଦେଶ୍ୟମୂଳକ ଭାବେ ରଖାଯାଇଥିବା ପରି ମନେ ହୁଏ। ଏହି ଛିଦ୍ରଟି ହେଉଛି ଦୁଇ-ତୃତୀୟାଂଶ ସଦସ୍ୟ ଯଦି କୌଣସି ଦଳ ତ୍ୟାଗ କରନ୍ତି କିମ୍ବା ନୂଆ ଦଳ ଗଠନ କରନ୍ତି କିମ୍ବା ଦଳ ତ୍ୟାଗ କରନ୍ତି ତେବେ ସେମାନଙ୍କ ସଦସ୍ୟତା ଆଇନତଃ ରଦ୍ଦ ହେବ ନାହିଁ। ଆଇନର ଏହି ଫାଙ୍କ ଦେଇ 'ଘୋଡ଼ାବେପାର' ଧାରା ଜାରି ରହିଛି। ଯେଉଁଠାରେ ଦୁଇ-ତୃତୀୟାଂଶ ନିର୍ବାଚିତ ଜନପ୍ରତିନିଧିଙ୍କୁ କିଣା ଯାଇପାରୁନାହିଁ ସେଠାରେ ଦଳୀୟ ବିଶ୍ୱାସଘାତକମାନଙ୍କୁ ପ୍ରଲୋଭିତ କରି ନୂଆ ଦଳ ଗଢ଼ିବାର ଉଦ୍ୟମ କରାଯାଉଛି ଏବଂ ଏହିକ୍ରମରେ ସରକାରକୁ ଭାଙ୍ଗି ଦିଆଯାଇ ପୁଣି ନିର୍ବାଚନ କରାଯାଉଛି। ପ୍ରାୟତଃ କ୍ଷମତାସୀନ ଦଳମାନେ ଏହି ରଣନୀତିର ପ୍ରୟୋଗ ଅନ୍ତେବହୁତ କରିଥିବାର ଉଦାହରଣ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଲିପିବଦ୍ଧ ରହିଛି।

## ସାମଗ୍ରିକ ନବଜାତକ ଯତ୍ନ

### ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ



ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ତେଣୁ ଶୈଶବକୁ ସୁରକ୍ଷିତ କରିବା ଦିଗରେ ରାଜ୍ୟ ସରକାର ଗ୍ରହଣ କରିଛନ୍ତି ବିଭିନ୍ନ କାର୍ଯ୍ୟକ୍ରମ। ଏଥିପାଇଁ ପ୍ରତ୍ୟେକ ଜୀବନ ରକ୍ଷା ଦିଗରେ କ୍ରମାଗତ ଭାବେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଥିବା ଓଡ଼ିଶା ସରକାରଙ୍କୁ କେନ୍ଦ୍ର ସରକାର ବିଭିନ୍ନ ସମୟରେ ପ୍ରଶଂସା କରି ଚାଲିଛନ୍ତି। ଓଡ଼ିଶାର ପଦକ୍ଷେପକୁ ଜାତୀୟସ୍ତରରେ ସ୍ୱୀକୃତି ମିଳିବାରେ ଲାଗିଛି। ଏହି କ୍ରମରେ ନ୍ୟୁ ବର୍ଣ୍ଣ ଷ୍ଟାବିଲାଇଜେସନ ୟୁନିଟ ଜରିଆରେ ଗୁରୁତର ନବଜାତଙ୍କ ଜୀବନ ରକ୍ଷା କରିବାରେ ଓଡ଼ିଶା ସମଗ୍ର ଦେଶରେ ଶୀର୍ଷ ସ୍ଥାନରେ ହାସଲ କରିଛି। ସେହିପରି ଏନବିଏସୟୁ ସଂକ୍ରାନ୍ତ ତଥ୍ୟ ପ୍ରଦାନରେ ମଧ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ଏନବିଏସୟୁ ବ୍ୟବହାର ନେଇ ଅନ୍ୟ ରାଜ୍ୟମାନଙ୍କ ପାଇଁ ଓଡ଼ିଶା ଉଦାହରଣ ସୃଷ୍ଟି କରିବା ସହ ଶୂନ୍ୟ ଶିଶୁ ମୃତ୍ୟୁ ହାର ଲକ୍ଷ୍ୟ ହାସଲ ନିମନ୍ତେ ଅନ୍ୟ ରାଜ୍ୟକୁ ଅନୁପ୍ରାଣୀତ କରିଛି।

ଭାରତୀୟ ନବଜାତ ଶିଶୁ ଚିକିତ୍ସକ ସଂଘ ଆଇଏପି ନିଓକନର ୧୫ତମ ବାର୍ଷିକ ସମ୍ମିଳନୀ କିଟ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କିଟ, କିସ୍ ଓ କିମସ ପ୍ରତିଷ୍ଠାତା ଡ.ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ। ସେ ଦ୍ୱିତୀୟ ଭଗବାନ କୁହାଯାଉଥିବା ଡାକ୍ତରମାନଙ୍କୁ ପ୍ରଶଂସା କରିଥିଲେ। ଏଥିସହ ଆମ ଦେଶରେ ନିଓନୋଟାଲ ମୋଟାଲିଟି ରେଟ ବା ନବଜାତ ଶିଶୁ ମୃତ୍ୟୁ ହାର ଭଲ ରହିଛି ବୋଲି କହିଛନ୍ତି। ଏହି ଅବସରରେ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ଡା. ଏସ.ଏନ. ପରିଡ଼ା ଏବଂ ଡା. ଗିରିଶ ଗୁପ୍ତାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଆଇଏପି ନିଓଚାପ ଫେଲୋଶିପ ଏକଜିଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅତିଥିଙ୍କ ଦ୍ୱାରା ସ୍ମରଣିକା ଓ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏବେ ଦେଶରେ ନବଜାତ ଶିଶୁ ମୃତ୍ୟୁ ୨୬ ପ୍ରତିଶତ ରହିଛି। ତେବେ ୨୦୩୦ ସୁଦ୍ଧ ଏହି ହାରକୁ କମାଇ ଏକକ ସଂଖ୍ୟା ବା ୧୦ ତଳକୁ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସମ୍ମିଳନୀ ଉଦଘାଟନ ପୂର୍ବରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ୬ଶହ ଅତିଥି ଯୋଗ ଦେଇଥିବା ବେଳେ ୧୫୦ ଜଣ ପ୍ରବକ୍ତା ଉପସ୍ଥିତ ଥିଲେ। ଚଳିତ ବର୍ଷ ଏହି ସମ୍ମିଳନୀର ଆଲୋଚ୍ୟ ବିଷୟବସ୍ତୁ ରହିଛି 'ସାମଗ୍ରୀକ ନବଜାକ ଯତ୍ନ'।

ମା'ର ଗର୍ଭାଶୟରର ଏକ ତରଳ ଆବର୍ତ୍ତ ଓ ନିରାପଦ ଉତ୍ତାପ ମଧରେ ଶିଶୁଟି ରହିଥାଏ, ଜନ୍ମ ପରେ ବାହାର ଥଣ୍ଡା ତାକୁ ସ୍ୱାଭାବିକ ଭାବେ ଅସ୍ୱିସ୍ଥିକର ହୋଇଥାଏ । ଶିଶୁଟିକୁ ଉଷୁମ ରଖିବା ପାଇଁ ଆବଶ୍ୟକ ମାତ୍ରାରେ ଇଲେକ୍ଟ୍ରିକ୍ ବଲବ୍ ବା ରୁମ ହିଟର ବ୍ୟବହାର କରିପାରନ୍ତି ମାତ୍ର କାଠ ବା କୋଇଲା ନିଆଁ ଦ୍ୱାରା ନୁହେଁ, କାରଣ ଏହାର ଧୂଆଁ ଶ୍ୱାସରୁଦ୍ଧ କରିପକାଏ । ଉଷୁମ ପାଇଁ ପିଲା ପାଖରେ ଗରମ ପାଣି ବୋତଲ ରଖନ୍ତୁ ନାହିଁ । ଶିଶୁଥିବା ଘରଟିକୁ ଉପଯୁକ୍ତ ପରିମାଣରେ ବାହାର ପବନ ଓ ସୂର୍ଯ୍ୟାଲୋକ ଆସିବାକୁ ଦିଅନ୍ତୁ। ମନେରଖନ୍ତୁ ମା'ର ପ୍ରଥମ ଦୁଇଦିନର କ୍ଷୀରରେ ପ୍ରଚୁର ପରିମାଣରେ ବିଭିନ୍ନ ପ୍ରତିରୋଧକ ଶକ୍ତିର ଜୀବନୀ ରହିଥାଏ । ଏହାକୁ କଷକ୍ଷୀର କହି ନଷ୍ଟ ନକରି ପିଲାଙ୍କୁ ଖାଇବାକୁ ଦିଅନ୍ତୁ । ପିଲାର ନାହିକୁ ରବର ବା ସୂତାରେ ନ ବାନ୍ଧି, ନୂଆବ୍ଲେଡ଼ ଓ ଡେଟଲ ଦ୍ୱାରା ସଫା ରଖନ୍ତୁ । ବେଟାଡାଇନ ବା ରେକ୍ଟିଫାଏଡ଼ ସ୍ପିରିଟ ଲଗାଇ ପାରନ୍ତି । ପିଲା ଶାରୀରିକ ତତ୍ତ୍ୱ ଅନୁସାରେ ଦିନକୁ ୨୦/୨୨ ଘଣ୍ଟା ଶୋଇବ, ଏଥିରେ ବ୍ୟସ୍ତ ହେବାର ନାହିଁ। ପ୍ରତି ପିଲା ପ୍ରଥମ ୨/୪ମାସ ଦିନରେ ଶୁଅନ୍ତି ଓ ରାତିରେ କାନ୍ଦନ୍ତି କାରଣ ସେମାନେ ମା' ଗର୍ଭରେ ଥିବାବେଳେ ଦିନରେ ମା ବୁଲାବୁଲି କରିବା ଦ୍ୱାରା ସେମାନେ ହଲିଥାଆନ୍ତି ଯାହାକି ସେମାନଙ୍କୁ ଶୋଇବାରେ ଆରମ ଲାଗିଥାଏ । ହେଲେ ରାତିରେ ମା ଶୋଇଗଲା ପରେ ସେମାନେ ସେ ଅବସ୍ଥା ପାଉନଥିବାରୁ ସ୍ୱାଭାବିକ ଭାବେ ଶୁଅନ୍ତି । ପ୍ରଥମେ କ୍ଷୀର ଖାଇବା ପରେ ପିଲାମାନେ ଦିନକୁ ୫/୬ଥର ପରିସ୍ରା ଓ ୮/୧୦ଥର ହଳଦିଆ ରଙ୍ଗର ଝାଡ଼ା କରନ୍ତି। ଏଥିରେ ବ୍ୟସ୍ତ ହେବାର ନାହିଁ । ପିଲାମାନେ ମା'କ୍ଷୀର ଖାଇବା ସମୟରେ କ୍ଷୀର ସହ କିଛି ବାୟୁ ଖାଇଥାଆନ୍ତି । ଯାହାଫଳରେ ପେଟ ଫୁଲିଥାଏ । ଏହା ଛାଏଁ ଭଲ ହୋଇଯାଏ, ଏହାକୁ ଲୋକମାନେ ଭୁଲରେ ପେଟପମ୍ପା ବୋଲି କହିଥାନ୍ତି । ଜନ୍ମ ହେବାର ପରେ ପରେ ପିଲାଙ୍କ ଦେହରେ ଜଣ୍ଡିସ ହୋଇଥାଏ । ଏହା ୧୦/୧୫ ଦିନ ରହିଥାଏ । ଏହା ସ୍ୱାଭାବିକ ଭାବେ ଭଲ ହୋଇଯାଏ । ତେବେ ବେଶି ହଳଦିଆ ରଙ୍ଗ ଦେଖାଦେଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ପିଲାଙ୍କ ମୁଣ୍ଡରେ କଳା ଆଦୌ ଲଗାନ୍ତୁ ନାହିଁ, ଏହା ଚର୍ମ ସଂକ୍ରମଣ କରିପାରେ । ପିଲାଙ୍କ ମୁଣ୍ଡର କେଶକୁ ଉଷୁମ ତେଲ ପାଣିରେ ସଫା କରନ୍ତୁ । କିଛିକ୍ଷେତ୍ରରେ ଶିଶୁର ସମ୍ମୁଖ ଭାଗରେ ଦାନ୍ତ ବାହାରିଆସେ । ଏହା ପ୍ରାକୃତିକ ବ୍ୟବସ୍ଥା, ଏହାକୁ ଦାନ୍ତୁରା ଭାବିବା ଭୁଲ ଧାରଣା । ଶିଶୁଟି ଝିଅ ହୋଇଥିଲେ ଜନ୍ମ ହେବା ୩/୪ ଦିନ ପରେ ଜନନେନ୍ଦ୍ରିୟରୁ ସାମାନ୍ୟ ରକ୍ତ ବାହାରେ, ଏହା ଚିନ୍ତାଜନକ ନୁହେଁ । ମନେ ରଖନ୍ତୁ ଜନ୍ମ ହେବା ପରେ ପରେ ନବଜାତକର ପରିପାର୍ଶ୍ୱିକ ସ୍ୱାସ୍ଥ୍ୟଗତ ପରିବେଶ ସହ ସ୍ୱାଭାବିକ ହେବାକୁ ସମୟ ଲାଗିଥାଏ । ତେବେ ସଦାସର୍ବଦା ଉଷୁମ ଓ ବିଶୋଧିତ ବ୍ୟବସ୍ଥା ଦ୍ୱାରା ଏହାକୁ ସଂକ୍ରମଣ ଠାରୁ ଦୂରେଇ ରଖନ୍ତୁ ।

ମା'ର ଗର୍ଭାଶୟରର ଏକ ତରଳ ଆବର୍ତ୍ତ ଓ ନିରାପଦ ଉତ୍ତାପ ମଧରେ ଶିଶୁଟି ରହିଥାଏ, ଜନ୍ମ ପରେ ବାହାର ଥଣ୍ଡା ତାକୁ ସ୍ୱାଭାବିକ ଭାବେ ଅସ୍ୱିସ୍ଥିକର ହୋଇଥାଏ । ଶିଶୁଟିକୁ ଉଷୁମ ରଖିବା ପାଇଁ ଆବଶ୍ୟକ ମାତ୍ରାରେ ଇଲେକ୍ଟ୍ରିକ୍ ବଲବ୍ ବା ରୁମ ହିଟର ବ୍ୟବହାର କରିପାରନ୍ତି ମାତ୍ର କାଠ ବା କୋଇଲା ନିଆଁ ଦ୍ୱାରା ନୁହେଁ, କାରଣ ଏହାର ଧୂଆଁ ଶ୍ୱାସରୁଦ୍ଧ କରିପକାଏ ।

ବିଭିନ୍ନ କାରଣ ପାଇଁ ନବଜାତଙ୍କ ଅବସ୍ଥା ଅତ୍ୟନ୍ତା ସଙ୍କଟାପନ୍ନ ହୋଇଥାଏ। କମ ସମୟ ମଧରେ ସେମାନଙ୍କୁ ଅତ୍ୟାଧୁନିକ ଚିକିତ୍ସାର ଆବଶ୍ୟକତା ପଡ଼ିଥାଏ। ବିଶେଷକରି କମ ଓଜନ, ଅପରିପକ୍ୱ କିମ୍ବା ଅନ୍ୟ କୌଣସି ଗୁରୁତର ରୋଗ ସହିତ ଜନ୍ମ ନେଇଥିବା ଶିଶୁ ପାଇଁ ଉନ୍ନତ ଚିକିତ୍ସା ଜରୁରୀ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରାଳୟ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ସବୁ ରାଜ୍ୟରେ ଏନବିଏସୟୁ ବ୍ୟବସ୍ଥା ଆରମ୍ଭ କରିଥିଲେ। ନବଜାତଙ୍କ ଜୀବନ ରକ୍ଷା ଦିଗରେ ଏନବିଏସୟୁ ଅତ୍ୟନ୍ତ ଉପାଦେୟ ହୋଇଥିଲେ ସୁଦ୍ଧା ଅନେକ ରାଜ୍ୟ ଏହାର ବ୍ୟବହାର ପାଇ ପଛଘୁଞ୍ଚା ଦେଉଥିଲେ। ଆତ୍ମବିଶ୍ୱାସର ଅଭାବ, ଦକ୍ଷ ସ୍ୱାସ୍ଥ୍ୟ କର୍ମୀଙ୍କ ଅଭାବ ଯୋଗୁ ଏନବିଏସୟୁ ନିଜ ଉଦ୍ଦେଶ୍ୟ ଠାରୁ ଦୂରେଇ ଯାଇଥିଲା। ତେବେ ଶୂନ୍ୟ ମାତୃ ଓ ଶୂନ୍ୟ ଶିଶୁ ମୃତ୍ୟୁ ଲକ୍ଷ୍ୟ ନେଇ କାମ କରୁଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରିଥିଲା। କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏନବିଏସୟୁ କେତେ ଉପାଦେୟ ହୋଇପାରୁଛି ସେ ନେଇ ବ୍ୟାପକ ସଚେତନତା ସୃଷ୍ଟି କରାଗଲା। ପ୍ରମୁଖ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତୀ ବିଭାଗ ନିକଟରେ ଏନବିଏସୟୁ ସ୍ଥାପନ ହେଲା। ଶେଷରେ ରାଜ୍ୟ ସରକାରଙ୍କର କ୍ରମାଗତ ଉଦ୍ୟମ ସଫଳତା ହାସଲ କରିଛି। ମମତା ଯୋଜନା ଠାରୁ ଆରମ୍ଭ କରି ଜନନୀ, ଶିଶୁ ସୁରକ୍ଷା ସହିତ ଏନବିଏସୟୁ ଭଳି ବ୍ୟବସ୍ଥା ଗୁରୁତର ଶିଶୁଙ୍କ ଜୀବନ ରକ୍ଷା କରିବାରେ ବେଶ ସଫଳତା ମିଳିଛି। ୨୦୦୧ ବେଳକୁ ପ୍ରତି ୯% ନବଜାତ ମୃତ୍ୟୁ ବରଣ କରୁଥିଲେ। ୧ ହଜାର ଜୀବିତ ପ୍ରସବରେ ୯୩ ଜଣଙ୍କ ମୃତ୍ୟୁ ହେଉଥିଲା। ମାତ୍ର ଗତ ୧୦ ବର୍ଷ ମଧରେ ଶିଶୁ ମୃତ୍ୟୁହାର ଆଶାତୀତ ଭାବେ ହ୍ରାସ ପାଇଛି। ଶିଶୁ ମୃତ୍ୟୁ ହାର ହ୍ରାସ କରିବାରେ ଓଡ଼ିଶା ସମଗ୍ର ଦେଶରେ ଶୀର୍ଷ ସ୍ଥାନ ହାସଲ କରିଛି। ୨୦୧୮ ବେଳକୁ ପ୍ରତି ୧ ହଜାର ପ୍ରସବରେ ମୃତ୍ୟୁ ସଂଖ୍ୟା ୪୦ ରହୁଥିବା ବେଳେ ୨୦୨୨ ବେଳକୁ ଏହା ୩୬କୁ ହ୍ରାସ ପାଇଛି। ସମ୍ପୂର୍ଣ୍ଣା ଯୋଜନା ପ୍ରଚଳନ, ସ୍ପେଶାଲ କେୟାର ନ୍ୟୁ ବର୍ଣ୍ଣ ୟୁନିଟ (ଏସଏନଏସିୟୁ) କାର୍ଯ୍ୟକ୍ଷମ, ଫାଷ୍ଟ ରେଫରାଲ ୟୁନିଟ, କଙ୍ଗାରୁ ମଦର କେୟାର ୟୁନିଟ ଆଦି ସ୍ଥାପନ, ଭାରତର ସରକାରଙ୍କ ଲକ୍ଷ୍ୟ ମାନଦଣ୍ଡ ଅନୁସାରେ ପ୍ରସବ ଗୃହ ଓ ଅସ୍ତ୍ରୋପଚାର ଗୃହର ଉନ୍ନତିକରଣ କରି ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି। ଅପରପକ୍ଷେ ରକ୍ତହୀନତା ଓ ପୁଷ୍ଟି ହୀନତା ଦୂର ପାଇଁ ପଦକ୍ଷେପ, ବିସ୍ତୃତ ଡାଇରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ନିମୋନିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଭଳି ପଦକ୍ଷେପ ଶିଶୁଙ୍କୁ ଏକ ସୁସ୍ଥ ଜୀବନଦାନ ଦେଉଛି। ଯାହା ରାଜ୍ୟକୁ ଦେଶରେ ଉଦାହରଣୀୟ କରିପାରିଛି। ଓଡ଼ିଶା ସରକାରଙ୍କ ଜଣେ ଦକ୍ଷ, ଅନୁଭବୀ ଓ ନବୀନ ବାବୁଙ୍କ ଘନିଷ୍ଠ ସହଯୋଗୀ ଭାବେ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ଭାବେ ରହିଛନ୍ତି ନିରଞ୍ଜନ ପୂଜାରୀ। ଲୋକପ୍ରିୟ ନବୀନ ବାବୁଙ୍କ ସରକାରଙ୍କ ଶୂନ୍ୟ ମୃତ୍ୟୁ ନୀତିକୁ ସେ ଅତ୍ୟନ୍ତ ଯୋଜନାବଦ୍ଧ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ତ୍ୱରାନ୍ୱିତ କରି ରାଜ୍ୟର ବିକାଶରେ ସ୍ୱାସ୍ଥ୍ୟ ବିଭାଗର ଗୁରୁଦାୟିତ୍ୱକୁ ସେ ସୂଚାରୁରୂପେ ସମ୍ପାଦନ କରୁଛନ୍ତି। ଯାହାଦ୍ୱାରା ଓଡ଼ିଶା ଏହି ବିରଳ ସଫଳତା ଓ ଗୌରବ ପାଇପାରିଛି।


+ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଶିଶୁରୋଗ ବିଭାଗ, ଫକୀରମୋହନ
ମେଡ଼ିକାଲ କଲେଜ, ବାଲେଶ୍ୱର,
ମୋ: ୯୪୩୭୧୨୪୦୭୪


## 'ସାଇ ସାଧନା'ର ୧୫ତମ ସ୍ୱନକ୍ଷତ୍ର ଦିବସ : ଏକ ଅନୁଚିନ୍ତା

### ପ୍ରଫେସର ଅନାଦି ଚରଣ ଗାଁଣ



କଳା, ସାହିତ୍ୟ, ସଂସ୍କୃତିର ଅନନ୍ୟ ସହର ହେଉଛି ଉଦଳା; ଯେଉଁଠିକି ବାଗ୍‌ଦେବୀ ମା' ସରସ୍ୱତୀଙ୍କର ଆରଧନା ପୀଠ ଦେଦୀପ୍ୟମାନ । ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଏହି ସହର ଏକ ଅନଗ୍ରସର ପଛୁଆ ଅଂଚଳ ରୂପେ ବିବେଚିତ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ବିକଳ ଚିତ୍ର ଏ ଅଂଚଳର ଅଭାବୀ ମଣିଷଙ୍କୁ ବହୁମାତ୍ରାରେ ପ୍ରଭାବିତ କରିଚାଲିଛି । ଶିକ୍ଷା କ୍ଷେତ୍ରରେ ଅନଗ୍ରସରତା ଏହି ଅଂଚଳର ଜନମାନସକୁ ବିଶେଷ ଭାବରେ ସଂକୁଚିତ କରିଦେଇଛି । ଏହିଭଳି ଏକ ଘଡ଼ିସନ୍ଧି ସମୟରେ ଉଦଳାର ଜଣେ ଦୂରଦୃଷ୍ଟି ସଂପନ୍ନ ଶିକ୍ଷାନୁରାଗୀ ବ୍ୟକ୍ତି ଶ୍ରୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ଉପଲବ୍ଧି କରିଥିଲେ ଯେ, ଉଚ୍ଚ ଶିକ୍ଷାର ବିକାଶ ବିନା ଉଦଳା ଅଂଚଳର ସାମଗ୍ରୀକ ବିକାଶ ସମ୍ଭବ ହେବନାହିଁ କି ଅଂଚଳର ଯୁବକ ଯୁବତୀ ମାନେ ସ୍ୱରୋଜଗାରକ୍ଷମ ହୋଇପାରିବେ ନାହିଁ। ତେଣୁ ଏହି ପ୍ରାତସ୍ମରଣୀୟ ବ୍ୟକ୍ତିଙ୍କ ଆଗ୍ରହରେ ଭଗବାନ ସତ୍ୟସାଇ ବାବାଙ୍କ ନାମରେ ସ୍ଥାପିତ ହେଲା ସାଇ ସାଧନା ସାଇନ୍‌ସ କଲେଜ ୨୦୧୦ ମସିହା ସେପ୍ଟେମ୍ବର ମାସ ୦୯ ତାରିଖରେ । ଏହି କାର୍ଯ୍ୟରେ ତାଙ୍କୁ ସହଯୋଗ କରିବାକୁ ଆଗେଇଆସିଥିଲେ ଡକ୍ଟର ଚକ୍ରଧର ପଣ୍ଡା, ଇଂଜିନିୟର ପ୍ରଭାତ କୁମାର ସାହୁ, ଇଂଜିନିୟର ସୁଭାଷ ଚନ୍ଦ୍ର ପଣ୍ଡା, ଶିଳ୍ପଦ୍ୟୋ ଶ୍ରୀ ସୁରେନ୍ଦ୍ର ନାଥ ପରିଛା ଓ ଶ୍ରୀ ସୁକାନ୍ତ କୁମାର ବିନ୍ଧାଣୀ ପ୍ରମୁଖ ବ୍ୟକ୍ତିବିଶେଷ। ଏମାନଙ୍କ ମିଳିତ ଉଦ୍ୟମରେ ଉଦଳାର ଦିବ୍ୟସିଂହପୁର ଠାରେ ଗଢ଼ି ଉଠିଲା କଲେଜର ଚାରି ମହଲା ବିଶିଷ୍ଟ ଏକାଡ଼େମିକ ଓ ପ୍ରଶାସନିକ ସୌଧ । ପରେ ପରେ ଛାତ୍ର ଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଛାତ୍ରାବାସ କଲେଜ ପରିସରରେ ନିର୍ମିତ ହେଲା। ଉଦଳା ଅଂଚଳର ଛାତ୍ର ଛାତ୍ରୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି +୨ ଓ +୩ ବିଜ୍ଞାନ ଶ୍ରେଣୀ ସହିତ +୨ କଳା ଶ୍ରେଣୀ ଖୋଲାଯାଇ ପାଠ୍ୟଦାନର ବ୍ୟବସ୍ଥା କରାଗଲା । ଇଲେକ୍ଟ୍ରିସିଆନ ଓ ଫିଟର ଭଳି ଟ୍ରେଡ଼ରେ ପିଲାମାନଙ୍କୁ ତାଲିମ ପ୍ରଦାନ କରାଯାଇ ଆତ୍ମ ନିର୍ଭରଶୀଳ କରାଗଲା । ଏବେ ଓଡ଼ିଶାର ବିଭିନ୍ନ ଅଂଚଳରୁ ଛାତ୍ର ଛାତ୍ରୀ ମାନେ ଆସି ଏଠାରେ ଅଧୟନ କରି ଉଚ୍ଚ ମାଧ୍ୟମିକ ଏବଂ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଶତପ୍ରତିଶତ ଉତୀର୍ଣ୍ଣ ହୋଇପାରୁଛନ୍ତି । ଶୃଙ୍ଖଳିତ ପରିବେଶ, ଶୈକ୍ଷିକ ବାତାବରଣ, ଆଧାତ୍ମିକ ଚିନ୍ତନ ସୃଷ୍ଟି କରିବାରେ କୋଠରନୀତି ଅବଲମ୍ବନ କରି ଏହି ମହାବିଦ୍ୟାଳୟକୁ ଉଦଳାର ପରିଚୟ ସୃଷ୍ଟି କରୁଥିବା ଏକ ବଟୀଖୁଂଟରେ ପରିଣତ କରିଛନ୍ତି ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ । ଏହି ଅନୁଷ୍ଠାନରୁ ଉତୀର୍ଣ୍ଣ ବହୁଛାତ୍ରଛାତ୍ରୀ ଏବେ ଡ଼ାକ୍ତର, ଇଂଜିନିୟର, ଅଧ୍ୟାପକ, ବ୍ୟାଙ୍କ ଅଧିକାରୀ, ଶିଳ୍ପଦ୍ୟୋଗୀ, ପ୍ରଶାସନିକ ଅଧିକାରୀ ସାଜି ରାଜ୍ୟ ତଥା ରାଜ୍ୟ ବାହାରେ ଅନୁଷ୍ଠାନକୁ ଗୌରବ ମଣ୍ଡିତ କରିଛନ୍ତି । ଆଜିବି ଏହି ଅନୁଷ୍ଠାନ ଅନେକ କର୍ମଚାରୀଙ୍କୁ ବଂଚିବାର ଖୋରାକ ଯୋଗାଇ ଚାଲିଛି । ଶ୍ରୀଯୁକ୍ତ ବିନ୍ଧାଣୀଙ୍କ ନିଷ୍ଠାପର ପରିଶ୍ରମ, ସତଚିନ୍ତା ଓ ତ୍ୟାଗର ଫଳ ଏବେ ସମସ୍ତେ ଆନନ୍ଦରେ ଉପଲବ୍ଧି କରିପାରୁଛନ୍ତି । ଏହି ଅନୁଷ୍ଠାନର ଶୁଭକାଂକ୍ଷୀ ତଥା ଅଂଚଳବାସୀ ଭାବରେ ଏହାର ଶ୍ରେଷ୍ଠତା ପ୍ରତିପାଦନ ନିମନ୍ତେ ଆମର ମଧ କିଛି କର୍ତବ୍ୟ ଓ ପ୍ରତିବଦ୍ଧତା ରହିଛି। ତେଣୁ ଆସନ୍ତୁ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାୟୀ ସ୍ୱିକୃତି ଓ ଅନୁବନ୍ଧିତ ଏହି ମହାବିଦ୍ୟାଳୟର ୧୫ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆମେ ଆମର ଶ୍ରମ ଓ ବୁଦ୍ଧି ଦାନ କରି ଏହାର ପ୍ରଗତିରେ ସାମିଲ ହେବା ।


+ଏକାଡ଼େମିକ ଡ଼ାଇରେକ୍ଟର,
ସାଇସାଧନା ସାଇନ୍ସ କଲେଜ,
ଉଦଳା, ମୟୂରଭଞ୍ଜ
ମୋ- ୯୪୩୮୩୧୭୮୮୭





### ବରଷାରେ କେତେ ଭିଜୁଛି ଶରତ

**ନୀଳମଣି ଚାନ୍ଦ**



ବରଷାରେ କେତେ ଭିଜୁଛି ଶରତ
ସିଏ କିରେ ଦେଖୁନାହିଁ
ଯଦି ବୁଝିଥାନ୍ତା, ଚିରୁଡ଼ାଏ ଦୁଃଖ
ନ ଥାନ୍ତା ଶରତ ପାଇଁ।

ବରଷାର ଥିଲା ଫେରିବାର କଥା
ସେ କିଆଁ ରହିଛି ଏଠି
ଚାହୁଁଥିଲି ଯାଉ ଭାବି ଭାବି ଶେଷେ
ଏବେ ମୁଁ ଲେଖୁଛି ଚିଠି।

ଆମେ ଏବେ ଲୋଡ଼ୁ ନିରିମଳ ନଭ
କିଛି ଫୁଲ କାଶ ପରି
ଲୋଡ଼ା ଅଭ୍ର ସ୍ୱଚ୍ଛ ସରିତ ଧାରରେ
ଯେ ଦେବରେ ମଜା ଭରି।

ଆକାଶକୁ ଚାହିଁ ଦେଖିବାକୁ ମନ
ଧଳା ବଉଦର ଚାଲି
ହେଲେ ତ ଦେଖୁଛୁ କଳା ମଖା ମେଘ
କିଛି ଆକାଶରେ ଖାଲି।

ଯାଆରେ ବରଷା ଶରତ କହୁନି
ଯେଣୁ ସିଏ ଋତୁ ଭାଇ
ସମୀର ଚାହିଁଛି ଶରତ କ୍ଷେତରେ
ବୁଲି ଦେବ ଗୀତ ଗାଇ।


+ ୨୭, ମନ୍ତ୍ର ମାନୋର,
ଗୋଠପାଟଣା, ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


### ପରାଜିତ ସୈନିକ

**ନିରଞ୍ଜନ ସାହୁ**



ଜୀବନ ଯୁଦ୍ଧରେ ହାରିଗଲା ପରେ
ପରାସ୍ତ ସୈନିକ ସାଜି
ଭାରାକ୍ରାନ୍ତ ମନ ନେଇକି ବଞ୍ଚିଛି
ସପନ ଯାଇଛି ଭାଜି ।

ଦିନଥିଲା ଦିନେ ଶତସିଂହ ବଳ
ମୋ ଦେହରେ ଥିଲା ପୁରି
ଟକମକ ହୋଇ ରକ୍ତ ଫୁଟୁଥିଲା
ଶୁଣି ଯୁଦ୍ଧ ଭେରୀତୂରୀ
ନିଆଁ ସହିତରେ ଖେଳ ଖେଳିବାକୁ
ହୋଇ ଯାଉଥିଲି ରାଜି ।

କାହାରିକୁ ଭୟ କଦାପି ନଥିଲା
ଅଦମ୍ୟ ସାହସ ଥିଲା
ବଳିଷ୍ଠ ବାହୁରେ ବଳଶାଳୀ ଥିଲି
କାମରେ ନଥିଲା ଢ଼ିଲା
ଜୀବନ ସଂଗ୍ରାମେ ମାଡି ଯାଉଥିଲି
ସେକଥା ଭାବୁଛି ଆଜି ।

ସମୟ ସବୁଠୁଁ ବଳବାନ ବୋଲି
ଭାବି ନଥିଲି ମୁଁ କେବେ
ବାହୁ ବଳ ନେଇ ବଳିୟାର ହୋଇ
ଡେଇଁ ପଡୁଥିଲି ତେବେ
ଆଜି ଦେହ କ୍ଳାନ୍ତ ମନ ଅବସନ୍ନ
ଲଗାଇ ପାରୁନି ବାଜି ।


+ନିହଲ ପ୍ରସାଦ, ଗଁଡିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ :- ୯୯୩୮୭୪୧୫୮୩


### ଆସିଛି ଶରତ ନିର୍ମଳ ଜଗତ

**ନୂତନ କୁମାର ବେହେରା**



(ରାଗ -- ବିଭାସ କେଦାର )
ଆସିଛି ଶରତ ନିର୍ମଳ ଜଗତ,
ସୌନ୍ଦର୍ଯ୍ୟେ ଶୋଭିତ ମୁଗ୍ଧ ହୁଏ ଚିତ୍ତ।

ଆକାଶ ସୁନୀଳ ଶୁଭ୍ର ଚକ୍ରବାଳ
ଭାଙ୍ଗେ ମେଘ ବଳ ତୋଫା ଜଳ
ସ୍ଥଳ।
ଲାଲିମା ଫଟାଇ ଆଲୋକ ଦେଖାଇ
ସୂରୁଜ ଉଆଁଇ ପ୍ରଭାତ ଆସଇ।

ବୁଣି ତା' ମୁରୁଜ କରଇ ମଉଜ,
ଧରିଲେ ଧରଯ ଜୀବନ ସହଜ।

ପ୍ରକୃତିର ଶିରୀ ନିଏ ମନୋହରି,
ଶରତକୁ ଧରି ହସଇ ଧରିତ୍ରୀ।

କ୍ଷେତେ ସବୁଜିମା ବିକାଶେ ସୁଷମା,
ବଢ଼ଇ ମହିମା ମର୍ତ୍ତେ ପରିସୀମା।
ଖରା ବର୍ଷା ଖେଳ ହୁଅଇ ସରଳ,
ଜଗତ ନିର୍ମଳ ହୁଅଇ ମଙ୍ଗଳ।
ଭାଦ୍ରବେ ଗଣେଶ ଧରାରେ ପ୍ରବେଶ
ବିଘ୍ନ କରି ନାଶ ଦିଅନ୍ତି ଆଶିଷ।

ପ୍ରଭୁ ବିଶ୍ୱକର୍ମା କରି ପରିକ୍ରମା
ଘୁଞ୍ଚାନ୍ତି ଯେ ଅମା ଦେଇଥାନ୍ତି କ୍ଷମା।

ଭକ୍ତି ଭାବେ ଜନ କାଟନ୍ତି ଜୀବନ,
ସୁନ୍ଦର ଭୁବନ କିଣିନିଏ ମନ।

ଶରତେ ମରତ ଶାନ୍ତି କରେ ଜାତ,
କୃଷକର ହାତ କରେ ମେହନତ।

ଆଶାର ସଞ୍ଚାର ହୁଏ ନିରନ୍ତର,
ମନ କଲେ ସ୍ଥିର ହସି ଉଠେ ଘର।

ଅଭୟଦାୟିନୀ ଦୁର୍ଗତି ନାଶିନୀ,
ପର୍ବତ ନନ୍ଦିନୀ ଆସନ୍ତି ଅବନୀ।

କରି ସାଜସଜ୍ଜା ଶାରଦୀୟ ପୂଜା
କରନ୍ତି ପରଜା ଉଡ଼େ ଜୟ ଧ୍ୱଜା।

ଭକ୍ତ ତାଙ୍କୁ ସେବି ମାଗେ ବର ଭାବି
ହୃଦେ ଅନୁଭବି ଦିଅନ୍ତି ମା' ଦେବୀ।

ତାଙ୍କରି ଆଶ୍ରିତେ ରହିଣ ଭକତେ,
ମାଗନ୍ତି ଯା' ହିତେ ମିଳେ ତା'
ଜଗତେ।
ଶରତର କାଳ ଆଣେ ଶୁଭ ବେଳ,
ସବୁରି କପାଳ ହୁଅଇ ଉଜ୍ଜ୍ୱଳ।


+କୋହି, ବାରିପଦା, ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨

# ମଧୁମେହ ରୋଗୀଙ୍କ ପାଇଁ କିଛି ଦେଶୀ ଟିପ୍ସ





ମଧୁମେହ ରୋଗ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହା ଏବେ ଚିନ୍ତାର ବିଷୟ ହୋଇଗଲାଣି । ପ୍ରାୟ ଅଧିକାଂଶ ଲୋକ ଏହି ରୋଗରେ ପିଡିତ । ଏହି ରୋଗ କିପରି ନହେବ ସେଥିପାଇଁ ସମସ୍ତେ ଚିନ୍ତିତ । ଆସନ୍ତୁ ମଧୁମେୟ ବର ଡାଇବେଟିଜ ରୋଗକୁ କମାଇବା ପାଇଁ ଆମେ କିଛି ଉପାୟ ଅବଲମ୍ୱପ କରିବା । ସେଗୁଡିକ ମଧ୍ୟରୁ

କାକୁଡି ଖାଆନ୍ତୁ : ମଧୁମେହ ରୋଗୀମାନେ ଭୋକ ଲାଗିଲେ ସବୁବେଳେ କମ୍ ଖାଦ୍ୟ ଖାଇବା ପାଇଁ କୁହାଯାଏ, ସେଥିପାଇଁ ତାଙ୍କୁ ବହୁ ଶୀଘ୍ର ଭୋକ ଲାଗେ । ଏହି ସ୍ଥିତିରେ କାକୁଡି ଖାଇ ନିଜ ଭୋକ ମେଣ୍ଟାଇବା ଆବଶ୍ୟକ ।

ଲେମ୍ବୁ ପାଣି ପିଅନ୍ତୁ : ମଧୁମେହ ରୋଗୀକୁ ଅଧିକ ଶୋଷ ଲାଗେ । ତେଣୁ ସେମାନେ ପାଣିରେ ଲେମ୍ବୁ ପକାଇ ପିଇବା ଦ୍ୱାରା ତାଙ୍କର ଶୋଷ ପରିମାଣ କମିଥାଏ ।

ଜାମୁ କୋଳି ଖାଆନ୍ତୁ : ମଧୁମେୟର ଉପଚାର ପାଇଁ ଜାମୁ କୋଳି ଏକ ପାରମ୍ପରିକ ଔଷଧ ଅଟେ । ଜାମୁ କୋଳି ମଧୁମେହ ରୋଗୀଙ୍କ ପାଇଁ ଏକ ଫଳ କହିଲେ କିଛି ଭୁଲ୍ ହେବ ନାହିଁ । ଏହାର ସବୁ ଅଂଶ ମଧୁମେହ ରୋଗ ପାଇଁ ଆବଶ୍ୟକ ଅଟେ । ଋତୁ ଅନୁସାରେ ଏହାର ସେବନ କରିବା ଦରକାର ।

ଜାମୁ କୋଳିର ମଞ୍ଜିକୁ ଏକାଠି କରି ରଖନ୍ତୁ । ଏହାର ମଞ୍ଜିରେ ଜମ୍ବୋଲିନ ନାମକ ତତ୍ତ୍ୱ ମିଳେ ଯାହା ଷ୍ଟାର୍ଚ୍ଚକୁ ସର୍କରାରେ ପରିବର୍ତ୍ତନ ହେବାକୁ ବନ୍ଦ କରିଥାଏ । ମଞ୍ଜିକୁ ଗୁଣ୍ଡ କରି ରଖି ତାହାକୁ ଦୁଇ-ତିନି ଥର ତିନି ଗ୍ରାମ ମାତ୍ରାରେ ପାଣି ସହିତ ପିଇଲେ ମୁତ୍ରରେ ଶର୍କରା ମାତ୍ରା କମ୍ କରିଥାଏ । ଏକ ଅନୁସନ୍ଧାନରୁ ଜଣାପଡିଛି ଯେ କଲରାକୁ ସିଝାଇ ତାର ପାଣି ପିଇଲେ ମଧୁମେହ ରୋଗ ଶୀଘ୍ର ଏବଂ ସ୍ଥାୟୀ ରୂପରେ ସମାପ୍ତ ହୋଇଥାଏ ।

ମେଥି ଖାଆନ୍ତୁ : ମଧୁମେହ ରୋଗୀ ମେଥି ଚୂର୍ଣ୍ଣ ବହୁ ଉପକାରୀ ଅଟେ । ଆଜିକାଲି ମେଥି ରସ ମନୁଷ୍ୟ ମଧ୍ୟରେ ଥିବା ରକ୍ତ ସହିତ ମେଳ ଖାଇଥାଏ । ଏହାକୁ ଗ୍ରୀନ୍ ବ୍ଲଡ ମଧ୍ୟ କୁହାଯାଇଥାଏ ।

ଅନ୍ୟ ଉପାଚାର : ନିୟମିତ ଭାବେ ଦୁଇ ଚାମଚ ନିମ୍ବ ରସ, କଦଳୀ ପତ୍ରର ରସକୁ ସକାଳେ ସନ୍ଧ୍ୟାରେ ପିଇବା ଭଲ । ଅଁଳା ରସ ଚାରି ଚାମଚ ମଧ୍ୟ ପିଇବା ଦ୍ୱାରା ମଧୁମେୟ







ପାଛଡର ଔଷଧ ଦୋକାନରେ ମଧ୍ୟ ମିଳିଲାଣି । ଏଥିରେ ପୁରୁଣା ମଧୁମେହ ରୋଗ ମଧ୍ୟ ଠିକ୍ ହୋଇଥାଲଏ । ମେଥିଦାନାରେ ଚୂର୍ଣ୍ଣ ତିଆରି କରି ରଖନ୍ତୁ । ନିତ୍ୟ ପ୍ରାତଃ ସମୟରେ ଖାଲି ପେଟରେ ଏକ ଛୋଟ ଚାମଚ ଚୂର୍ଣ୍ଣକୁ ପାଣି ସହିତ ଖାଆନ୍ତୁ । ଏହା ପ୍ରତିଦିନ କରିଲେ ସେଥିରୁ ବହୁ ଫାଇଦା ମିଳିଥାଏ ।

ଗହମ ଗଛ : ଗହମ ଗଛରେ ରୋଗନାଶକ ଗୁଣ ଥାଏ । ତେଣୁ ତାର ଛୋଟ ଛୋଟ ଚାରାର ରସ ଅସାଧ୍ୟ ରୋଗକୁ ମଧ୍ୟ ମୂଳରୁ ଭଲ କରିଦେଇଥାଏ । ଏହାର ରୋଗକୁ ନିୟନ୍ତ୍ରଣ କରାଯାଇପାରେ । ମଧୁମେହ ରୋଗୀମାନେ ପୋଟଳ, ପାଳଙ୍ଗ, ଅମୃତଭଣ୍ଡା, ବିଲାତି, ଗାଜର, କାକୁଡି ପ୍ରଚୁର ପରିମାଣରେ ଖାଇବା ଉଚିତ । ଏହାଛଡ଼ା ସେମାନେ ତେଲ ଓ ମସଲାଯୁକ୍ତ ଖାଦ୍ୟ ନ ଖାଇବା ଭଲ । ସେହିପରି ଭାତ, ଆଳୁ, ଚିନି ଭଳି ଖାଦ୍ୟ ପରିମାଣ କମାଇ ଦେବା ଉଚିତ । ଏହି ରୋଗୀମାନେ ପ୍ରତିଦିନ ବ୍ୟାୟାମ କରିବା ଆବଶ୍ୟକ । ରୁଟି, ଡାଲି, ସାଲାଡ୍, ପରିବାକୁ ସିଝାଇ ଖାଇବା ଏମାନଙ୍କ ପାଇଁ ବହୁତ ଭଲ । ଉପରଲିଖିତି ଉପାଚାର କରିବା ପୂର୍ବରୁ ଆପଣମାନେ ନିଜ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

# ହାର୍ଟ ଆଟାକ୍ ହଠାତ୍ ହୁଏନା



ଲେଫ୍ଟ ସାଇଟର ପଞ୍ଜରା ନିକଟରେ କିମ୍ବା ଛାତିର ଠିକ୍ ମଝାମଝି ପେନ୍ ହୋଇଥାଏ ଏବଂ କିଛି ସମୟପରେ ଆପେ ଠିକ୍ ହୋଇଯାଏ। ଏଥିରୁ ଜାଣନ୍ତୁ ହୃଦରୋଗର ସିମ୍ପଟମ୍ସ। ଲଗାତାର ଚେଷ୍ଟରେ କିମ୍ବା ମଝି ପିଠିରେ କିଛି ଚାପ ସୃଷ୍ଟି ହେଲାଭଳି ଲାଗିଲେ, ପ୍ରାୟ ସମୟ ମୁଣ୍ଡ, ପେଟରେ ଉପର ଅଂଶ, ପିଠି, ବାମହାତ, ବେକ କିମ୍ବା ଦାନ୍ତ, କୌଣସି କାରଣ ନଥାଇ ବିନ୍ଧିଲେ ଜାଣିବେ ହୃଦ ସମସ୍ୟା ଅଛି। ଛାତିରେ ଚାପ ସୃଷ୍ଟିହେଲେ କିମ୍ବା କିଛି ଭାରି ଜିନିଷ ରଖିଲା ଭଳି ଲାଗିଲେ, ଅଚାନକ ନିଶ୍ୱାସ ପ୍ରଶ୍ୱାସ ନେବାରେ ତକଲିପ ହେଲେ, ହୃଦ ସ୍ପନ୍ଦନ ବଢ଼ିଗଲେ, ସଦାବେଳେ ହାଲିଆ ଲାଗିଲେ, ସାଧାରଣ କାମଟିଏ କଲେ ଥକା ଲାଗିଲେ ହୃଦ ସମସ୍ୟା ରହିଛି ବୋଲି ଜାଣ। ଇନଡାଇଜେସନ ଏବଂ ଅଧିକାଂଶ ସମୟ ବାନ୍ତି ଲାଗିବା, ବ୍ୟସ୍ତ ବିବ୍ରତ ଲାଗିବା, ମୁଣ୍ଡ ବୁଲାଇବା ଭଳି ଲାଗିଲେ ହାର୍ଟ ପ୍ରୋବ୍ଲେମର ସଂକେତ ବୋଲି ଜାଣନ୍ତୁ । ତେଣୁ ପାଦ ଫୁଲିଯାଏ। ତେବେ ଏହି ସମୟରେ ପେସେଣ୍ଟକୁ କିଛି ଖାଇବାକୁ କିମ୍ବା ପିଇବାକୁ ଦିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ପେସେଣ୍ଟର ସ୍ଥିତି ଆହୁରି ଖରାପ ହୋଇଯିବ। ଆସ୍ପିନ ବ୍ଲଡ଼ କ୍ଲଟକୁ ରୋକିଥାଏ। ତେଣୁ ହାର୍ଟ ଆଟାକ ପେସେଣ୍ଟକୁ ତୁରନ୍ତ ଆସ୍ପିନ ଦିଅନ୍ତୁ। କିନ୍ତୁ ଏକଥା ମନେରଖିବା ଉଚିତ ବେଳେବେଳେ ଏହା ପ୍ରୋବ୍ଲେମ ବି ଦେଇତାଏ। ତେଣୁ ଡାକ୍ତରଙ୍କୁ ପଚାରି ଦେଲେ ଭଲ। ହଁ ପେସେଣ୍ଟକୁ ହସପିଟାଲ ନେଲାବଳେ ଚଲାଇବାକୁ ଚେଷ୍ଟା କରନ୍ତୁନି। ଏହାଦ୍ୱାରା ହାର୍ଟ ଉପରେ ପ୍ରେସର ପଡ଼ିଥାଏ। ପଲ୍ସ ରେଟ୍ କମିଗଲେ ପେସେଣ୍ଟର ଚେଷ୍ଟରେ ଚାପ ପ୍ରୟୋଗ କରନ୍ତୁ ଟିକେ କଷ୍ଟ ଲାଘବ ହେବ। କିନ୍ତୁ ଭଲ ଭାବେ ଚାପଦେଲେ ପ୍ରୋବ୍ଲେମ ବଢ଼ିଯାଇପାରେ।

# ମାତ୍ରାଧିକ ଡ୍ରାଏ ଫ୍ରୁଟ୍ସ ଖାଉଥିଲେ ସାବଧାନ: ହୋଇପାରେ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା

**ପୁଷ୍ଟିକର ଉପାଦନରେ ଭରପୂର ସମସ୍ତ ପ୍ରକାର ଡ୍ରାଏ ଫ୍ରୁଟ୍ସ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ ପ୍ରତିଦିନ ଖାଦ୍ୟରେ ଡ୍ରାଏ ଫ୍ରୁଟ୍ସ ଯୁକ୍ତ କରିବା ପାଇଁ ପରାମର୍ଶ ଦିଅନ୍ତି। କିନ୍ତୁ ବେଳେ ବେଳେ ଏହି ଡ୍ରାଏ ଫ୍ରୁଟ୍ସ ଲାଭ ବଦଳରେ କ୍ଷତି ପହଞ୍ଚାଇପାରେ। କାରଣ ମାତ୍ରାଧିକ ଡ୍ରାଏ ଫ୍ରୁଟ୍ସ ସେବନ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଶରୀରରେ ଏହାର ପରିମାଣ ଅଧିକ ହେଲେ କି କି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ, ଜାଣନ୍ତୁ...**

## ଡ୍ରାଏ ଫ୍ରୁଟ୍ସର ଉପକାରୀ ଗୁଣ

ଶରୀରରେ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱର ଅଭାବ ପୂରଣ ପାଇଁ ଡ୍ରାଏ ଫ୍ରୁଟ୍ସ ସେବନ କରାଯାଏ। ଏହା ଶରୀରକୁ ପୋଷଣ ଯୋଗାଇ ଥାଏ। ଏଥିରେ ଥିବା ପ୍ରୋଟିନ୍, ଓମେଗା-୩ ଏବଂ ଆମିନୋ ଏସିଡ୍ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଆଲମଣ୍ଡ, କିସମିସ୍, ପିସ୍ତା, କାଜୁ, ଅଖରୁଟ୍ ଇତ୍ୟାଦି ଡ୍ରାଏ ଫ୍ରୁଟ୍ସ ଖାଇବା ପାଇଁ ଡାକ୍ତରମାନେ ପରାମର୍ଶ ଦିଅନ୍ତି।

ଯଦି ଡାଏଟରେ ଡ୍ରାଏ ଫ୍ରୁଟ୍ସ ଆଡ୍ କରିବାକୁ ଚାହୁଁଥାନ୍ତି, ତେବେ ମନେ ରଖନ୍ତୁ ଏହା ୨୫ରୁ ୫୦ ଗ୍ରାମ ମଧରେ ସୀମିତ ରହିବା ଆବଶ୍ୟକ। ଦୈନିକ ୫୦ ଗ୍ରାମରୁ ଅଧିକ ଡ୍ରାଏ ଫ୍ରୁଟ୍ସ ଖାଆନ୍ତୁ ନାହିଁ।



## ମାତ୍ରାଧିକ ଡ୍ରାଏ ଫ୍ରୁଟ୍ସ ଖାଇଲେ କେଉଁ ସ୍ୱାସ୍ଥ୍ୟ ସମସ୍ୟା ହୋଇଥାଏ

ଅତ୍ୟଧିକ ଡ୍ରାଏ ଫ୍ରୁଟ୍ସ ଖାଇବା ଦ୍ୱାରା ଶରୀରରେ ଚର୍ବି ଜମା ହେବାର ଯଥେଷ୍ଟ ସମ୍ଭାବନା ଥାଏ। ଚର୍ବି ଜମା ହେବା ଫଳରେ ମେଦବହୁଳତା ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଏଥିସହ ଅଧିକ ଡ୍ରାଏ ଫ୍ରୁଟ୍ସ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ, ପେଟ ଫୁଲା ଏବଂ ପେଟରେ ଯନ୍ତ୍ରଣା ହୋଇପାରେ।



# କାହିଁକି କମ୍ ବୟସରୁ ଦୁର୍ବଳ ହୋଇପାଉଛି ହାଡ ?: ଜାଣନ୍ତୁ କାରଣ ଓ ନିରାକରଣ



ଶରୀରକୁ ମଜବୁତ ରଖେ ଅସ୍ଥି ବା ହାଡ। ସେଥିପାଇଁ ଅସ୍ଥି ସ୍ୱାସ୍ଥ୍ୟର ଯତ୍ନ ନିହାତି ଆବଶ୍ୟକ। କିନ୍ତୁ ବର୍ତ୍ତମାନର ଜୀବନଶୈଳୀ ଯୁବାବସ୍ଥାରୁ ହାଡକୁ ଦୁର୍ବଳ କରିଦେଉଛି। କମ୍ ବୟସର ପିଲାମାନେ ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅସନ୍ତୁଳିତ ଖାଦ୍ୟ ଏବଂ ଶାରୀରିକ କାର୍ଯ୍ୟକଳାପ ହ୍ରାସ ଏହାର ମୁଖ୍ୟ କାରଣ ପାଲଟିଛି।ଏହି କାରଣରୁ ବର୍ତ୍ତମାନ ସମୟରେ ୩୫ ବର୍ଷରୁ କମ୍ ବୟସର ଲୋକ ଅସ୍ଥିଜନିତ ସମସ୍ୟା, ଅଷ୍ଟିଓପୋରୋସିସ୍ ରୋଗର ଶିକାର ହେଉଛନ୍ତି। ତେବେ ହାଡ କାହିଁକି ଦୁର୍ବଳ ହୁଏ, ଦୁର୍ବଳ ହେବାର ଲକ୍ଷଣ କ'ଣ ଏବଂ ହାଡକୁ ମଜବୁତ କରିବା ପାଇଁ କଣ କରିବା ଉଚିତ୍, ଜାଣନ୍ତୁ...

ହାଡ ଦୁର୍ବଳ ହେବାର କାରଣ: ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ, ଖାଦ୍ୟ ଏବଂ ବ୍ୟାୟାମର ଅଭାବ ହାଡ ଦୁର୍ବଳ ହେବାର ମୁଖ୍ୟ କାରଣ। ଏହା ବ୍ୟତୀତ ଅଳ୍ପ ବୟସରେ ଆଘାତ, ରକ୍ତ ଏବଂ କ୍ୟାଲସିୟମର ଅଭାବ, ସୂର୍ଯ୍ୟ କିରଣ ସଂସ୍ପର୍ଶରେ କମ୍ ଆସିବା ଏବଂ ଭୁଲ ଖାଦ୍ୟ ଯୋଗୁଁ ହାଡ ଦୁର୍ବଳ ହୋଇଯାଏ।

ମହିଳାମାନଙ୍କ କ୍ଷେତ୍ରରେ ଏହି ସମସ୍ୟା ଅଧିକ ଦେଖାଯାଏ। ମେନୋପଜ୍ କାରଣରୁ ଶରୀରରେ ଇଷ୍ଟ୍ରୋଜେନ୍ ଅଭାବରୁ ହାଡ ଦୁର୍ବଳ ହେବାକୁ ଲାଗେ।

କିପରି ନେବେ ଯତ୍ନ: ଅସ୍ଥି କାର୍ଯ୍ୟକୁ ଦୃଢ ରଖିବାକୁ ଚାହୁଁଥିଲେ, ପ୍ରଥମେ ଡାଏଟରେ କ୍ୟାଲସିୟମ ସମୃଦ୍ଧ ଖାଦ୍ୟ ଯୋଗ କରନ୍ତୁ। ୨୦ରୁ ୫୦ ବର୍ଷ ବୟସର ଲୋକମାନେ ସେମାନଙ୍କର ଦୈନନ୍ଦିନ ଖାଦ୍ୟରେ ୧୦୦୦ ଗ୍ରାମ କ୍ୟାଲସିୟମ ସମୃଦ୍ଧ ଖାଦ୍ୟ ଗ୍ରହଣ କରିବା ଉଚିତ୍। ଯେଉଁମାନଙ୍କର ପୂର୍ବରୁ ଅଷ୍ଟିଓପୋରୋସିସ୍ ଅଛି ସେମାନେ ପ୍ରତିଦିନ ୧୨୦୦ ଗ୍ରାମ କ୍ୟାଲସିୟମ ଗ୍ରହଣ କରିବା ଉଚିତ୍।

କେଉଁ ସବୁ ଖାଦ୍ୟରୁ କ୍ୟାଲସିୟମ ପାଇବେ: କ୍ୟାଲସିୟମ ସମୃଦ୍ଧ ଖାଦ୍ୟରେ କ୍ଷୀର, ବଟରମିଲ୍କ ଏବଂ ପନିର ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ସୋୟାବିନ୍, ବ୍ରୋକଲି ଏବଂ ଅଞ୍ଜୀରରେ ପ୍ରଚୁର ପରିମାଣର କ୍ୟାସିୟମ ମିଳିଥାଏ। ଅସ୍ଥି ସ୍ୱାସ୍ଥ୍ୟ ପାଇଁ ଭିଟାମିନ୍ ଡି ମଧ ଆବଶ୍ୟକ। ଭିଟାମିନ ଡି ଅଭାବକୁ ଦୂର କରିବା ପାଇଁ ସୂର୍ଯ୍ୟକିରଣ ନିହାତି ଆବଶ୍ୟକ। ଏଥିପାଇଁ ପ୍ରତ୍ୟେକ ଦିନ କିଛି ସମୟ ସୂର୍ଯ୍ୟକିରଣରେ ବସନ୍ତୁ। ସବୁଜ ପତ୍ରଯୁକ୍ତ ପନିପରିବା ସହ ଏକ ସନ୍ତୁଳିତ ଖାଦ୍ୟ ବଜାୟ ରଖିପାରିଲେ ଅସ୍ଥି ସ୍ୱାସ୍ଥ୍ୟ ମଜବୁତ ରହିବ।

# ଘରେ ତିଆରି କରନ୍ତୁ ଅଟା ବିସ୍କୁଟ



ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ବିସ୍କୁଟ ଖାଇବାକୁ ପସନ୍ଦ କରିଥାନ୍ତି। ଏଥିପାଇଁ ଆମେ ବଜାରରୁ ଘରକୁ କିଣିକ ଆଣିଥାନ୍ତି। କିନ୍ତୁ ଆମେ ବିଭିନ୍ନ ପ୍ରକାର ବିସ୍କୁଟ ଘରେ ତିଆରି କରିପାରିବା। ଆସନ୍ତୁ ଜାଣିବା ଘରେ କିପରି ତିଆରି କରିବା ଅଟା ବିସ୍କୁଟ।

ପ୍ରସ୍ତୁତି ପ୍ରଣାଳୀ: ଏକ ପାତ୍ରରେ କିଛି ଗୁଆ ଘିଅ ନିଅନ୍ତୁ। ସେଥିରେ ଚିନିକୁ ଗ୍ରାଇଣ୍ଡିଂ କରି ପକାନ୍ତୁ। ଏହାକୁ ଭଲଭାବରେ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଗୋଳାନ୍ତୁ। ଆପଣ ଯେତେ ଭଲ ଭାବରେ ଗୋଳାଇବେ, ବିସ୍କୁଟଟି ସେତେ କ୍ରିସ୍ପି ହେବ। ଚିନି ଗୁଆ ଘିଅକୁ ଭଲ ଭାବରେ ଗୋଳାଇ ସାରିବା ପରେ ସେଥିରେ ଅଟା ପକାନ୍ତୁ। ପରେ ସେଥିରେ ବେସନ, ସ୍ୱାଦ ଅନୁସାରେ ଲୁଣ, ଆବଶ୍ୟକ ଅନୁସାରେ ବ୍ରେକିଂ ପାଉଡର ଓ କ୍ଷୀର ପକାଇ ଭଲଭାବରେ ଚକଟନ୍ତୁ। ଏହାକୁ ଭଲ ଭାବରେ ଚକଟି ସାରିବା ପରେ ବିସ୍କୁଟ ଆକାରରେ ଗଢ଼ନ୍ତୁ। ଟ୍ରେରେ ବିସ୍କୁଟକୁ ରଖି ଦିଅନ୍ତୁ। ପରେ ଓଭାନକୁ ଗରମ କରନ୍ତୁ। ଏହା ପରେ ବିସ୍କୁଟ ଟ୍ରେକୁ ଓଭାନରେ ରଖି ଦିଅନ୍ତୁ। ୧୦ରୁ ୧୫ ମିନିଟ୍ ଓଭାନ ଭିତରେ ଏହାକୁ ରଖନ୍ତୁ। ପରେ ଏହା ପରେ ବହାରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଅଟା ବିସ୍କୁଟ ।

# କୋରାପୁଟ ସାଂସଦଙ୍କ ଇଷ୍ଟ କୋଷ୍ଟ ରେଳବାଇ ଜିଏମ୍‌ଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା

ଜୟପୁର, ୩/୯ (ନି.ପ୍ର): ଇଷ୍ଟ କୋଷ୍ଟ ରେଳବାଇର ଜି.ଏମ୍ ପରମେଶ୍ୱର ଫଙ୍କୱାଲ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ସ୍ଥିତ ତାଙ୍କ କାର୍ଯ୍ୟକାଳ ଠାରେ କୋରାପୁଟ ଜିଲ୍ଲା ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକାଙ୍କୁ ସାକ୍ଷାତ କରିଥିଲେ। କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା ଏବଂ ଇଷ୍ଟ କୋଷ୍ଟ ରେଳବାଇର ଜି. ଏମ୍ ପରମେଶ୍ୱର ଫଙ୍କୱାଲଙ୍କ ମଧ୍ୟରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଛି। ରାୟଗଡା ଜିଲ୍ଲାର ଗୁଣୁପୁର - ଥେରୁବାଲି ରେଳ ଲାଇନ,ରାୟଗଡା ରେଳଷ୍ଟେସନ ର ବିକାଶ,ଆର୍ ୟୁ ବି, ନୂତନ ଟ୍ରେନ୍,ଷ୍ଟପେଜ (ରେଳ ରହଣୀ) ଏବଂ ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା ହୋଇଛି। ଯେ କୌଣସି ସମୟରେ ଯାହା ଆବଶ୍ୟକ ରହିଛି ତାହା ପୂରଣ କରାଯିବ ଏବଂ ସମସ୍ତ ପ୍ରକାରର ପ୍ରକଳ୍ପ ଶିଘ୍ର ସମାପ୍ତ କରାଯିବ ବୋଲି ଜି ଏମ୍ କୋରାପୁଟ ଜିଲ୍ଲା ସାଂସଦଙ୍କୁ ପ୍ରତିଶ୍ରୁତି ଦେଇଥିବା ସାଂସଦ ଉଲ୍ଲକା ଜଣାଇଛନ୍ତି। ଜୟପୁର - ମାଲକାନଗିରି - ନବରଙ୍ଗପୁର ରେଳ ଲାଇନ ଧିର ଅଗ୍ରଗତି ହୋଇଥିବାରୁ ଏବଂ ବିଳମ୍ବ ହୋଇଥିବାରୁ ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବା ପାଇଁ ଇଷ୍ଟ କୋଷ୍ଟ ରେଳବାଇର ଜି ଏମ୍ ଙ୍କୁ କୁହାଯାଇଛି । ଗୁଣପୁର - ଥେରୁବାଲି ରେଳବାଇ ଏବଂ ରାୟଗଡ଼ା ବିଭାଗର ତ୍ରିମାସିକ ସମିକ୍ଷା,ରେଳ ବାଇ ଦିଷା ବୈଠକରେ ବରିଷ୍ଠ ଅଧିକାରୀଙ୍କୁ ପଠାଇବା, ଗୁଣୁପୁର - ଥେରୁବାଲି ରେଳପଥ ପ୍ରକଳ୍ପରେ ପଦ୍ମପୁର ରେଳ ଲାଇନ କୁ ଅନ୍ତର୍ଭୁକ୍ତ କରିବା, ଗୋପାଳପୁର ରେଳ ଲାଇନ୍ ତ୍ୱରାନ୍ୱିତ କରିବା, ପଦ୍ମପୁର - ଗୁମୁଡା (ଏପି) ରେଳ ଲାଇନ ପ୍ରକଳ୍ପ ସହିତ ଗୁଣୁପୁର ଉଭୟ ରେଳ ଲାଇନ ପାଇଁ ଜଙ୍ଗସନ୍। ତେଣୁ ଡିପିଆର୍ ଦାଖଲ କରିବା ପାଇଁ କୁହାଯାଇଛି। ଏବଂ ରାୟଗଡ଼ା ରେଳ ଲାଇନ ପ୍ରକଳ୍ପ, ଗୋପାଳପୁର ରେଳ ଲାଇନ ତ୍ୱରାନ୍ୱିତ କରିବା ପାଇଁ ମଧ୍ୟ ଡିଆରପି ଦାଖଲ କରିବା ପାଇଁ ଆଲୋଚନା ହୋଇଛି। ଗୁଣୁପୁର - ନୂଆପଡା ରେଳ ଲାଇନ ସ୍ପିଡ୍ ବଢାଇବା,ଲୁପ୍ତ ଲାଇନ୍ ତିଆରି, କୋରାପୁଟ -ରାୟଗଡା ଲେନ ଲାଇନରେ ସ୍ପିଡ୍ ବଢାଇବା, ଜଗଦଲପୁର ଠାରୁ ଭୁବନେଶ୍ୱର ଭାୟା କୋରାପୁଟ ଠାରୁ ରାୟଗଡା ଦିନରେ ଟ୍ରେନ୍ ଚଳାଚଳ ନିମନ୍ତେ, ରାୟଗଡା, ଗୁଣୁପୁର,ଆମ୍ବାଡଲା, ମୁନିଗୁଡା,ରାୟଗଡା କୋରାପୁଟ, ଜୟପୁରର ରେଳ ଷ୍ଟେସନର ଉନ୍ନତିକରଣ , ବିଭିନ୍ନ ସ୍ଥାନରେ ଓଭରବ୍ରିଜ୍ ନିର୍ମାଣ, କୋରାପୁଟ ଜିଲ୍ଲାରେ ଟ୍ରନ୍ ଅଧିକ ଚଳାଚଳ, ରାୟଗଡ଼ା ରେଳ ଡ଼ିଭିଜନରେ ଡି ଆର୍ ଏମ୍ ନିଯୁକ୍ତି ତୁରନ୍ତ କରିବା ପାଇଁ ଦାବି କରାଯାଇଛି ନହେଲେ ଓ ଏସ୍ ଡି ଆରମ୍ଭ କରିବା ପାଇଁ କୁହାଯାଇଛି। ବିଭିନ୍ନ ରେଳଷ୍ଟେସନରେ ଅନୁଧ୍ୟାନ କରି ଟ୍ରେନ୍ ଷ୍ଟପେଜ୍ ନିର୍ମାଣ ପାଇଁ ମଧ୍ୟ କୁହାଯାଇଛି। ବରିଷ୍ଠ ନାଗରିକ ଏବଂ ସାମ୍ବାଦିକ ମାନଙ୍କୁ ରେଳ ବିଭାଗ ତରଫରୁ କନସେସନ୍ ଦେବାକୁ ମଧ୍ୟ ଆଲୋଚନା କରାଯାଇଛି ।

# ସମ୍ ହସ୍ପିଟାଲ ଡାଇବେଟିସ୍ ଗବେଷଣା ସନ୍ଦର୍ଭ ନିମନ୍ତେ ସମ୍ମାନିତ

ଭୁବନେଶ୍ୱର, ୩/୯ (ନି.ପ୍ର): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ ର ଡାଇବେଟିସ୍ ଓ ଏଣ୍ଡୋକ୍ରିନୋଲଜି ବିଭାଗକୁ ଅଭିନବ ଗବେଷଣା ନିମନ୍ତେ ନିକଟରେ ଲକ୍ଷ୍ନୌ ଠାରେ ଅନୁଷ୍ଠିତ ଆମେରିକାନ୍ କଲେଜ ଅଫ୍ ଫିଜିସିଆନସ୍‌ର ଇଣ୍ଡିଆ ଚ୍ୟାପ୍ଟର ସମ୍ମିଳନୀରେ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି ।'ଆସେସମେଂଟ ଅଫ୍ ହାଇପୋଗୋନାଡିଜମ ଆଣ୍ଡ ଇଟସ ଡିଟରମିନାଂଟସ୍ ଆମଙ୍ଗ ଆଡଲଟ ମେନ ଉଇଥ ଟାଇପ-୨ ଡାଇବେଟିସ୍ ମେଲିଟସ' ଶୀର୍ଷକ ଏହି ଗବେଷଣା ପ୍ରସୂତ ସନ୍ଦର୍ଭକୁ ଏହି ସମ୍ମାନ ମିଳିଛି । ବିଭାଗର ପ୍ରଫେସର ଜୟଶ୍ରୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଡିଏମ୍ ଏଣ୍ଡୋକ୍ରିନୋଲଜି ରେସିଡେଂଟ ଡାକ୍ତର ଜସ୍‌ପ୍ରୀତ ସିଂହ ଏହି ସନ୍ଦର୍ଭ ପ୍ରସ୍ତୁତ କରିଥିଲେ ।ଏହି ବିଭାଗ ଗତବର୍ଷ ମଧ୍ୟ ସବୁଠାରୁ ଶ୍ରେଷ୍ଠ ସନ୍ଦର୍ଭ ନିମନ୍ତେ ଏହି ସମ୍ମିଳନୀରେ ସମ୍ମାନିତ ହୋଇଥିଲା ବୋଲି ପ୍ରଫେସର ସ୍ୱାଇଁ କହିଛନ୍ତି ।ବିଭାଗ ପକ୍ଷରୁ ଡାଇବେଟିସ ସଂକ୍ରାନ୍ତିୟ ଅନେକ ଗୁଡିଏ ଗବେଷଣା ପ୍ରସୂତ ସନ୍ଦର୍ଭ ପ୍ରସ୍ତୁତ କରାଯାଇଥିଲା ଯାହା ସ୍ୱାସ୍ଥ୍ୟସେବା ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା । ଏହା ମଧ୍ୟ ୨୦୨୩ରେ ଇଂଟରନ୍ୟାସନାଲ ୍ ଡାଇବେଟିସ୍ ଫେଡେରେସନ୍ ସମ୍ମିଳନୀରେ ପ୍ରଥମ ପୁରସ୍କାର ଲାଭ କରିଥିଲା ।ଏହି ବିଭାଗରେ ଡାଇବେଟିସ୍ ଉପରେ ହେଉଥିବା ଗବେଷଣା ତଥା ଜଟିଳ ଚିକିତ୍ସା ନିମନ୍ତେ ଅଭିନବ ଉପାୟ ଅବଲମ୍ବନ ଦୃଷ୍ଟି ଆକର୍ଷଣ କରିପାରିଛି ବୋଲି ପ୍ରଫେସର ସ୍ୱାଇଁ କହିଛନ୍ତି ।

# ବାବା ବିଶାସହେ କୁଲୁତା ସମାଜର ଜିଲ୍ଲାସ୍ତରୀୟ କମିଟି ଗଠନ

ବଲାଙ୍ଗୀର, ୩/୯ (ନି.ପ୍ର): ରଣେଶ୍ୱର ରାମଚଣ୍ଡି ପୀଠ ହର୍ଡାଟାଲ କେନ୍ଦ୍ର ଠାରେ ଇଷ୍ଟଦେବୀ ଙ୍କ ପୂଜାର୍ଚ୍ଚନା ପରେ ବାବା ବିସାସହେ କୁଲୁତା ସମାଜର ନୂତନ କମିଟି ଗଠିତ ହୋଇଯାଇଛି । ବେଲାର ସିଂ ଭୋଇଙ୍କ ସଭାପତିତ୍ୱରେ ବଲାଙ୍ଗିର ଜିଲ୍ଲାର ତିରିଶ ଟି ଆଂଚଳିକ କେନ୍ଦ୍ରର ସଭାପତି ସମ୍ପାଦକ ଓ ଜିଲ୍ଲା ଯୁବ ସମାଜ ସଭାପତି ରମେଶ ଚନ୍ଦ୍ର ଗଡତ୍ୟା, ସଭ୍ୟା ସଭ୍ୟ ଙ୍କ ଉପସ୍ଥିତିରେ ଜିଲ୍ଲା ସ୍ତରୀୟ ବାବା ବିଶାସହେ କୁଲୁତା ସମାଜର କର୍ମକର୍ତା ପ୍ରସ୍ତାବ ଓ ସମର୍ଥକରେ ମନୋନିତ କରାଯାଇ କମିଟି ଗଠନ କରାଯାଇଅଛି। କମିଟିର ସଭାପତି ଭାବେ ସର୍ବଶ୍ରୀ ବେଲାର ସିଂ ଭୋଇ, ଉପ-ସଭାପତି ବେଲାର ସାହୁ, ସଂପାଦକ ମଧୁସୂଦନ ନାଏକ, ସହସଂପାଦକ ମହେନ୍ଦ୍ର ପଧାନ, ଭକ୍ତବନ୍ଧୁ ବିଶ୍ୱାଳ, ରାଜେନ୍ଦ୍ର ନାରାୟଣ ପାତ୍ର, ଡିଲେଶ୍ୱର ବାରିକ, କୋଷାଧ୍ୟକ୍ଷ ବୃନ୍ଦାବନ ପ୍ରଧାନ, ମହିଳା ସଭ୍ୟ କୁନ୍ତଳା ଗଡତ୍ୟା, ଉପଦେଷ୍ଟା ଭାବେ କ୍ଷମାନିଧି ଭୋଇ, ଲିଙ୍ଗରାଜ ପଧାନ, ଶତୃଘନ ଭୋଇ, ବିପିନ ବିହାରୀ ସାହୁ ଓ ପୃଥ୍ୱୀରାଜ ଗଡତ୍ୟା ଦାୟିତ୍ୱ ଗ୍ରହଣ କରିଛନ୍ତି। କୁଲୁତା ସମାଜର ଉନ୍ନତି ପ୍ରଗତି ତଥା ସମାଜର ସଂସ୍କୃତି ପରମ୍ପରା ଅଗ୍ରଗତି ନିମନ୍ତେ ମନୋନିତ ସଭ୍ୟା ସଭ୍ୟ ସଂକଳ୍ପ କରିଥିଲେ ଓ ଶେଷରେ ସଞ୍ଜୟ ଗଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

# କନ୍ଧମାଳ ଜିଲ୍ଲା ବ୍ୟାଡ଼ମିଂଟନ ଆସୋସିଏସନ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ

କନ୍ଧମାଳ, ୩/୯ (ନି.ପ୍ର): କନ୍ଧମାଳ ଜିଲ୍ଲା ବ୍ୟାଡମିଂଟନ ଆସୋସିଏସନ ପକ୍ଷରୁ ଏକଦିବସୀୟ ରାଜ୍ୟ ସ୍ତରୀୟ ବ୍ୟାଡମିନ୍ଟନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ, ଗଷ୍ଟ ୩୧ ତାରିଖ ଦିନ ଜିଲ୍ଲା କ୍ରୀଡା ଅନୁଷ୍ଠାନ ପକ୍ଷରୁ ସମସ୍ତ ବର୍ଗର ଏକ ଦିବସୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ଉପଜିଲ୍ଲାପାଳ ଚିତରଞ୍ଜନ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ବରିଷ୍ଠ ବର୍ଗର ଖେଳାଳିମାନଙ୍କ ସମେତ କନିଷ୍ଠ ବର୍ଗର ବାଳକ ଓ ବାଳିକା ମାନେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ପରବର୍ତୀ ଦିନ କନ୍ଧମାଳ ଜିଲ୍ଲା ବ୍ୟାଡ଼ମିଂଟନ ଆସୋସିଏସନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟର ଢେଙ୍କାନାଳ ଅନୁଗୋଳ, ସମ୍ବଲପୁର, ବଲାଙ୍ଗୀର, ଢେଙ୍କାନାଳ, ଭଞ୍ଜନଗର, ବୌଦ୍ଧ, ସୋନପୁରର ଓ କଳାହାଣ୍ଡି ଜିଲ୍ଲା ସମେତ ଅନ୍ୟାନ୍ୟ ୨୪ଟି ଜିଲ୍ଲାର ଖେଳାଳିମାନେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଢେଙ୍କାନାଳର ତାରିଣୀ ଏବଂ ପାର୍ଟନର ଚମ୍ପିଅନ୍ ହୋଇଥିଲେ ସେହିପରି ବଲାଙ୍ଗିର ଜିଲ୍ଲା ଇନଫାର ଓ ପାର୍ଟନର ରନର୍ସଅପ ହୋଇଥିଲେ। ସୋନପୁର ଜିଲ୍ଲାର ସରୋଜ ଭୋଇ ଏବଂ ପାର୍ଟନର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ଦିବସର ମୁଖ୍ୟ ଅତିଥି କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ବିଜୟୀ ପ୍ରତିଯୋଗୀ ମାନଙ୍କୁ ଅର୍ଥ ରାଶି ଓ ମୋମେଂଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ଭାବେ ଫୁଲବାଣୀ କୋଠାବାଡି ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଅମିତ କୁମାର ଟୁଡୁ ଯୋଗ ଦେଇ ଅନୁଷ୍ଠିତ ଏହି ଚିତାକର୍ଷକ ଖେଳକୁ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ ଫୁଲବାଣୀର ବରିଷ୍ଠ ବ୍ୟାଡ଼ମିଂଟନ ଖେଳାଳି ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ। ଆସୋସିଏସନ ପକ୍ଷରୁ ଫୁଲବାଣୀ ର ୬୦ ଦସକ ଓ ୮୦ ଦସକର ଖେଳାଳିମାନଙ୍କୁ ଉତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ କେ. ଜ୍ଞାନ କୁମାର ଦୋରା, ରାଘବାନନ୍ଦ ଦଲାଲ ଏବଂ ଅଶୋକ କୁମାର ପଟ୍ଟନାୟକ ଥିଲେ। ବରିଷ୍ଠ ଖେଳାଳିମାନେ ସେମାନଙ୍କ ସମୟର ଖେଳ ଅଭିଜ୍ଞତା ବାବଦରେ କହିବା ସହିତ ଯୁବ ପିଢି ଜୀବନରେ ଖେଳକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଫୁଲବାଣୀ ଇନଡୋର ର କୋଚ୍ ଅସୀମ ନାୟକଙ୍କ ପରିଚାଳନାରେ ସବ୍ୟସାଚୀ ଦଲାଲ, ସମ୍ବିତ ଦାସ, ସ୍ନେହାଶିଷ୍ ହୋତା, ମହେଶ କୁମାର ସୁବୁଦ୍ଧି, ସତ୍ୟଜିତ୍ ପଟ୍ଟନାୟକ, ପ୍ରସାଦ ସୋନୁ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ, ୩/୯ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୯୦ ଗୋଟି ଅଭିଯୋଗ ମିଳିଥିଲା। ସେଥି ମଧ୍ୟରୁ ୭୪ ଗୋଟି ବ୍ୟକ୍ତିଗତ, ୫ ଗୋଟି ଗ୍ରାମ ସମସ୍ୟା ସମ୍ପର୍କିତ, ୧୧ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ରୁ ସହାୟତା ସମ୍ପର୍କିତ ଆବେଦନ ରହିଥିଲା ।ତତକ୍ଷଣାତ ୧ ଗୋଟି ଅଭିଯୋଗ ର ସମାଧାନ ହୋଇଥିଲା। ଅନ୍ୟ ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ।ଅନ୍ୟ ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ପୁରୀ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ ପି ଦେବବ୍ରତ ଚକ୍ର ସିଡିଏମଓ ଡା ରୂପ ଭାନୁ ମିଶ୍ର,ଅଭିଯୋଗ ପ୍ରକୋଷ୍ଠ ଡେପୁଟି କଲେକ୍ଟର ଆଶୁତୋଷ ଦେ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ।

# ଦୁଃଖ ଦେଉଛି କର୍କଟ ରୋଗ: ଆର୍ଥିକ ସହାୟତା ପାଇଁ ନିବେଦନ

ମାଲକାନଗିରି, ୩/୯ (ନି.ପ୍ର): ଦୁଃଖ ଦେଉଛି କ୍ୟାନ୍ସର ରୋଗ । ଚିକିତ୍ସା ପରେ କମିବା ବଦଳରେ ବଢ଼ିବାରେ ଲାଗିଛି । ଅନ୍ୟପଟେ ଅର୍ଥ ଅଭାବରୁ ଚିକିତ୍ସା କରାଇ ନ ପାରି ରୋଗ ସହ ସଂଗ୍ରାମ କରୁଛନ୍ତି ଯୁବକ । କିଛି ଏପରି ଚିତ୍ର ଆସିଛି ମାଲକାନଗିରି ଜିଲ୍ଲା ଭୁବନପଲ୍ଲୀ ଗ୍ରାମରୁ !ଗ୍ରାମର କୁଞ୍ଜ ମୁକେଶ ନାମକ ଯୁବକ ଦୀର୍ଘ ୬ମାସ ହେଲା କ୍ୟାନ୍ସର ରୋଗରେ ପୀଡ଼ିତ ଥିବାବେଳେ ଅସହ୍ୟ ଯନ୍ତ୍ରଣାରେ ଦିନ କାଟୁଛନ୍ତି ଓ ମୁହଁରେ କ୍ୟାନସର୍ ହେବା ଫଳରେ ପୂର୍ବରୁ ଅପରେସନ କରିଥିଲେ ମୁକେଶ। ହେଲେ ଅପରେସନ ପରେ ରୋଗ ଭଲ ହେବା ବଦଳରେ ଅଧିକରୁ ଅଧିକ ବଢୁଥିବା ନିଜ ନିକଟରେ ଅର୍ଥ ନ ଥିବାବେଳେ ଜୀବନ ବୋଝ ହୋଇପଡ଼ିଥିବା କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି ମୁକେଶ । ନିଜ ରୋଗର ଚିକିତ୍ସା ପାଇଁ ମୁକେଶ ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ଭଲ ହେବାପାଇଁ ଏବେ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ହେଉଥିବାରୁ ଅର୍ଥ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ବାଧ୍ୟ ହୋଇ ନିଜ ଭାଇ କୁଞ୍ଜ ରାଜୁ ଘରେ ରହି ଦିନ କାଟୁଥିବାବେଳେ ମୁକେଶ ଓ ତାଙ୍କ ପରିବାର ଲୋକଙ୍କ ଆଖିରୁ ଶୁଖୁନୁ ଲୁହ । ଅର୍ଥ ଅଭାବରୁ ଚିକିତ୍ସା ହୋଇପାରୁ ନ ଥିବାବେଳେ ପେଟ ପାଇଁ ଦାନା ଯୋଗାଡ଼ ମଧ୍ୟ ମୁକେଶଙ୍କ ପକ୍ଷରେ ସମ୍ଭବ ହେଉ ନ ଥିବାରୁ ଅନେକ ସମୟରେ ଉପାସରେ ଦିନ କଟୁଥିବା କହିଛନ୍ତି। ଯନ୍ତ୍ରଣାରେ ଜଳୁଥିବା ମୁକେଶଙ୍କୁ ଭଲ କରିଦେବା ପାଇଁ ସରକାରଙ୍କୁ ଗୁହାରି କରିଛନ୍ତି ପୂରା ପରିବାର । ଏହାସହ ସହୃଦୟ ବ୍ୟକ୍ତିଙ୍କୁ ମଧ୍ୟ ତାଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଛନ୍ତି ପରିବାର ଲୋକେ। କେହି ଯଦି ସେମାନଙ୍କ ଦୁଃଖ ଶୁଣନ୍ତେ, ତେବେ ଅସହାୟ ପରିବାର ମୁହଁରେ ହସ ଫୁଟିପାରନ୍ତା ବୋଲି ସ୍ଥାନୀୟ ଲୋକେ ମଧ୍ୟ ପ୍ରକାଶ କରିଛନ୍ତି । ସରକାରୀ ସହାୟତା ଓ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାକୁ ଅନାଇ ବସିଥିବା ମୁକେଶଙ୍କ ପାଇଁ ପ୍ରଶାସନ ଓ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ମଧ୍ୟ ଅନୁରୋଧ କରିଛନ୍ତି ।

# ରଣ ଖିଲାପି ଅଭିଯୋଗରେ ବ୍ୟବସାୟୀଙ୍କ ଘର ଓ ଟ୍ରାକ୍ଟର ଗ୍ୟାରେଜ ଜବତ

ଜୟପୁର, ୩/୯ (ନି.ପ୍ର): ରଣ ଖିଲାପି ଅଭିଯୋଗରେ ବ୍ୟବସାୟୀଙ୍କ ଘର ଓ ଟ୍ରାକ୍ଟର ଗ୍ୟାରେଜକୁ ଜବତ କଲା ବ୍ୟାଙ୍କ । ଆଜି ୟୁନିଅନ ବ୍ୟାଙ୍କ ଏନଫର୍ସମେଂଟ ବିଭାଗ ପକ୍ଷରୁ ଚଢାଉ କରାଯାଇ ଜବତ କରାଯାଇଛି । ଜୟପୁର ତହସିଲଦାର ମୋନଲିସା ଆଚାର୍ଯ୍ୟି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ କଲେ ଜବତ କରାଯାଇଛି । ପାଖାପାଖି ୪ କୋଟି ୨୫ ଲକ୍ଷ ଟଙ୍କାର ରଣ ଖିଲାପ ନେଇ ବ୍ୟାଙ୍କ ପକ୍ଷରୁ ବାରମ୍ବାର ବ୍ୟବସାୟିଙ୍କୁ ନୋଟିସ କରାଇଥିଲେ ମଧ୍ୟ କୌଣସି ସହଯୋଗ କରିନଥିବାରୁ ଆଜି ଜବତ କରାଯାଇଛି । ବ୍ୟବସାୟୀ ଗଣେଷ ପ୍ରସାଦ ବେହେରାଙ୍କ ଜୟପୁର ସହରର ଜୟନଗର ପାଇକ ସାହିରେ ଥିବା ନିଜ ବାସ ଭବନ ସହ ସଦର ଥାନା ଅନ୍ତର୍ଗତ ଆମ୍ବାଗୁଡା ସ୍ଥିତ ଲକ୍ଷ୍ମୀ ମୋଟର ନାମରେ ଥିବା ଗ୍ୟାରେଜକୁ ଜବତ କରିଛି । ସିଲ ସମୟରେ ଅପ୍ରତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ବ୍ୟବସାୟୀ ଗଣେଷଙ୍କ ସମ୍ପତି ସିଲ ସମୟରେ ଜୟପୁର ସଦର ଥାନା ଅଧିକାରି ଈଶ୍ୱର ତାଣ୍ଡିଙ୍କ ସହ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ।

# ଜୟପୁର ତହସିଲରେ ନୂତନ ତହସିଲଦାରଙ୍କ ଯୋଗଦାନ

ଜୟପୁର, ୩/୯ (ନି.ପ୍ର): ଜୟପୁର ତହସିଲରେ ନୂତନ ତହସିଲଦାର ଭାବେ ସବ୍ୟସାଚି ଜେନା ଆଜି ଯୋଗଦାନ କରିଛନ୍ତି । ଆଜି ଜୟପୁର ଉପ ଜିଲାପାଳ ଙ୍କ କାର୍ଯ୍ୟାଳୟ କୁ ଯାଇ ଯୋଗଦାନ କରିଛନ୍ତି। ଉପ ଜିଲାପାଳ ପ୍ରଭାତ କୁମାର ପରିଡାଙ୍କୁ ସାକ୍ଷାତ କରି ଯୋଗଦାନ କରିଛନ୍ତି । ଏଠାରେ ଥିବା ତହସିଲଦାର ମୋନାଲିସା ଆଚାର୍ଯ୍ୟିଙ୍କୁ ଏଠାରୁ ବଦଳି କରାଯାଇଛି । ମୋନାଲିସା ଆଚାର୍ଯ୍ୟିଙ୍କୁ ଗଜପତି ଜିଲା ନୂଆଗୁଡା ତହସିଲଦାର ଭାବେ ବଦଳି କରାଯାଇଛି ।

# ସେପ୍ଟମ୍ବର ୧୪ରେ ଖୋର୍ଦ୍ଧା ଜିଲ୍ଲାରେ ହେବ ରାଷ୍ଟ୍ରୀୟ ଲୋକଅଦାଲତ

ଭୁବନେଶ୍ୱର, ୩/୯ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ଆସନ୍ତା ସେପଟ୍ମେର ୧୪ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସର ଯଥା- ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଚିଲିକା, ଜଟଣୀ, ବେଗୁନିଆ ଓ ଟାଙ୍ଗୀଠାରେ ଏକ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭୁବନେଶ୍ୱର ସୂଚନା ପ୍ରଦାନ କରିଛନ୍ତି । ଉକ୍ତ ଲୋକଅଦାଲତରେ ସମସ୍ତ ପ୍ରକାରର ସାଲିସ୍‌ଯୋଗ୍ୟ ଫୌଜଦାରୀ ଓ ଦେୱାନି ମାମଲା ସହ ଗାଡ଼ିମଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ବୈବାହିକ ମାମଲା, ଜମି ଅଧିଗ୍ରହଣ, ଶ୍ରମ ବିବାଦ ଓ ଚେକ୍ ବାଉନ୍ସ ଇତ୍ୟାଦି ମାମଲାଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇପାରିବ । ଜିଲ୍ଲା ଓ ଦୌରାଜଜ୍ ତଥା ଅଧକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଖୋର୍ଦ୍ଧା ଶ୍ରୀ ନିଶିଥ୍ ନିଶାଙ୍କଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଯାଉଥିବା ଉକ୍ତ ରାଷ୍ଟ୍ରୀୟ ଲୋକଅଦାଲତରେ ଆପୋଷ ବୁଝାମଣା ଜରିଆରେ ଅଦାଲତମାନଙ୍କରେ ଥିବା ବିଚାରାଧୀନ ମାମଲା ଓ ନିଜ ନିଜ ମଧ୍ୟରେ ଥିବା ଯେକୌଣସି ମିଳାମିଶାଯୋଗ୍ୟ ବିବାଦର ସହଜ ଓ ସରଳ ସମାଧାନ ପାଇଁ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଜନସାଧାରଣଙ୍କୁ ଏହାର ସୁବିଧାସୁଯୋଗ ଯୋଗାଇ ଦିଆଯାଇପାରିବ ବୋଲି ପ୍ରାଧିକରଣଙ୍କ ସଚିବ ଶ୍ରୀମତୀ ସୌଦାମିନି ସିଂ ପରାମର୍ଶ ପ୍ରଦାନ କରିଛନ୍ତି । କେବଳ ବିଚାରାଧିନ ମାମଲା ନୁହେଁ, ପ୍ରାକ୍ ମୋକଦ୍ଦମାସ୍ତରୀୟ ଯଥା- କଚେରିରେ ଦାୟର ହୋଇନଥିବା ମାମଲା ଯଥା ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ ଅନାଦେୟ, ଶ୍ରମ ଓ ନିଯୁକ୍ତି ଏବଂ ଅନ୍ୟାନ୍ୟ ସାଲିସ୍‌ଯୋଗ୍ୟ ଫୌଜଦାରୀ ଓ ଦେୱାନି ମୋକଦ୍ଦମାର ମଧ୍ୟ ସମାଧାନ ଉକ୍ତ ଲୋକଅଦାଲତରେ ହୋଇପାରିବ ବୋଲି ଜଣାପଡ଼ିଛି । ଏଠାରେ ସୂଚନା ଦିଆଯାଉଛି କି ଉକ୍ତ ଲୋକଅଦାଲତରେ ମୋକଦ୍ଦମା ବା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼େ ନାହିଁ ଏବଂ ଲୋକଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ଅଟେ । ଯଦି କୌଣସି ବିଚାରାଧିନ ମାମଲା ଲୋକଅଦାଲତ ମାଧ୍ୟମରେ ଫଇସଲା ହୋଇଯାଏ ତା'ହେଲେ ଆଗରୁ ପଇଠ ହୋଇଥିବା କୋର୍ଟ ଫି ମଧ୍ୟ ଫେରସ୍ତ ହୋଇଥାଏ । ଏଣୁ, ଜନସାଧାରଣଙ୍କୁ ଅନୁରୋଧ ଯଦି ଦୀର୍ଘଦିନରୁ ଅଦାଲତରେ ପଡ଼ି ରହିଥିବା ବା ଚାଲୁ ରହିଥିବା ମାମଲାମାନଙ୍କରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋଷ ବୁଝାମଣା ଜରିଆରେ ନିଜ ନିଜର ବିବାଦର ଅନ୍ତ ଘଟାଇବାକୁ ଇଚ୍ଛା ପ୍ରକାଶ କରୁଅଛନ୍ତି, ତା'ହେଲେ ତୁରନ୍ତ ନିକଟସ୍ଥ ଅଦାଲତ କିମ୍ବା ଏହାର ସବିଶେଷ ବିବରଣୀ ଜାଣିବା ପାଇଁ ଆଇନ ସେବା ପ୍ରାଧିକରଣ/ ବିଭାଗଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ପାଇଁ ପ୍ରାଧିକରଣ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଅଛି ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭଙ୍ଗାରୁଜା ଓ ଡାକ୍ତରଙ୍କୁ ଆକ୍ରମଣ ମାମଲାରେ ଜଣେ ଗିରଫ

ଜୟପୁର, ୩/୯ (ନି.ପ୍ର): ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭାଙ୍ଗା ରୁଜା କରିବା ସହ ଡାକ୍ତରଙ୍କୁ ଆକ୍ରମଣ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା କୁମ୍ଭାର ସାହିର ରମେଶ ହରିଜନ (୨୯) । ପୋଲିସ ସୁଚନା ଅନୁଯାଇ ଗତ ୧ ତାରିଖ ରାତ୍ର ୮ ଟା ୫୩ ସମୟରେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ରବିନ୍ଦ୍ର ନାଥ ମିଶ୍ର ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଜୟପୁର କୁମ୍ଭାରସାହିର କାମ୍ୟ କରୁଥିବା ବେଳେ ବିଦ୍ୟୁତ ଆଘାତରେ ଜଣେ ଶ୍ରମିକ ସୁରେଶ ହରିଜନ (୩୦) ଗୁରୁତର ହୋଇପଡିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ। ସେଠାରେ ଡାକ୍ତର ବହୁ ଉଦ୍ୟମ ପରେ ବି ଶ୍ରମିକର ମୃତ୍ୟୁ ହୋଇଥିଲା । ଏହାକୁ ନେଇ ଶ୍ରମିକ ଙ୍କ ସହ ଯାଇଥିବା ସମ୍ପର୍କିୟ ମାନେ ଚିକିତ୍ସାଳୟରେ ଭଙ୍ଗାଭର୍ଙ୍ଗି କରିଥିଲେ ଓ ଡାକ୍ତର ଓ କର୍ମଚାରି ମାନଙ୍କୁ ଠେଲାପେଲା କରିଥିଲେ । ଷ୍ଟାଫ ନର୍ସ ମାନଙ୍କୁ ଆକ୍ରମଣ ଉଦ୍ୟମ କରୁଥିଲେ । ପରେ ସୁଚନା ପାଇ ଜୟପୁର ସଦର ପୋଲିସ ଓ ଟାଉନ ପୋଲିସ ପହଂଚି ପରିସ୍ଥିତିକୁ ଆୟତ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ଈଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ରାଜ୍ୟରେ ବାର୍ଡ ଫ୍ଲୁ ରୋଗର ସଂକ୍ରମଣ ଏବଂ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସମୀକ୍ଷା

ଭୁବନେଶ୍ୱର , ୩/୯ (ନି.ପ୍ର): ରାଜ୍ୟରେ ବାର୍ଡ ଫ୍ଲୁ ରୋଗ ଜନିତ ବର୍ତ୍ତମାନର ସ୍ଥିତିଏବଂ ଏ ପର୍ଯ୍ୟନ୍ତ ନିଆ ଯାଇଥିବା ପଦକ୍ଷେପ ସଂପର୍କରେ ଆଜି ଅପରାହ୍ନରେ ଭିଡ଼ିଓ କନ୍ଫରେନ୍ସିଂ ମାଧ୍ୟମରେ ଏକ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହିବୈଠକରେ ମୁଖ୍ୟ ଶାସନ ସଚିବ, ଓଡ଼ିଶା, ଶ୍ରୀ ମନୋଜ ଅହୁଜା, ଭାରତ ସରକାରଙ୍କ ପଶୁପାଳନ ଏବଂ ଦୁଗ୍ଧ ବିଭାଗର ସଚିବସୁଶ୍ରୀ ଅଲକା ଉପାଧ୍ୟାୟ, ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଭୁବନେଶ୍ୱର ମହାନଗର ନିଗମର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସମେତ ପୁରୀ, କେନ୍ଦ୍ରାପଡା ଏବଂ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳ ଯୋଗଦେଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଆମ ରାଜ୍ୟର କେବଳ ପୁରୀ ଜିଲ୍ଲାର ପିପିଲି, ସତ୍ୟବାଦୀ, ନିମାପଡା ଏବଂ ଡେଲାଙ୍ଗ ବ୍ଲକର ଚାରିଟି ଗ୍ରାମରେବାର୍ଡ ଫ୍ଲୁ ରୋଗ ଚିହ୍ନଟ କରାଯାଇଛି । ଭାରତ ସରକାରଙ୍କ ନିର୍ଦ୍ଦେଶିତ କାର୍ଯ୍ୟ ଯୋଜନା ଅନୁଯାୟୀ ଏହି ରୋଗର ନିୟନ୍ତ୍ରଣ ଏବଂ ନିରାକରଣ କାର୍ଯ୍ୟକ୍ରମ ଚାଲୁଅଛି । ପିପିଲି ଏବଂ ସତ୍ୟବାଦୀ ବ୍ଲକରେ ସଂକ୍ରମିତ କୁକୁଡ଼ା ଗୁଡିକୁ ମରା ଯାଇ ସାରିଥିବା ସ୍ଥଳେ ଡେଲାଙ୍ଗ ଏବଂ ନିମାପଡା ବ୍ଲକରେ ଏହି ପ୍ରକ୍ରିୟା ଜାରି ରହିଛି । ରୋଗ ସଂକ୍ରମଣ ରୋକିବା ପାଇଁ ୫୧ଟି ରାପିଡ୍ରେସପନ୍ସଟିମ୍ (ଆରଆରଟି) ପକ୍ଷୀ ମାନଙ୍କୁ ମାରିବା ଏବଂ କୁକୁଡ଼ା ଫାର୍ମଗୁଡ଼ିକର ବିଶୋଧନ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ୩୫,୩୨୯ଟି କୁକୁଡ଼ା ମରା ଯାଇଛି, ୮୪ ଗୋଟି ଅଣ୍ଡା ଏବଂ ୧୫,୩୮୦ କିଲୋଗ୍ରାମ କୁକୁଡ଼ା ଦାନା ନଷ୍ଟ କରାଯାଇଅଛି । ଏ ପର୍ଯ୍ୟନ୍ତ ୧୦,୯୪,୫୭୨ ଟଙ୍କା କ୍ଷତିପୂରଣ ଅର୍ଥ ଭାବରେ କୃଷକମାନଙ୍କୁ ପ୍ରଦାନ କରାଯାଇଛି।

# ବଲାଙ୍ଗୀର ଗାନ୍ଧୀ ପାଠାଗାର(ପୂଜା ମଣ୍ଡପ) ଟିକ୍ରାପଡ଼ାରେ ଚଳିତ ବର୍ଷ ସାର୍ବଜନୀନ ଦୁର୍ଗାପୂଜାର ପ୍ରସ୍ତୁତି ବୈଠକ

ବଲାଙ୍ଗୀର, ୩/୯ (ନି.ପ୍ର): ଚଳିତ ବର୍ଷ ବଲାଙ୍ଗୀର ଗାନ୍ଧୀ ପାଠାଗାର(ପୂଜା ମଣ୍ଡପ) ଟିକ୍ରାପଡ଼ାର ୫୭ତମ ସାର୍ବଜନୀନ ଦୁର୍ଗାପୂଜା ଆୟୋଜନ ପାଇଁ ଗାନ୍ଧି ପାଠାଗାର ସଭାପତି ପ୍ରକାଶ ନେପାକଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ସମ୍ପାଦକ ପ୍ରଦୀପ ସାହୁ ଗତ ବର୍ଷର ଆୟ ବ୍ୟୟ ଉପସ୍ଥାପନ ପରେ ଚଳିତ ବର୍ଷ ମା ଦୁର୍ଗା ଙ୍କ ପୂଜା ଆୟୋଜନ ପାଇଁ ପ୍ରସ୍ତାବମାନ ଆଗତ କରିବାକୁ ବୈଠକରେ ଅନୁରୋଧ କରିଥିଲେ। ଉପ-ସଭାପତି ସନ୍ତକ ବହିଦାର ଚଳିତ ବର୍ଷ ନବରାତ୍ର ଦୁର୍ଗାପୂଜା ପାଇଁ ଆଗତ ପ୍ରସ୍ତାବ କୁ ସର୍ବ ସମ୍ମତିକ୍ରମେ ଅନୁମୋଦନ କରିବା ସହ ବରିଷ୍ଠ ସଭ୍ୟମାନଙ୍କ ଉପଦେଶ କ୍ରମେ ପଡାର ମହିଳା ତଥା ବରିଷ୍ଠ ନାଗରିକମାନଙ୍କୁ ସଂଶ୍ଲିଷ୍ଟ କରି ପୂଜା କାର୍ଯ୍ୟକୁ ଗୁରୁତ୍ୱ ଦେଇ ଶାନ୍ତିଶୃଙ୍ଖଳା ସହ ଆୟୋଜନ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଗଲା। ଚଳିତ ବର୍ଷ ପୂଜା ଆୟୋଜନ କମିଟିର ସଭାପତି ପ୍ରକାଶ ନେପାକ, ଉପ-ସଭାପତି ସନ୍ତକ ବହିଦାର, ସମ୍ପାଦକ ପ୍ରଦୀପ ସାହୁ, କୋଷାଧ୍ୟକ୍ଷ ଜିତେନ୍ଦ୍ର ନାଗ ରହିବା ସହ ବିଭିନ୍ନ କମିଟିମାନ ଗଠନ କରାଯାଇଥିଲା । ପୂଜା କାର୍ଯ୍ୟ ସମ୍ପାଦନ ପାଇଂ ସନ୍ତକ ବହିଦାର, ବୈଷ୍ଣବ ସାହୁ, ରାଜେନ୍ଦ୍ର ମିଶ୍ର, ଅଶୋକ ମିଶ୍ର, ବାଦଲ ସାହୁ, ବାବୁ ଶ୍ରୀଚନ୍ଦନ, ପାଣ୍ଠି ସଂଗ୍ରହ କମିଟିରେ କମିଟିର ସମସ୍ତ ସଭ୍ୟ ସହ ଚିତ ସାହୁ, ମାନା ଖାନ, ରାଜେନ୍ଦ୍ର ପାଣି, ରିଆଜ ଖାନ, ସଞ୍ଜୟ ଗଡତିଆ, ପ୍ରମୋଦ ସାହୁ, ପ୍ରବୀଣ ଦର୍ଜୀ, ଆକାଶ, ଆଶୁ, ବାବୁ ନନ୍ଦ, ମହମ୍ମଦ ଅକବର, ଦୁର୍ଗା ସାହୁ, ଅବଦୁଲ ରଜାକ, ସୁନିଲ ବେହେରା, ମହେନ୍ଦ୍ର ବାଗ, ଜିତୁ ମଟାରୀ, ସାଜସଜ୍ଜା କମିଟିରେ ମାନା ଖାନ, ସୁରୁ ସାହୁ, କୁନୁ ପାତ୍ର ଓ ଅଭ୍ୟର୍ଥନା କମିଟିରେ ଭଗବାନ ବଗର୍ତି, ପୀତବାସ ପଣ୍ଡା, ନିଳମଣି ମିଶ୍ର, ରେବତୀ ସାହୁ, ମହେନନ୍ଦ୍ର ସାହୁ, ବିସର୍ଜନ ଓ ଯୋଗାଯୋଗ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ କମିଟି ସଭ୍ୟ ରୂପେ ସଂଗ୍ରାମ ବହିଦାର, ଅଜିତ ପଣ୍ଡା, ଟୁନୁ ସାହୁ, ପ୍ରମୋଦ ସାହୁ, ନଳିନୀ ସାହୁ, ସଦାଶିବ ଶତପଥି ପ୍ରମୁଖ କାର୍ଯ୍ୟ ନିର୍ବାହ କରିବା ପ୍ରସ୍ତାବ ଗ୍ରହଣ କରାଗଲା । ଉକ୍ତ ବୈଠକରେ ବରିଷ୍ଠ ସଭ୍ୟ ଗୋପବନ୍ଧୁ ମିଶ୍ର, ସତ୍ୟନାରାୟଣ ବେହେରା, ଋତୁରାଜ ସିଂ, ଅମୀୟ ମିଶ୍ର, ସୂର୍ଯ୍ୟ ମିଶ୍ର, ଦ୍ୱିଜରାଜ ମିଶ୍ର, ପ୍ରମୋଦ ପ୍ରଧାନ, ମନୋଜ ସାହୁ, ଦିଲିପ ସାହୁ, ଅନିଶ ସାହୁ, ଦୁର୍ଯ୍ୟ ଗଡତ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ଶରତ ଅଞ୍ଚଳ ଗସ୍ତ

କପ୍ତିପଦା,୨/୯(ନିପ୍ର)-କପ୍ତିପଦା ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ବଣ ପାହାଡଘେରା ଶରତ ଅଞ୍ଚଳକୁ ଆଜି ମୟୂରଭଂଜ ଜିଲ୍ଲାପାଳ ହେମକାନ୍ତ ସଏ ଗସ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ସଏ ପ୍ରଥମେ ଶରତ ଉଚ୍ଚ ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀମାନଙ୍କ ସହିତ ଭାବ ବିନିମୟ କରିଥିଲେ । ଏଥିସହିତ ବିଦ୍ୟାଳୟ ସମସ୍ୟା ସଂପର୍କରେ ପଚାରି ବୁଝିଥିଲେ । ପରେ ଶରତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ଏହାପରେ ସେ ଶରତସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ଏହି ଅବସରରେ ଶରତ ବିକାଶ ମଞ୍ଚ ତରଫରୁ ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟକୁ ଯୁକ୍ତ ତିନି ମହାବିଦ୍ୟାଳୟରେ ରୂପାନ୍ତରିତ/ ମାନ୍ୟତା ପ୍ରଦାନ କରିବା ଏବଂ ଶରତ ପ୍ରାଥମିକ ସ୍ୱାସ୍ଥକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ଦାବୀ ସମ୍ବଳିତ ଏକ ଦାବୀପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ତାଙ୍କୁ ପ୍ରଦାନ କରାଯାଇଥିଲା । ଶରତ ବିକାଶ ମଞ୍ଚର ସଭାପତି ଗାମାୟ ରମିଲି ସିଂ ଗୋଇପାଇ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ । ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଶରତ ଅଞ୍ଚଳର ସମସ୍ତ ସମସ୍ୟା ସହିତ ଶରତ ଅଞ୍ଚଳରେ ସମସ୍ତ ବିଦ୍ୟାଳୟମାନଙ୍କରେ ଶିକ୍ଷକଙ୍କ ଅଭାବ ପୂରଣ କରିବାର ପ୍ରତିଶୃତି ଦେଇଥିଲେ । ଏହି ଗସ୍ତ କାର୍ଯ୍ୟକ୍ରମ ସମୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବିପିନ ସିଂ ବଦ୍ରା, ଯୁବ ସମାଜସେବୀ ଲକ୍ଷ୍ମୀଧର ସିଂ ତିୟୁ, କ୍ଷୀରୋଦ ପାତ୍ର, ସରପଞ୍ଚ ପଦ୍ମାବତୀ ସିଂ,ଲାଦୁରା ହାଇବୁରୁ, ବ୍ରହ୍ମାନନ୍ଦ ପାତ୍ର,ଦୂର୍ଗା ସାଉୟା,ସିଦିଓ ଗୋଇପାଇ, ରାଜେଶ ବଦ୍ରା ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଷଣ ମାସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, ୩/୯ (ନି.ପ୍ର): ଖୋର୍ଦ୍ଧା, ଓସ୍ମାନ ସମ୍ମିଳନୀ କକ୍ଷ୍ୟରେ ଜିଲ୍ଲାପାଳ ଖୋର୍ଦ୍ଧା ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ପୋଷଣ ମାହ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଅଙ୍ଗନବାଡି କେନ୍ଦ୍ରମାନଙ୍କରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଏବଂ ସମସ୍ତ ସହଯୋଗୀ ବିଭାଗକୁ ସାମିଲ କରି ପୋଷଣ ମାହ ସେପ୍ଟେମ୍ବର ୦୧ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ ପୋଷଣର ପଂଚସୂତ୍ର, ସ୍ୱାସ୍ଥ୍ୟ ପରିକ୍ଷା, ଓଜନ , ରକ୍ତହୀନତା ପରୀକ୍ଷଣ ,ପରିବେଶ ପରିଷ୍କାର ,ବୃକ୍ଷ ରୋପଣ , ବର୍ଷା ଜଳ ସଂରକ୍ଷଣ ,କୁପୋଷଣ ଦୂରୀକରଣ ଇତ୍ୟାଦି ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଥିଲା । ଉପରୋକ୍ତ ବିଷୟ ବସ୍ତୁକୁ ପ୍ରକଳ୍ପ ଓ ଅଙ୍ଗନବାଡି କେନ୍ଦ୍ର ସ୍ଥଳରେ ପାଳନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏହି କାର୍ଯ୍ୟକୁ ପରିଚାଳନ। କରିଥିଲେ । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ ଦିପ୍ତିରଞ୍ଜନ ସେଠୀ, ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କସ୍ତୁରୀବାଳ ରୀବାଳା ଜେନା ,ବିଭିନ୍ନ ବିଭାଗୀୟ ଅଧିକାରୀ,ଓସ୍ୱାନ ଯୋଗେ ବ୍ଲକ ସ୍ତରରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ ଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନରେ...

ବାତିଲ ହୋଇଛି । ବିଜୟୱାଡ଼ା ନିକଟ ରାୟନପାଡୁ ଷ୍ଟେସନ୍ ସମ୍ପୂର୍ଣ୍ଣ ଭାବେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି । ସମ୍ପୂର୍ଣ୍ଣ ଷ୍ଟେସନ୍ ପାଣି ଘେରରେ ରହିଛି । ଏକାଧିକ ଟ୍ରେନ୍ ଷ୍ଟେସନରେ ଅଟକି ରହିଛି । ଏହାକୁ ଦୃଷ୍ଟିରେ ରଖି ଜୋରଦାର ଚାଲିଛି ରେସ୍କ୍ୟୁ ଅପରେସନ୍ । ଆକାଶ ମାର୍ଗରୁ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଲାଗିଛି ବାୟୁ ସେନା । ଲୋକଙ୍କ ପାଖରେ ଖାଦ୍ୟ, ପାନୀୟ, ଔଷଧ ପଠାଯାଉଛି । ଘଉଜର, ଝଉଜର ସମେତ ଅନ୍ୟାନ୍ୟ ଟିମ୍ ଲୋକଙ୍କୁ ପାଣି ଭିତରୁ ବାହାର କରିବାକୁ ଲାଗିଛନ୍ତି । ବିଶେଷ ଭାବେ ବିଜୟୱାଡ଼ା, ଏନଟିଆର, ଗୁଣ୍ଟୁର ଜିଲ୍ଲାର ହଜାର ହଜାର ହେକ୍ଟର ଚାଷ ଜମି ପାଣିରେ ବୁଡି ଯାଇଛି । କ୍ରିଷ୍ଣା ଓ ବୁଡ଼ାମେରୁ ନଦୀରେ ଜଳସ୍ତରରେ ବଢ଼ିବା ପରେ ବନ୍ୟା ସ୍ଥିତି ଉପୁଜିଛି । ପୂର୍ବ ବର୍ଷ ଗୁଡ଼ିକରେ ଏହି ଦୁଇ ନଦୀରେ ବନ୍ୟା ଆସୁଥିଲା । ତେବେ ଏବର୍ଷ ମୌସୁମୀ ସିଜନ୍ ପରେ ଲଗାଣ ବର୍ଷା ଯୋଗୁଁ ନଦୀରେ ଜଳସ୍ତର ବଢ଼ି ଜନବସତିକୁ ମାଡ଼ିଛି । ସେପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଓ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସହ ଫୋନରେ କଥା ହୋଇଛନ୍ତି । କେନ୍ଦ୍ର ପକ୍ଷରୁ ସବୁ ପ୍ରକାର ସହାୟତା କରିବା ନେଇ ଆଶ୍ୱାସନା ଦେବା ସହ ରେସ୍କ୍ୟୁ ସ୍ଥିତି ପରଖି ବୁଝିଛନ୍ତି ।

### ଭୁବନେଶ୍ୱରକୁ ଅବକାରୀ...

ଅଫିସ୍ ଭୁବନେଶ୍ୱର ଉଠାଇନେବାକୁ ଚକ୍ରାନ୍ତ ହୋଇଛି, କିନ୍ତୁ ତାକୁ କେବେ ବି ସଫଳ ହେବାକୁ ଦିଆଯିବନି । ବିଜେପି ମଧ ସୋଫିଆଙ୍କ ସନ୍ଦେହ ସତ ବୋଲି କହିଛି । ପୂର୍ବତନ ମନ୍ତ୍ରୀ ସମୀର ଦେ ସିଧାସଳଖ ଏଥିପାଇଁ ପୂର୍ବ ବିଜେଡି ସରକାର ଅମଳରେ ଅବକାରୀ କମିଶନର ଦାୟିତ୍ୱରେ ଥିବା ଜଣେ ଗେହ୍ଲା ଆଇପିଏସ୍ ଅଫିସରଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ତାଙ୍କ ସୁବିଧା ପାଇଁ ସେ ଏ ପ୍ଲାନ୍ କରିଥିଲେ ବୋଲି ଅଭିଯୋଗ କରିଛନ୍ତି ସମୀର । ତାଙ୍କ ବିରୋଧରେ ମୋହନ ସରକାର ଆକ୍ସନ ନେବାକୁ ସେ ଦାବି କରିଛନ୍ତି । ସେପଟେ କଟକ ମେୟର କହିଛନ୍ତି- ଯେଉଁ ଅଫିସର ଏ ଚକ୍ରାନ୍ତ କରିଥିବେ ତାଙ୍କ ବିରୋଧରେ ରାଜ୍ୟ ସରକାର ଆକ୍ସନ ନିଅନ୍ତୁ । ଏଠି ପ୍ରଶ୍ନ ବିଜେଡି ସରକାର ଅମଳର କିଏ ସେ ଗେହ୍ଲା ଅଫିସର ? ଯିଏ ନିଜ ସ୍ୱାର୍ଥ ପାଇଁ କଟକରୁ ଭୁବନେଶ୍ୱରକୁ ଅବକାରୀ କମିଶନରଙ୍କ ଅଫିସ୍ ଉଠାଇ ନେବାକୁ କରିଥିଲେ ଫନ୍ଦି ? ଯଦି ତଥ୍ୟ ଖୋଜାଯାଏ ତାହାଲେ ୨ବର୍ଷ ତଳେ ଅବକାରୀ କମିଶନର ଦାୟିତ୍ୱରେ ଥିଲେ ଆଇପିଏସ୍ ଆଶିଷ ସିଂ । ସେ ଗୁଇନ୍ଦା ବିଭାଗ ଡିଆଇଜି ସହ ଅବକାରୀ କମିଶନର ବି ଥିଲେ । ଆଉ ସବୁ ଘଟଣାର ପୋଲ୍ ଖୋଲିଛି ଏ ଚିଠି । ୨୦୨୨ ମେ ୯ ତାରିଖରେ ରାଜ୍ୟ ଅବକାରୀ ଡେପୁଟି କମିଶନରଙ୍କୁ ଇପିକଲ୍ ଲେଖିଛି- ଯେ ଅବକାରୀ ବିଭାଗର ଆବଶ୍ୟକ ମୁତାବକ ଭୁବନେଶ୍ୱରରସ୍ଥିତ ଇପିକଲ୍ ମୁଖ୍ୟ ବିଲଡିଂର ଚତୁର୍ଥ ମହଲାରେ ୱେଲ ଫର୍ନିସିଂ ଅଫିସ୍ ପ୍ରସ୍ତୁତ ହୋଇସାରିଛି । ପ୍ରଶ୍ନ ଉଠୁଛି- ଯେହେତୁ ଭୁବନେଶ୍ୱରରେ ଗୁଇନ୍ଦା ବିଭାଗ ଅଫିସ୍ ରହିଛି, ତେଣୁ ସେଇଠୁ ଥାଇ ଦୁଇଟି ଯାକ ବିଭାଗ କାମ କିପରି ସୁବିଧାରେ ତୁଲାଇବେ, ସେଥିପାଇଁ ଭୁବନେଶ୍ୱରକୁ ଅବକାରୀ କମିଶନର ଅଫିସ ଆଣିବାକୁ ଚାହିଁଥିଲେ କି ଆଶିଷ ସିଂ ? ଏନେଇ ଆଶିଷ ସିଂଙ୍କ ପ୍ରତିକ୍ରିୟା ମିଳିପାରି ନଥିବା ବେଳେ ଏବେକାର ଅବକାରୀ କମିଶନର ନରସିଂହ ଭୋଳ କହିଛନ୍ତି- କଟକରୁ ଅବକାରୀ କମିଶନର ଅଫିସ ସ୍ଥାନାନ୍ତରର ପ୍ରସ୍ତାବ ନାହିଁ' । ରାଜସ୍ୱ ପର୍ଷଦ କୋଠାରୁ ୧୯୯୯ରେ ଅଲଗା ହେବା ପରେ ବି ଅଫିସ ସେଇଠି ଚାଲିଥିଲା । କଟକରେ ସ୍ଥାନାଭାବରୁ ୨ ବର୍ଷ ତଳେ କେବଳ ଲ୍ୟାବ୍, ଗୋଦାମ ଓ ଫ୍ଲାଇଂ ସ୍କ୍ୱାଡ୍ ଅଫିସ ଭୁବନେଶ୍ୱର ଆସିଥିଲା । କିନ୍ତୁ କମିଶନର ଅଫିସ ଏବେ ବି କଟକରେ ଅଛି ।

### ଚାଲିଛି 'ସୁଭଦ୍ରା' ଆବେଦନ...

ଏଇ ସମାନ ସ୍ଥିତି । ଖାଲି ସେତିକି ନୁହେଁ, ସୁଭଦ୍ରା ଆଶାୟୀଙ୍କ ଭିଡ଼ର ଫାଇଦା ଉଠାଇ କେତେକ ଜନସେବା କେନ୍ଦ୍ର ମାଲିକ ଅର୍ଥ ଶୋଷଣ କରୁଥିବା ଅଭିଯୋଗ ହୋଇଛି । ଏଇ ଯେମିତି ଭଦ୍ରକ ବାସୁଦେବପୁର ବ୍ଲକ୍ ରଥପଦାର ମାହେଶ୍ୱରୀ କମନ୍ ସର୍ଭିସ୍ ସେଣ୍ଟର । ସରକାରଙ୍କ ନିୟମ ଅନୁସାରେ, ନୂଆ ଆଧାର ତିଆରି ସଂପୂର୍ଣ୍ଣ ମାଗଣା ହୋଇଥିବା ବେଳେ ଆଧାର ସଂଶୋଧନ ପାଇଁ ୫୦ ଟଙ୍କା ଦେୟ ବ୍ୟବସ୍ଥା ହୋଇଛି । କିନ୍ତୁ ଏହି କେନ୍ଦ୍ରର ମାଲିକ ଲୋକଙ୍କଠାରୁ ଆଧାର ଅପଡେଟ୍ କରାଇଦେବାକୁ ୨୦୦ରୁ ୨୫୦ ଟଙ୍କା ନେଉଥିବା ଅଭିଯୋଗ ଆସିଛି । ହେଲେ ସେଣ୍ଟର ମାଲିକଙ୍କ କହିବା କଥା, ସେ ବାହାରୁ ଲୋକ ଭଡ଼ାରେ ଆଣି ଘରୋଇ ସଂସ୍ଥା ଭାବେ ଆଧାର ଅପଡେଟ୍ କରାଉଛନ୍ତି । ସେଥିପାଇଁ ଅଧିକ ଦେୟ ନେଉଛନ୍ତି । ଏପଟେ ଜନସେବା କେନ୍ଦ୍ର ପ୍ରଶାସନ ଓଡ଼ିଶା ମୁଖ୍ୟ କହିଛନ୍ତି, ମୋବାଇଲ୍ ନମ୍ବର, ବାୟୋମେଟ୍ରିକ ବା ଟିପ ଚିହ୍ନ, ମୁହଁ ଚିହ୍ନଟ ଓ ଆଖିଡୋଳା ଚିହ୍ନଟ ଭଳି ୪ଟି ମୋଡରେ ହୋଇପାରିବ ସୁଭଦ୍ରା ଯୋଜନା ଆଧାର ଅଥେଣ୍ଟିକେସନ । ଏ ଭିତରୁ କୌଣସି ଗୋଟିଏ ମାଧ୍ୟମରେ ଆବେଦନକାରୀଙ୍କ ଆଧାର ଅଥେଣ୍ଟିକେସନ ହୋଇପାରୁଛି, ତେବେ ଆଧାର ଅପଡେଟ୍ ପାଇଁ ଏବେ ଲାଇନ ଲଗାଇବାର କୌଣସି ଆବଶ୍ୟକତା ନାହିଁ । ଅନ୍ୟପକ୍ଷରେ ଯଦି କୌଣସି ଜନସେବା କେନ୍ଦ୍ର, ଆଧାର ଅପଡେଟ୍ ପାଇଁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରଠୁ ଅଧିକ ଅର୍ଥ ମାଗୁଛନ୍ତି, ଲୋକେ ୧୪୬୭୮ ହେଲଲାଇନ୍ ନମ୍ବରରେ ଅଭିଯୋଗ କରିପାରିବେ । ଏଭଳି କ୍ଷେତ୍ରରେ ଜନସେବା କେନ୍ଦ୍ର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ।

### ବେଙ୍ଗଲରେ ଦୁଷ୍କର୍ମ ...

କିନ୍ତୁ ମହିଳା ଏବଂ ଶିଶୁଙ୍କ ପ୍ରତି ହେଉଥିବା ଅପରାଧର ମୁକାବିଲା ପାଇଁ ଭାରତୀୟ ନ୍ୟାୟ ସଂହିତାରେ ମଧ କଡା ବ୍ୟବସ୍ଥା ରହିଛି ବୋଲି ବିଜେପି କହିଛି । ବିରୋଧୀ ଦଳର ନେତା ଶୁଭେନ୍ଦୁ ଅଧିକାରୀ ଏହି ବିଲ୍‌ରେ ସାତୋଟି ସଂଶୋଧନ ପାଇଁ ଏକ ପ୍ରସ୍ତାବ ଆଗତ କରିଛନ୍ତି । ସେ କହିଛନ୍ତି, 'ଆମେ ଏହି (ଦୁଷ୍କର୍ମ ବିରୋଧୀ) ଆଇନ ଶୀଘ୍ର କାର୍ଯ୍ୟକାରୀ ହେଉ ବୋଲି ଚାହୁଁ, ଏହା ରାଜ୍ୟ ସରକାରଙ୍କ ଦାୟିତ୍ୱ । ଆମେ ଫଳାଫଳ ଚାହୁଁ । ଆମେ କୌଣସି ବିଭାଜନ ଚାହୁଁ ନାହୁଁ, ଆମେ ଆପଣଙ୍କୁ (ରାଜ୍ୟ ସରକାର) ସମ୍ପୂର୍ଣ୍ଣ ସମର୍ଥନ କରୁଛୁ । ଆମେ ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତିକୁ ଆରାମରେ ଶୁଣିଲୁ, ସେ ଯାହା ଚାହାନ୍ତି ତାହା କରିପାରିବେ । କିନ୍ତୁ ବିଲର ତୁରନ୍ତ କାର୍ଯ୍ୟକାରିତା ହେଉ ।

### ହରିୟାଣାରେ ମେଣ୍ଟ...

ଆପ୍ ୨୦ଟି ଆସନ ଦାବି କରୁଛି । ଯଦି ଆପ୍ ସହ ଚୁକ୍ତି ହୁଏ, ତେବେ ହରିୟାଣା ବିଧାନସଭା ନିର୍ବାଚନରେ କଂଗ୍ରେସ-ଆପ୍ ମିଳିତ ଭାବେ ନିର୍ବାଚନ ଲଢିବେ । ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୧ରେ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ମତଦାନ ହେବାର ଥିଲା । କିନ୍ତୁ ବିଷ୍ଣୋଇ ସମ୍ପ୍ରଦାୟର ଏକ ପାରମ୍ପାରିକ ପୂଜା ଅସୋଜ ଅମାବାସ୍ୟା ଥିବାରୁ ନିର୍ବାଚନକୁ ଅକ୍ଟୋବର ୫କୁ ଘୁଞ୍ଚାଇ ଦିଆଯାଇଛି । ଅକ୍ଟୋବର ୮ରେ ଫଳାଫଳ ପ୍ରକାଶ ପାଇବ । ଏହି ଦିନ ଜମ୍ମୁ-କଶ୍ମୀର ରେଜଲ୍ଟ ମଧ ଘୋଷଣା ହେବ ।

# ଉଦଳାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

## ସାହିତ୍ୟ, ସଂସ୍କୃତି ଓ କଳା ପାଇଁ ଉଦଳାର ରହିଛି ଏକ ସ୍ୱତନ୍ତ୍ର ପରିଚୟ : ପ୍ରମିଳା ପଣ୍ଡା




ଉଦଳା , ୩/୯ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଅଗଷ୍ଟ ୩୧ ତାରିଖ ଶନିବାର ଦିନ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରଭାତରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ନଗର ପରିକ୍ରମା କରିଥିଲା । ପରେ ସହର ମଧ୍ୟରେ ଥିବା ବିଭିନ୍ନ ବିଦ୍ୟାଳୟର ପିଲାମାନେ ପ୍ରଭାତ ଫେରିରେ ବାହାରି ଉତ୍କଳମଣି ଗୋପବନ୍ଧୁ, ଉତ୍କଳ ଗୌରବ ମଧୁସୂଦନ ଓ ବିର୍ଷା ମୁଣ୍ଡାଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ନଗରପାଳ ଜାତୀୟ ପତାକା ଉତ୍ତୋଳନ କରିବା ପରେ ସମସ୍ତେ ଏକ ସ୍ୱରରେ ଜାତୀୟ ସଂଗୀତ ବୋଲିଥିଲେ । ପରେ ଉଦଳା ଡ଼ାକ୍ତରଖାନା ଓ ଭାରତଜ୍ୟୋତି ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟରେ ଫଳ ବିସ୍କୁଟ ବଂଟନ କରଯାଇଥିଲା । ପରେ ଆଭାଷୀ ମାଧ୍ୟମରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରୁଥିବାର ଉତ୍ସବକୁ ଦେଖିଥିଲେ । ଶେଷରେ ସମସ୍ତେ 'ସନ୍ଧାନ ଗୃହ' ପରିସରରେ ହେବାକୁ ଥିବା ସାଧାରଣ ସଭାରେ ଯୋଗ ଦେଇଥିଲେ । ଉକ୍ତ ସଭାରେ ନଗରପାଳ ପ୍ରମିଳା ପଣ୍ଡା ଅଧ୍ୟକ୍ଷତା କରି ସାହିତ୍ୟ, ସଂସ୍କୃତି ଓ କଳା ପାଇଁ ସମଗ୍ର ଓଡ଼ିଶାରେ ଉଦଳାର ଏକ ସ୍ୱତନ୍ତ୍ର ପରିଚୟ ରହିଛି ବୋଲି ବ୍ୟକ୍ତ କରିଥିଲେ । ସେହିପରି ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ଦିଲିପ କୁମାର ଦିକ୍ଷିତ ଉଦଳା ସହର ଘୋଷିତ ହେବା ଦିନଠାରୁ ଆଜି ପର୍ଯ୍ୟ' ଦିର୍ଘ ୫୧ ବର୍ଷର ଇତିହାସ ଓ ନିଜର ଅନୁଭବ ବିସ୍ତୃତ ବର୍ଣ୍ଣନା କରିଥିଲେ । ପରେ ସଂଜୟ କୁମାର ପାଢ଼ି ବାର୍ଷିକ ବିରଣୀ ପାଠ କରିଥିଲେ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଉଦଳାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି, କପ୍ତିପଦା ଉପଜିଲ୍ଲାପାଳ ସୁଶା' କୁମାର ବାରିକ ଓ ଉଦଳା ଓକିଲ ସଂଘର ସଂପାଦକ ବସ' କୁମାର ପରିଡ଼ା ଯଥାକ୍ରମେ ମୁଖ୍ୟ ଅତିଥି , ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଉଦଳା ସହରର ଆତ୍ମିୟତା ଓ ଭାଇଚାରା ଭାବ ସହରର ଉନ୍ନତିରେ ସହାୟକ ହୋଇଛି ବୋଲି କହିବା ସହ ଆଗାମି ଦିନରେ ସହରକୁ ଆହୁରି ଅଧିକ ସରସ ସୁନ୍ଦର କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହାପରେ ସହରରେ ବାସ କରୁଥିବା ଅବସରପ୍ରାପ୍ତ ଶିକ୍ଷକ ବସ' କୁମାର ଶତପଥୀ ଓ ଡ଼ା. ନିର୍ମଳ ଦିକ୍ଷିତଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଉପନଗରପାଳ ଲିଲି ଭୋଳ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୂଜଙ୍ଗ ରାଜାଙ୍କ ଭଗ୍ନସ୍ତୂପ ଭୀମେଶ୍ୱରୀ, ବହୁ ଦୁର୍ମୂଲ୍ୟ ମୂର୍ତ୍ତି ପୀଠରୁ ଗାଏବ



କପ୍ତିପଦା,୩୧/୮(ନିପ୍ର) ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଅଞ୍ଚଳ ବହୁ ପ୍ରାଚୀନ ଐତିହ୍ୟ, ପରମ୍ପରା ଓ କୀର୍ତ୍ତିରାଜିର ଗନ୍ତାଘର ରୂପେ ଅବସ୍ଥିତ ହୋଇଥିଲେ ମଧ୍ୟ ଏସଂପର୍କରେ ଗଭୀର ଅନୁସନ୍ଧାନ ଓ ପର୍ଯ୍ୟାଲୋଚନାର ଅଭାବ ପରିଲକ୍ଷିତ ହୁଏ । ଫଳରେ ଏ ମାଟି ମୂଳକର ଇତିହାସ ଓ ସଂସ୍କୃତି ଯଥାର୍ଥ ମୂଲ୍ୟାୟନ ପ୍ରାପ୍ତିରୁ ବଞ୍ଚିତ ହୋଇଅଛି । ଫଳସ୍ୱରୂପ ଏକ ସ୍ୱାଧୀନ ରାଜ୍ୟ ଭାବରେ କପ୍ତିପଦା ରାଜ୍ୟ ଏବଂ ଏହାର ଭୂଜଙ୍ଗ ରାଜବଂଶ ଓଡ଼ିଶା ଇତିହାସରେ ଯେଉଁଭଳି ସ୍ଥାନ ପାଇବା କଥା ତାହା ପାଇପାରିନାହିଁ । ଭୂଜଙ୍ଗ ରାଜାଙ୍କ ଭଗ୍ନସ୍ତୂପ ଭୀମେଶ୍ୱରୀ ପୀଠ ଏହାର ଏକ ନଗ୍ନ ନମୁନା । କପ୍ତିପଦା ବ୍ଲକ୍ ପେଡ଼ାଗଡ଼ି ଗ୍ରାମରେ କାଳନଦୀର ଉପକଣ୍ଠରେ ଦିନେ ଭୀମେଶ୍ୱରୀ ତନ୍ତ୍ରପୀଠ ଥିଲା ଓଡ଼ିଶାର ପ୍ରମୁଖ ତନ୍ତ୍ର ସାଧନାର କେନ୍ଦ୍ର । ଯାବତୀୟ ଅନ୍ଧବିଶ୍ୱାସରେ ଉବୁଡୁବୁ ହେଉଥିବା ମଣିଷ ପାଇଁ ଘୋର ଦାରିଦ୍ର୍ୟତା ହୋଇଥିଲା ଚିର ସହଚର । ଏହା ହିଁ ଥିଲା ତତ୍‌କାଳୀନ ସମାଜର ଚିତ୍ରପଟ । ତେଣୁ ତନ୍ତ୍ର ପୀଠରେ ଦେବାଦେବୀଙ୍କର ଆରୋଧନା କଲେ ହିଁ ସକଳ ପ୍ରକାର ଗତି, ମୁକ୍ତି, ଆରୋଗ୍ୟ ଓ ଆର୍ଥିକ ବିକାଶ ହୋଇପାରିବ, ଏହି ଭଳି ଏକ ମାନସିକତା ସେତେବେଳେ ବଳୋବତ୍ତର ଥିଲା । ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ ବେଳକୁ ତନ୍ତ୍ର ମାର୍ଗର ପର୍ଯ୍ୟାପ୍ତ ବିକାଶ ଘଟିଥିଲା ଏବଂ ପରବର୍ତ୍ତୀ ସମୟରେ ଏହା ସୋନପୁରରେ ସହଜଯାନୀ ମାର୍ଗ ରୂପ ନେଇ ବିକଶିତ ହୋଇଥିଲା । ଭ୍ରାମ୍ୟମାଣ ଗୁରୁଶିଷ୍ୟ ପରମ୍ପରା ପର୍ଯ୍ୟବେସିତ ଏହି ସହଜଯାନୀ ସନ୍ୟାସୀ ସନ୍ୟାସିନୀମାନେ ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ସେମାନଙ୍କର ଚିନ୍ତାଧାରାକୁ ଲୋକାଭିମୁଖୀ କରାଇ ପାରିଥିଲେ । ଫଳତଃ ତନ୍ତ୍ରଯାନର ବିକାଶ ସହିତ ତନ୍ତ୍ର ପୀଠମାନ ଗଢ଼ି ଉଠିଥିଲା । ଜଣାଯାଏ ଯେ ସହଜଯାନୀ ସନ୍ୟାସୀ ଲୁଇପା ତାଙ୍କର ଶିଷ୍ୟ ଶିଷ୍ୟା ଗଣଙ୍କ ସହିତ ସୋନପୁର ପରିତ୍ୟାଗ କରି ଅରଣ୍ୟ ମାର୍ଗରେ କପ୍ତିପଦା ଭୁଜଙ୍ଗ ରାଜ୍ୟରେ ରାଜପୃଷ୍ଠପୋଷକତା ପ୍ରାପ୍ତ ହୋଇ ଏଠାରେ କିଛି କାଳ ଅବସ୍ଥାନ କରିଥିଲେ । ଫଳତଃ କାଳନଦୀ କୂଳରେ ଏକ ବିରାଟ ତନ୍ତ୍ରପୀଠ ଗଢ଼ି ଉଠିଥିଲା । ପରବର୍ତ୍ତୀ ସମୟରେ ଲୁଇପା ରାଢ଼ୋ ଗ୍ରାମ ନିକଟସ୍ଥ ସିନ୍ଦୁରମୁଣ୍ଡି ପାହାଡ଼ରେ ଅବସ୍ଥାନ କାଳରେ ସିଦ୍ଧି ଲାଭ କରିଥିବାରୁ ସେ ରହୁଥିବା ଗୁମ୍ଫାଟିର ନାମ ସିଦ୍ଧଗୁମ୍ଫା ବୋଲି ଲୋକମୁଖରେ କଥିତ । ସିଦ୍ଧିପ୍ରାପ୍ତି ପରେ ସେ ନିଜର ଅନୁଗାମୀଙ୍କ ସହ ନୀଳଗିରି ସନ୍ନିକଟ ଅଯୋଧ୍ୟା ବାଟ ଦେଇ ପଶ୍ଚିମବଙ୍ଗ, ଆସାମ ଇତ୍ୟାଦି ଅଞ୍ଚଳ ପାରି ହୋଇ ନେପାଳ ଓ ତିବ୍‌ବତ ଅଭିମୁଖେ ଯାତ୍ରା କରିଥିଲେ । ଫଳରେ ନେପାଳ ରାଜ ଦରବାରସ୍ଥ ଲାଇବ୍ରେରୀରୁ ଲୁଇପା ଓ ତାଙ୍କ ସମସାମୟିକ ସନ୍ୟାସୀମାନଙ୍କ ରଚିତ ୫୦ ଗୋଟି ଗୀତିକା ସମ୍ବଳିତ 'ବୌଦ୍ଧଗାନ ଦୋହା" ନାମରେ ଏକ ତାଳପତ୍ର ପୋଥିକୁ ଐତିହାସିକ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ପ୍ରାପ୍ତ ହୋଇଥିଲେ । ଏହି ଦୋହା ଗୁଡ଼ିକ ପ୍ରାଚୀନ ଓଡ଼ିଆ ଭାଷାରେ ଲିଖିତ ହୋଇଥିଲା । ଲୁଇପାଙ୍କ ରଚିତ ଦୋହା ଗୁଡ଼ିକ ଉପରେ ଯେତେ ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇଛି ସେହିଭଳି ଭାବରେ ତାଙ୍କ ପାଦସ୍ପର୍ଶରେ ଗଢ଼ି ଉଠିଥିବା ଭୀମେଶ୍ୱରୀ ତନ୍ତ୍ରପୀଠ ସମ୍ପର୍କରେ କିଞ୍ଚିତ୍ ଗବେଷଣା ହୋଇନାହିଁ । ଏହି ପୁନରୁ [?]ତ ବ୍ରାହ୍ମଣ୍ୟବାଦୀ ମୂର୍ତ୍ତି ଉପାସକମାନଙ୍କର କଠୋର ବିରୋଧ ତଥା ଏହି ସମୟରେ ବହିର୍ରାଗତ ବିଧର୍ମୀ ମୋଗଲ ଓ ମୁସଲମାନମାନଙ୍କ ଆକ୍ରମଣ ବଶତଃ ଅନ୍ୟାନ୍ୟ ବୌଦ୍ଧ ପୀଠ ଭଳି ଭୀମେଶ୍ୱରୀ ପୀଠ ମଧ୍ୟ ସମଦଶାପନ୍ନ ହୋଇଥିଲା । ଯେତେବେଳେ ଭୀମେଶ୍ୱରୀ ପୀଠର ପତନ ଘଟିଛି ସେତିକିବେଳେ କାଳନଦୀର ଠିକ୍ ଅପରପାର୍ଶ୍ୱରେ ଝିଙ୍କେଶ୍ୱର ଶିବ ମନ୍ଦିର ଗଢ଼ି ଉଠି ଥିବାର ଅନୁମାନ କରାଯାଏ । ଏବେ ବି କପ୍ତିପଦା ରାଜ ବଂଶର ରାଜା ମୃତ୍ୟୁବରଣ କଲେ ପରବର୍ତ୍ତୀ ରାଜା ଭୀମେଶ୍ୱରୀ ପୀଠ ଯାଇ ପୂଜାର୍ଚ୍ଚନା କରନ୍ତି ଏବଂ ସେଠାରେ ମା'ଙ୍କର ଆଦେଶ ପ୍ରାପ୍ତି ପରେ ଦିବଂଗତ ରାଜାଙ୍କ ଶବସତ୍କାର ହୁଏ । ଏହାପରେ ରାଜବାଟୀରେ ନୂତନ ରାଜାଙ୍କର ଅଭିଷେକ ସଂପନ୍ନ ହୁଏ । ଭୀମେଶ୍ୱରୀ ପୀଠ ଆଜି ଭଗ୍ନସ୍ତୂପରେ ପରିଣତ ସତ, ମାତ୍ର ଏକଦା ଏହା ତନ୍ତ୍ର ସାଧନାର ଏକ ପ୍ରମୁଖ କେନ୍ଦ୍ର ଥିଲା । ଏଠାରେ ମାଙ୍କଡ଼ା ପଥରରେ ନିର୍ମିତ ଏକ ବିରାଟ ମନ୍ଦିର ଥିଲା । ପ୍ରତ୍ୟେକ ପଥର ଖଣ୍ଡ ଅନ୍ୟ ପଥର ଖଣ୍ଡ ସହ ଲୁହା କିଳିଣୀକୁ ଛନ୍ଦି ହୋଇ ନିର୍ମାଣ ହୋଇଥିଲା ଏହି ମନ୍ଦିର । ଏବେ ବି ବିକ୍ଷିପ୍ତ ହୋଇ ପଡ଼ିଥିବା ପଥର ଦେହରେ ଲୁହା ଖଣ୍ଡ ଦେଖିବାକୁ ମିଳେ । ଏହାର ନିର୍ମାଣ ତ୍ରୟୋଦଶ ଶତାବ୍ଦୀରେ ହୋଇଥିବାର ଦେଖାଯାଏ । ଏହି ପୀଠକୁ କୁଆଡ଼େ ବିଧର୍ମୀ କଳାପାହାଡ଼ ଭାଙ୍ଗି ଦେଇଥିବାର ଗ୍ରାମର ବୟୟଜ୍ୟେଷ୍ଠ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି । ସାମୟିକ ତଥା ସ୍ୱଳ୍ପ ଖନନରୁ ପ୍ରାପ୍ତ ମୂର୍ତ୍ତିରାଜି ଓ ଧ୍ୱଂସାବଶେଷ ସ୍ଥାନଟି ଐତିହାସିକ ସ୍ୱାକ୍ଷର ବହନ କରୁଥିବାର ପ୍ରମାଣ ଦିଏ ।ଏହି ପୀଠର କିୟଦଂଶ ଗ୍ରାମବାସୀଙ୍କ ଦ୍ୱାରା ଖନନ କରା ଯାଇ ଚାମୁଣ୍ଡା, ବାରାହୀ, ମାହେଶ୍ୱରୀ, ଯମ ଦେବତା ଇତ୍ୟାଦି ବହୁ ମୂର୍ତ୍ତି ଉଦ୍ଧାର କରାଯିବା ପରେ ମୁକ୍ତାକାଶ ତଳେ ପୂଜା ପାଉଛନ୍ତି । ଚଣ୍ଡୀ ଏବଂ ଗଣେଶଙ୍କ ସହିତ ବହୁ ମୂଲ୍ୟବାନ ମୂର୍ତ୍ତି ପୂଜାସ୍ଥଳରୁ ଉଭାନ୍ ହୋଇ ଗଲାଣି । ବର୍ତ୍ତମାନ ମୂର୍ତ୍ତିଗୁଡ଼ିକ ଏଭଳି ଅବସ୍ଥାରେ ରହିଛି, ଯାହାକୁ ଦେଖିଲେ ମନରେ କ୍ଷୋଭ ଆସେ । ଏ ସଂପର୍କରେ ଗଣମାଧ୍ୟମରେ ପ୍ରକାଶ ହେବା ପରେ ଯଦିଓ ପ୍ରତ୍ନତତ୍ତ୍ୱ ବିଭାଗ ଆସି ପୀଠରେ ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ଦେଇ ମଧ୍ୟ ଏବେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନାହିଁ । ଐତିହାସିକ ଓ ଗବେଷକଗଣ ନିଜର ଗବେଷଣା ଦ୍ୱାରା ଯଦି ଏଇ ମାଟିର କିଛି ନୂତନ ଦିଶା ମିଳିଯାଏ, ତେବେ ଆମ ଗୌରବମୟ ଅତୀତ ଇତିହାସ ଅଧିକ ପରିପୃଷ୍ଟ ଓ ଉଜ୍ଜ୍ୱଳ ହୋଇପାରିବ ଏଥିରେ ସନ୍ଦେହ ନାହିଁ ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ବାଲେଶ୍ୱର, ୩/୯ (ନି.ପ୍ର): ବାଲିଆପାଳ ବ୍ଲକ ଅର୍ନ୍ତଗତ କୁଣ୍ଡୁଳି ଗ୍ରାମ ପଞ୍ଚାୟତସ୍ଥ କୁଣ୍ଡୁଳି ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅନନ୍ତ କୁମାର ପ୍ରଧାନଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଡ.ଜୟଦେବ ଜେନା ଓ ମୁଖ୍ୟ ବକ୍ତା ଭାବେ ପଲ୍ଲୀକବି ହରେକୃଷ୍ଣ ମଲ୍ଲିକ ଯୋଗ ଦେଇ ଶ୍ରୀ ପ୍ରଧାନ ଅତ୍ୟନ୍ତ ଛାତ୍ରବତ୍ସଳ, ଅନୁଷ୍ଠାନ ପ୍ରେମୀ, ସଚ୍ଚୋଟ ଓ ପରୋପକାରୀ ଥିଲେ ବୋଲି ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ଜୟନ୍ତ କୁମାର ପାଣି ଏବଂ ଶିକ୍ଷାବିତ୍ ରତ୍ନାକର ଦାସ ଯୋଗ ଦେଇ ଶ୍ରୀ ପ୍ରଧାନଙ୍କ ସମୟରେ ବିଦ୍ୟାଳୟରେ ବହୁବିଧ ଉନ୍ନତିମୂଳକ କାର୍ଯ୍ୟ ହେବା ସହ ଭିତ୍ତିଭୂମି ସୁଦୃଢ଼ ହୋଇଥିଲା ବୋଲି କହିଥିଲେ । ଏହି ସଭାରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର, ଛାତ୍ରୀ, ପରିଚାଳନା କମିଟିର ସଦସ୍ୟ, ସଦସ୍ୟା ଓ ଗ୍ରାମବାସୀ ଯୋଗ ଦେଇ ବିଦାୟୀ ଅଧ୍ୟକ୍ଷଙ୍କ ବହୁବିଧ ପ୍ରତିଭାର ପ୍ରଶଂସା କରିବା ସଙ୍ଗେ ସଙ୍ଗେ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ ।

# କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଫକୀରମୋହନ ମେଡିକାଲ୍ କଲେଜରେ ଡାକ୍ତରୀ ଶିକ୍ଷାରମ୍ଭ ଦିବସ ପାଳିତ

ରେମୁଣା/ବାଲେଶ୍ୱର, ୩/୯ (ନି.ପ୍ର): ଫକୀରମୋହନ ମେଡିକାଲ୍ କଲେଜ ଫାଟକ ପାର୍ଶ୍ୱରେ ଥିବା ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଡାକ୍ତରୀ ଶିକ୍ଷାରମ୍ଭ ଦିବସକୁ ସ୍ମରଣୀୟ କରିବା ପାଇଁ ଚଳିତବର୍ଷ ଏକ ନିରାଡମ୍ବର ଉତ୍ସବରେ ମାଲ୍ୟାର୍ପଣ କରାଯାଇଛି । ବାଲେଶ୍ୱର ଜିଲ୍ଲା ପରିଷଦର ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଉତ୍ସବରେ ଯୋଗ ଦେଇଥିଲେ । କ୍ରିୟାନୁଷ୍ଠାନ କମିଟିର ଜିଲ୍ଲା ଓ ବିଭିନ୍ନ ବ୍ଲକ୍ କମିଟି ପକ୍ଷରୁ ଶତାଧିକ କର୍ମକର୍ତ୍ତା ଓ ସଦସ୍ୟ, ସଦସ୍ୟା ଉପସ୍ଥିତ ଥିଲେ । ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସଂପାଦକ ପ୍ରଦୀପ ଦାସ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ବାଲେଶ୍ୱରରେ ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଦିଗରେ ଜିଲ୍ଲାବାସୀଙ୍କ ଅକୁଣ୍ଠ ସହଯୋଗ ଓ ତ୍ୟାଗକୁ ଉଚ୍ଚପ୍ରଶଂସା କରିଥିଲେ । ଗତ ୨୦୧୮ ମସିହା ସେପ୍ଟେମ୍ବର ୩ ତାରିଖ ମେଡିକାଲ୍ କଲେଜ୍‌ରେ ଡାକ୍ତରୀ ଶିକ୍ଷାଦାନ ଆରମ୍ଭ ହୋଇଥିଲା । ତତ୍‌କାଳୀନ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ, ବାଲେଶ୍ୱର ଓ ଭଦ୍ରକର ସାଂସଦ, ସମସ୍ତ ବିଧାୟକ, ମେଡିକାଲ୍ କଲେଜର କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ପ୍ରମୁଖ ଅଧିକାରୀମାନେ ଏହି ଭବ୍ୟ ଉତ୍ସବରେ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ପ୍ରତିବର୍ଷ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମେଡିକାଲ୍ କଲେଜର ସମ୍ମିଳନୀ ଗୃହରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଥିଲା । କିନ୍ତୁ ଗତ ୨୦୨୩ରେ ନୂତନ ପ୍ରିନସିପାଲ୍ ଦାୟିତ୍ୱ ଗ୍ରହଣ କରିବା ପରେ ଏହି କାର୍ଯ୍ୟକ୍ରମକୁ ମେଡିକାଲ୍ କଲେଜ୍ ପରିସରରେ କରିବାକୁ ଦେଉ ନଥିବାରୁ ମୁଖ୍ୟଅତିଥି ଶ୍ରୀ ପ୍ରଧାନ ଓ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ପ୍ରିନ୍‌ସିପାଲ୍‌ଙ୍କ ଏତାଦୃଶ ଆଚରଣକୁ ଦୃଢ଼ନିନ୍ଦା କରିଥିଲେ । ଜନସାଧାରଣଙ୍କ ଦୀର୍ଘଦିନର ଦାବି ଓ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନ ଯୋଗୁଁ କେନ୍ଦ୍ର ଓ ରାଜ୍ୟ ସରକାର ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କରିଛନ୍ତି । ସରକାରୀ ଅନୁଷ୍ଠାନମାନଙ୍କରେ ଜନସାଧାରଣଙ୍କ ସାହାଯ୍ୟ ଓ ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କହୁଥିବାବେଳେ ଫକୀରମୋହନ ମେଡିକାଲ୍ କଲେଜ୍‌ର ପ୍ରିନ୍‌ସିପାଲ୍‌ଙ୍କ ଆସ୍ପର୍ଦ୍ଧା ଉପସ୍ଥିତମାନଙ୍କୁ ବିସ୍ମିତ କରିଥିଲା । ସଂକ୍ରାନ୍ତି ପୁରୁଷ ଫକୀରମୋହନଙ୍କ ଜନ୍ମଦିବସ ଓ ମହାପ୍ରୟାଣ ଦିବସରେ ମେଡିକାଲ୍ କଲେଜ୍ କର୍ତ୍ତୃପକ୍ଷ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ମଧ ଦେଉନଥିବାରୁ ଏହା ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନଙ୍କୁ ବିସ୍ମିତ କରିଛି ବୋଲି ସାଧାରଣରେ ଆଲୋଚନା ହୋଇଥିଲା । ଏହି ନିରାଡମ୍ବର କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ଇଂ. ଡ. ହୃଷିକେଶ ସାହୁ ଉପସ୍ଥିତମାନଙ୍କୁ ଓ କାର୍ଯ୍ୟକ୍ରମରେ ସହାୟତା ପାଇଁ ରେମୁଣା ବ୍ଲକ୍ କମିଟିର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


## OFFICE OF THE PANCHAYAT SAMITI, BASUDEVPUR

At/Po: Basudevpur, Dist: BhadrakEmail: ori-basudevpur@nic.in
Letter No: 3571 /Date: 31.08.2024

**Tender Call Notice-01/2024-25**

1. Name of the Project :- "Construction of Additional Class Room
2. Total No of Project :- 07 Nos
3. Class of Contractor :- "C & D" Class
4. Period of Completion :- 6 Calender Months
5. Other details :- As per DTCN.

| Sl No | Procurement Officer | Available Tender On-line for bidding | | Last date of receipt of Bids | Date & time of opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| 1 | Block Development Officer, Basudevpur | 03.09.2024 | 17.09.2024 | 17.09.2024 12.00 PM | 17.09.2024 4.00 PM |

6. Further details can be seen from the website portal "https:// www.bhadrak.nic.in
7. Any other changes/Corrigendum/Addendum may be seen only in website www.bhadrak.nic.in

OIPR: 19306/11/0001/2425

Block Development Officer
Basudevpur

ବୁଧବାର, ୦୪ ସେପ୍ଟେମ୍ବର , ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## କ୍ୟାନସର ଏବଂ ରକ୍ତବାହୀ ଶିରା ପ୍ରଶିରା ରୋଗର ଚିକିତ୍ସା, ପରାମର୍ଶ ଓ ସଚେତନତା ଶିବିର

ବଡ଼ସାହି , ୩/ ୯ (ନି.ପ୍ର): ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ଠାରେ କ୍ୟାନସର ଏବଂ ରକ୍ତବାହୀ ଶିରା ପ୍ରଶିରା ରୋଗର ଚିକିତ୍ସା, ପରାମର୍ଶ ଓ ସଚେତନତା ଶିବିର। ସଫଳ ଭାବରେ ଅନୁଷ୍ଠିତ ହୋଇ ଯାଇଛି। ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ରଙ୍କ ପରିଚାଳନା ରେ ଉକ୍ତ ଶିବିର ରେ ଅଷ୍ଟ୍ରେଲିଆର କାନବେରା ହସ୍ପିଟାଲର କ୍ୟାନସର ମୁଖ୍ୟ ବିଶେଷଜ୍ଞ ଡାକ୍ତର ନଳୀନୀ ପତି ତଥା ଭୁବନଶ୍ୱର ଉତ୍କଳ ହସ୍ପିଟାଲ କ୍ୟାନସର ମୁଖ୍ୟ ବିଶେଷଜ୍ଞ ଡାକ୍ତର ଚିନ୍ମୟ ପାଣି ବହୁ ଦୂର ଦୂରଦୂରାନ୍ତରୁ ଆସିଥିବା ୨୪ ଜଣ କ୍ୟାନସର ରୋଗୀଙ୍କୁ ପରୀକ୍ଷା ଏବଂ ଚିକିତ୍ସା ତଥା ପରାମର୍ଶ ଦେଇଥିଲେ। ଏଥିସହିତ ବିଶେଷଜ୍ଞ ଡାକ୍ତର ସୁପ୍ରଖ୍ୟାତ ହାଇଦ୍ରାବାଦ ଏଆଜି ହସ୍ପିଟାଲର। ଡାଇରେକ୍ଟର ତଥା ମୁଖ୍ୟ ଡାକ୍ତର ନିହାର ରଂଜନ ପ୍ରଧାନ (ଶଲ୍ୟ ବିଶେଷଜ୍ଞ ) ୩୬। ଜଣ ରୋଗୀଙ୍କର ଚିକିତ୍ସା ତଥା ପରାମର୍ଶ ଦେଇଥିଲେ। ଏବଂ କ୍ୟାନସର ସମ୍ବନ୍ଧରେ ବହୁତ ଶିକ୍ଷଣୀୟ ତଥ୍ୟ ଉପସ୍ଥାପନ କରିଥିଲେ। ଗାଁ ପରିବେଶ ରେ ଏଭଳି ଯୋଗ ସାଧନା କେନ୍ଦ୍ର ଗଢି ତଥା ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ଏକଥା କୁ ସମସ୍ତ ଡ଼ାକ୍ତର ତାରିଫ କରିଥିଲେ ଏବଂ ବହୁ ରୋଗୀ ଖୁବ୍ ଖୁସି ବ୍ୟକ୍ତ କରିଥିଲେ । ଶ୍ରୀମା ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ପ୍ରାର୍ଶରେ ସମସ୍ତ ଡ଼ାକ୍ତର ବୃକ୍ଷରୋପଣ କରିଥିଲେ। ଏବଂ ଆଗରୁ ସୁନ୍ଦର ଭାବରେ ବୃକ୍ଷରୋପଣ କରାଯାଇଥିବା ରାସ୍ତା ସବୁକୁ ବୁଲି ଦେଖିଥିଲେ। ଗାଁ ପରିବେଶ ସମସ୍ତଙ୍କୁ ଖୁବ୍ ଆନନ୍ଦିତ କରିଥିଲା ଏବଂ କିଶୋର ଚନ୍ଦ୍ର ମହାପାତ୍ର ତଥା ତାଙ୍କରି ସହଯୋଗୀ ମାନଙ୍କର ଗଭୀର ନିଷ୍ଠା, ପରିଶ୍ରମ କୁ ତାରିଫ କରିଥିଲେ। ବଡ଼ସାହି, ବେତନଟୀ, ବାରିପଦା ତଥା ବାଲେଶ୍ୱର ଆସିଥିବା ରୋଗୀ ମାନେ ଏଭଳି ଖୁବ୍ ସୁନ୍ଦର,ସରଳ ଏବଂ ଆତ୍ମୀୟତା ସହକାରେ ଚିକିତ୍ସା କରିଥିବା ଡାକ୍ତର ମାନଙ୍କର ଚିକିତ୍ସାରେ ଆତ୍ମସନ୍ତୋଷ ଅନୁଭବ କରିବା ସହିତ ଆଗକୁ ଏଭଳି କାର୍ଯ୍ୟକ୍ରମ କରିବାକୁ ଅନୁରୋଧ କରିଥିଲେ। ଉକ୍ତ ଶିବିର ର ରେ ସର୍ବେଶ୍ୱର ଜେନା, ସନ୍ତୋଷ ଖଣ୍ଡା, ନୀଳକଣ୍ଠ ନାୟକ, ପରେଶ ଦଳେଇ, କରୁଣାକର ମହାପାତ୍ର, ଦିଲିପ୍ ବାବୁ, ପପୁ ବାବୁ, ବାବୁ ପରିଡ଼ା, ମୌସୁମୀ ମହାପାତ୍ର, ଲାବଣ୍ୟ ମହାପାତ୍ର, ସୁଜିତା ମହାନ୍ତି, ଅନୀତା ଦିଦି, ଅରୁଣ ସିଂହ ଉପସ୍ଥିତ ଥିଲେ ଏବଂ ସଂଯୁକ୍ତା ଗ୍ୟାସ ଏଜେନ୍ସି, ମାଳିହାଟୀ, ମାଣତ୍ରୀ ସଂପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ ସମସ୍ତେ ତାଙ୍କୁ କୃତଜ୍ଞତା ଜଣାଇଥିଲେ।

## ମହିଳା ସମାନତା ଦିବସରେ ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ୍‌କୁ ସଫଳତା



ପାରାଦୀପ, ୩/ ୯ (ନି.ପ୍ର): ମହିଳା ସମାନତା ଦିବସ ପାଳନ ଅବସରରେ ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ୍ ବିଭିନ୍ନ ବିଭାଗରେ ସଫଳତା ହାସଲ କରିଛି । ଏହି ଉପଲକ୍ଷେ ପାରାଦୀପ ଜୟଦେବ ସଦନ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ, ସମ୍ମାନୀତ ଅତିଥି ଭାବେ ଇଫକୋ ପାରାଦୀପ ୟୁନିଟ୍ ହେଡ୍ ତଥା ନିର୍ଦ୍ଦେଶକ କେ.ଜେ.ପଟେଲ୍, ପିପିଏଲ ୟୁନିଟ୍ ହେଡ୍ ପାଲାନିସ୍ୱାମୀ ଭେଲୁସାମୀ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତା ଓ ଅନ୍ତାକ୍ଷରୀ ରେ ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ୍ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରୋଷେଇ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ମମତା ପଟେଲ୍ ମୁଖ୍ୟଅତିଥି ଶ୍ରୀ ହରନାଦଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ ।

## ସନ୍ଦୀପ ଘୋଷଙ୍କ ସମେତ ୪ଜଣଙ୍କୁ ଗିରଫ କଲା ସିବିଆଇ

କୋଲକାତା, ୩/ ୯ (ନି.ପ୍ର): ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କ ସହିତ ତିନିଜଣ ଅନ୍ୟ ଲୋକଙ୍କୁ ଗିରଫ କରିଛି ସିବିଆଇ । ୫୩ ବର୍ଷୀୟ ଘୋଷଙ୍କ ସହିତ ୫୨ ବର୍ଷୀୟ ବିପ୍ଳବ ସିଂହଙ୍କୁ ଧରାଯାଇଛି । ସିଂହ ହସ୍ପିଟାଲକୁ ଔଷଧ ଯୋଗାଣର କାମ କରୁଥିଲା । ୪୬ ବର୍ଷୀୟ ଭେଣ୍ଡର ସୁମନ ହାଜରାକୁ ବି ଗିରଫ କରାଯାଇଛି । ଏହାସହିତ ସନ୍ଦୀପ ଘୋଷଣ ଅତିରିକ୍ତ ସିକ୍ୟୁରିଟି ଇନଚାର୍ଜ ୪୪ ବର୍ଷୀୟ ଅଫସର ଅଲିକୁ ବି ଗିରଫ କରାଯାଇଛି । ସୋମବାର ବିଳମ୍ବିତ ରାତିରେ ସିବିଆଇ ପକ୍ଷରୁ ଜାରି ବୟାନରେ ଏହି ସୂଚନା ଦିଆଯାଇଛି । ଅଗଷ୍ଟ ୧୬ରୁ ସନ୍ଦୀପ ଘୋଷକୁ କେବଳ ଶନିବାର ରବିବାର ଛାଡି ଲଗାତର ୧୬ଦିନ ଧରି ପଚରାଉଚରା କରାଯାଇଥିଲା । ସୋମବାର ତାଙ୍କୁ ସିଜିଓ କମ୍ପ୍ଲେକ୍ସକୁ ଡକାଯାଇଥିଲା । ଏଠାରୁ ତାଙ୍କୁ ନିଜାମ ପ୍ୟାଲେସ ନିଆଯାଇ ଗିରଫ କରାଯାଇଥିଲା । ଆଜି ଏହି ୪ଜଣଙ୍କୁ କୋର୍ଟରେ ହାଜର କରାଯିବ ।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ଖାଲି ପଡ଼ିଥିବା ବିଶେଷଜ୍ଞ ପଦବୀ ପୂରଣ ପାଇଁ ବିଧାନସଭାରେ ପ୍ରଶ୍ନ କଲେ ବସ୍ତା ବିଧାୟିକା



ଲଙ୍ଗଳେଶ୍ୱର , ୩/ ୯ (ନି.ପ୍ର): ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା,ବାଲିଆପାଳ ଓ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସର୍ଜରୀ ସ୍ପେସିଆଲିଷ୍ଟ, ସ୍ତ୍ରୀ ରୋଗ ବିଶେଷଜ୍ଞ ଓ ଭେଷଜ ବିଶେଷଜ୍ଞ ପଦବୀ ଗୁଡିକ ବହୁତ ଦିନରୁ ଖାଲିପଡିଛି ଫଳରେ ଜନସାଧାରଣ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏଥିସହିତ ଡାକ୍ତରଖାନା ଗୁଡିକରେ ତାଲିମପ୍ରାପ୍ତ କର୍ମଚାରୀଙ୍କର ମଧ୍ୟ ଅଭାବ ରହିଛି, ଏହାର ପ୍ରତିକାର ପାଇଁ ସରକାର କଣ ବ୍ୟବସ୍ଥା କରିଛନ୍ତି ତାହା ଜଣାଇବେ କି ବୋଲି ବସ୍ତା ବିଧାୟିକା ସୁବାସିନୀ ଜେନା ବିଧାନସଭାରେ ପ୍ରଶ୍ନ କରିଥିଲେ। ଏହାର ପ୍ରତ୍ୟୁତ୍ତର ରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ବାଲେଶ୍ୱର ଜିଲ୍ଲା ର ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା,ବାଲିଆପାଳ ଓ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଖାଲିଥିବା ସର୍ଜରୀ ସ୍ପେସିଆଲିଷ୍ଟ , ସ୍ତ୍ରୀ ରୋଗ ବିଶେଷଜ୍ଞ ଓ ଭେଷଜ ବିଶେଷଜ୍ଞ ପଦବୀ ଗୁଡିକୁ ପି.ଜି/ ସିନିୟର୍ ରେସିଡେଣ୍ଟ ସମ୍ପୂର୍ଣ୍ଣ କରି ଫେରୁଥିବା ଡାକ୍ତର ମାନଙ୍କ ଦ୍ୱାରା ଯଥା ସମ୍ଭବ ପୂରଣ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଅଛି ଏବଂ ଖାଲି ଥିବା ଡାକ୍ତର ପଦବୀ ଗୁଡିକୁ ଓଡ଼ିଶା ପବ୍ଲିକ୍ ସର୍ଭିସ କମିଶନ୍ ଦ୍ୱାରା ଚୟନ, ବିଭାଗୀୟ ପଦୋନ୍ନତି ତଥା ଚୁକ୍ତିଭିତ୍ତିକ ନିଯୁକ୍ତି ଦ୍ୱାରା ଯଥା ସମ୍ଭବ ପୂରଣ କରାଯିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଉତ୍ତର ରଖିଥିଲେ। ପ୍ରକାଶଥାଉକି ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଅନୁମୋଦିତ ଡାକ୍ତରଙ୍କ ସଂଖ୍ୟା ୬୯ ଥିବା ବେଳେ ଏବେ ମାତ୍ର ୨୪ଜଣ ଅଛନ୍ତି, ସେହିପରି ଷ୍ଟାଫ ନର୍ସ ଓ ତାଲିମ୍ ପ୍ରାପ୍ତ କର୍ମଚାରୀଙ୍କ ଅଭାବ ସହିତ ଇସିଜି, ଅଲଟ୍ରାସାଉଣ୍ଡ ଇତ୍ୟାଦି ଭଳି ଆନୁସଙ୍ଗିକ ଚିକିତ୍ସା ଉପକରଣର ଅଭାବ ରହିଛି। ଫଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଆଦିବାସୀ ଦମ୍ପତ୍ତିଙ୍କୁ ମାଡ଼ ଘଟଣାରେ ଜଣେ ଗିରଫ: ଅନ୍ୟ ୫ଜଣ ଫେରାର

ନୀଳଗିରି , ୩/ ୯ (ନି.ପ୍ର): ନୀଳଗିରି ବ୍ଲକ ନଟାପଡା ଗ୍ରାମ୍ୟ ଜଙ୍ଗଲ ଜମିରେ ଚାଷ କରିବାକୁ ନେଇ ଗତ ୨୯ ତାରିଖରେ ଜୈନିକ ଆଦିବାସୀ ଦମ୍ପତିଙ୍କୁ ଆକ୍ରମଣ ଘଟଣାରେ ବରହମପୁର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଉକ୍ତ ଅଭିଯୁକ୍ତ ଜଣକ ନଟାପଡା ଗ୍ରାମର ଚିତ୍ତରଞ୍ଜନ ପାଣିଗ୍ରାହୀ(୫୬) । ଗୋବିନ୍ଦପୁରା ଗ୍ରାମର ବୁଦ୍ଧିରାମ ସିଂ ଓ ପତ୍ନୀ ଲିଜାମଣି ସିଂ ଗତ ୨୯ ତାରିଖରେ ନିଜ ବିଲରେ ଧାନ ରୋଉଥିବା ବେଳେ ନିକଟରେ ଥିବା ଜଙ୍ଗଲ ଜମିରେ ନଟାପଡା ଗ୍ରାମର କିଛି ଲୋକେ ଜବରଦସ୍ତ ଧାନ ରୋଉଥିଲେ।ଏହାକୁ ପ୍ରତିବାଦ କରିବାରୁ ସଂଘବଦ୍ଧ ଭାବରେ ନଟାପଡା ଗ୍ରାମର ୬ ଜଣ ଯୁବକ ବୁଦ୍ଧିରାମକୁ ଗାଳିଗୁଲଜ କରିବା ସହ ଚିତ୍ତରଞ୍ଜନ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲେ। ଅନ୍ୟ ମାନେ ଲିଜାମଣିଙ୍କୁ ଟଣା ଓଟରା କରିଥିଲେ । ସ୍ଥାନୀୟ ଲୋକେ ଆସି ସେମାନଙ୍କୁ ଉଦ୍ଧାର କରି ବୁଦ୍ଧିରାମଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ଥିତି ସଙ୍କଟାପନ୍ନ ହେବାରୁ ସେ ଏବେ କଟକ ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।ଏ ନେଇ ଲିଜାମଣିଙ୍କ ବରହମପୁର ଥାନାରେ ଅଭିଯୋଗ କରିବା ପରେ ୧୨୭/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।ଗତକାଲି ଚିତ୍ତରଞ୍ଜନଙ୍କୁ ତାଙ୍କ ଘରୁ ପୋଲିସ ଗିରଫ କରି କୋର୍ଟ ଚାଲଣ କରିଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ତଦନ୍ତ ଆରମ୍ଭ ଜାରି ରଖିଛି।

## ବାରାଣାସୀରେ ଅନୁଷ୍ଠିତ ହେବ କୁର୍ମି ଇତିହାସକାର ସମ୍ମିଳନୀ

ବେତନଟୀ, ୩/ ୯ (ନି.ପ୍ର): ଉତ୍ତର ପ୍ରଦେଶର ବାରାଣାସୀ ସ୍ଥିତ ସର୍ଦାର ବଲ୍ଲଭ ଭାଇ ପଟେଲ ସ୍ମାରକୀ ଅତିଥି ଭବନ, ଅନ୍ଧରାପୁଲ , ତେଲିଆବାଗ ଠାରେ ଆଗାମୀ ସେପ୍ଟେମ୍ବର ମାସ ତାରିଖ ୧୨/୯/୨୦୨୪ ଠାରୁ ୧୪/୯/୨୦୨୪ ପର୍ଯ୍ୟନ୍ତ ତିନି ଧରି କୁର୍ମି ଇତିହାସକାର ସମ୍ମିଳନୀ ଅନୁଷ୍ଠିତ ହେବ କ୍ଷ ଏହି ସମ୍ମିଳନୀରେ ଭାରତର ବିଭିନ୍ନ ପ୍ରାନ୍ତରୁ ବହୁ ପ୍ରତିଷ୍ଠିତ କୁର୍ମୀ ଜାତିର ଗବେଷକ ମାନେ ଯୋଗ ଦେବେ। ଓଡ଼ିଶାରୁ ଦୁଇ ଜଣ ଇତିହାସ କାର ଏହି ସମ୍ମିଳନୀରେ ଯୋଗ ଦେବେ। ମୟୂରଭଞ୍ଜ ଜିଲ୍ଲାର ବେତନଟୀର ସୁପ୍ରସିଦ୍ଧ ସାମ୍ବାଦିକ, ସାହିତ୍ୟିକ ଓ ଗବେଷକ ସର୍ବେଶ୍ୱର ମହାନ୍ତ ଏବଂ କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ର କବି, ଲେଖକ ଓ ଗବେଷକ ନରହରି ମହାନ୍ତ ଯୋଗଦାନ କରିବେ। ଏହି ଖବରଟି ଜାଣିବା ପରେ ବେତନଟୀର ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ବସ୍ତା ଅଗ୍ନିଶମ ବାହିନୀ ଛାତ୍ରଛାତ୍ରୀଙ୍କୁ ଶିଖାଇଲେ ସୁରକ୍ଷା କୌଶଳ



ବସ୍ତା , ୩/ ୯ (ନି.ପ୍ର): ଆପାତକାଳ ସ୍ଥିତି ରେ କିଭଳି ନିଜକୁ ତଥା ଅନ୍ୟ ମାନ ଙ୍କୁ ସୁରକ୍ଷିତ ରଖିବା ସହ ବିପଦରୁ ଉଦ୍ଧାର କରି ଧନ ଜୀବନ ସୁରକ୍ଷିତ ରଖାଯାଇ ପାରିବ ସେଥିପାଇଁ ଏକ ମକଡ୍ରିଲ ବସ୍ତା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଉପଲକ୍ଷେ ଶିକ୍ଷା କେନ୍ଦ୍ର ପରିସରରେ ସ୍କାଉଟ ଓ ଗାଇଡ ଛାତ୍ରଛାତ୍ରୀ ଙ୍କୁ ଏକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ବସ୍ତା ଦମକଳ କେନ୍ଦ୍ର ର ଷ୍ଟେସନ ଅଫିସର ପ୍ରତାପ କୁମାର ପାଲ ନିଆଁ ଲାଗିବା, ଜଳବୁଡି,ସଡ଼କ ଦୁର୍ଘଟଣାରେ କିଭଳି ସୁରକ୍ଷିତ ରହିପାରିବ ତାର ପ୍ରସନ୍ନ, ନିୟନ୍ତ୍ରଣ ଓ ଉଦ୍ଧାର କାର୍ଯ୍ୟ ର ସମସ୍ତ ବିବରଣୀ ଓ ପ୍ରତିଷେଧକ ବ୍ୟବସ୍ଥା ଉପସ୍ଥାପନ କରିଥିଲେ । ଏହି ସଭାରେ ଉପଦେଷ୍ଟା ଶ୍ୟାମା ପ୍ରସାଦ ବେହେରା , ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ପ୍ରଦୀପ ପରିଡା ,ଉପ ପ୍ରଧାନାଚାର୍ଯ୍ୟା ରଞ୍ଜିତା ପାଢୀ ଓ ସ୍କାଉଟ ମାଷ୍ଟର ସରୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରେ ସ୍ଥାନୀୟ ଷ୍ଟାଡିୟମରେ ଅଗ୍ନିଶମ ବିଭାଗ ତରଫରୁ ମକଡ୍ରିଲ ମାଧ୍ୟମରେ ବିଭିନ୍ନ ଉପକରଣ, ଯନ୍ତ୍ରପାତି ର ବ୍ୟବହାର କରି କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟରେ ଲିଡର ଫାୟାରମାନ ପ୍ରମୋଦ କୁମାର ନାୟକ, ଫାୟାର ମାନ ଗଜେନ୍ଦ୍ର ପାରିଲା, କୈଳାସ ମୁଦୁଲି ଓ ବସନ୍ତ ମହାନ୍ତି ସହଯୋଗ କରିଥିଲେ।

## ସାମ୍ବାଦିକ ଶ୍ରୀ ସର୍ବେଶ୍ୱର ମହାନ୍ତଙ୍କୁ ସମ୍ବର୍ଦ୍ଧନା




ବେତନଟୀ, ୩/ ୯ (ନି.ପ୍ର): ବାରିପଦା ଷ୍ଟାଡିୟମ ସଭାଗୃହ ଠାରେ ଓଡିଶା ସାମ୍ବାଦିକ ସଂଘ (ଓ.ଜେ.ୟୁ) ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ସାମ୍ବାଦିକ ବୁଦ୍ଧିଜୀବୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନେତ୍ରାନନ୍ଦ ମଲ୍ଲିକ ଏବଂ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ପୁଷ୍ପା ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି, ସମାଜସେବୀ ମୁରାରୀ ଲାଲ୍ ଶର୍ମା, ଓଜେୟୁର ରାଜ୍ୟ ସଭାପତି ଶଶିଭୂଷଣ ପ୍ରହରାଜ, ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ, ରାଜ୍ୟ ସାଧାରଣ ସଂପାଦକ ଦୁର୍ଯ୍ୟୋଧନ ମହାରଣା, ରାଜ୍ୟ କୋଷାଧ୍ୟକ୍ଷ ଅରୁଣ କୁମାର ଷଡଙ୍ଗୀ ଯୋଗଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଅଭିଜିତ ମହାନ୍ତି ଆଲୋଚନା ଚକ୍ରରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଶ୍ରୀ ସର୍ବେଶ୍ୱର ମହାନ୍ତଙ୍କୁ 'ବରିଷ୍ଠ ସାମ୍ବାଦିକ ସମ୍ମାନ' ରେ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ସର୍ବେଶ୍ୱର ମହାନ୍ତ ଦୀର୍ଘ ୨୫ବର୍ଷ ଧରି ବେତନଟୀରେ ସାମ୍ବାଦିକତା କରିଆସୁଛନ୍ତି। ତାଙ୍କର ପ୍ରଥମ ସାମ୍ବାଦିକତା ଆରମ୍ଭ ହୋଇଥିଲା ଧ୍ୱନି ପ୍ରତିଧ୍ୱନି ଖବରକାଗଜରୁ ତାପରେ ଦୀର୍ଘ ବର୍ଷ ଧରି ସମୟ ଖବର କାଗଜର ସାମ୍ବାଦିକ ଥିଲେ। ପରେ ନିତିଦିନ, ମଲ୍ଲାର ଓ ଏବେ ସେ ଓଡିଶା ଭାସ୍କର ଖବର କାଗଜର ସାମ୍ବାଦିକ ଅଛନ୍ତି।ଶ୍ରୀ ମହାନ୍ତ ବେତନଟୀ ପହଞ୍ଚିବା ପରେ ତାଙ୍କୁ ବେତନଟୀ ବ୍ଲକ ସାମ୍ବାଦିକ ସଂଘ, ପଦ୍ମମାଳୀ ମହିଳା ସଂଗଠନ, ଆନନ୍ଦ ବଜାର ଦୁର୍ଗା ପୂଜା କମିଟି, ବଙ୍ଗଳା ଛକ ଦୁର୍ଗା ପୂଜା କମିଟି ଓ ବିଭିନ୍ନ ଅନୁଷ୍ଠାନ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇ ସ୍ୱାଗତ ସମ୍ବର୍ଦ୍ଧନା କଲେ।

## ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୫ ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୩/ ୯ (ନି.ପ୍ର): ସ୍ଥାନୀୟ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷଠାରେ ଆଜି ପୂର୍ବାହ୍ନ ଘ.୧୧ ମି ସମୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ସମସ୍ତ ରାଜନୈତିକ ଦଳମାନଙ୍କ ପ୍ରତିନିଧିଙ୍କ ଉପସ୍ଥତିରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୫ ସମ୍ବନ୍ଧେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆସନ୍ତା ଜାନୁଆରୀ ତା ୧ ରିଖ ୨୦୨୫ କୁ ଯୋଗ୍ୟତା ତାରିଖ ହିସାବରେ ଧାର୍ଯ୍ୟ ହେବା ସହିତ ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଅକ୍ଟୋବର ତା ୧୯ ରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରକାଶ ପାଇଛି ଓ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସହିତ ଜଡିତ କାର୍ଯ୍ୟସୂଚୀ ଏବଂ କାର୍ଯ୍ୟକଳାପ ଉପରେ ଆଲୋଚନା କରାଯିବା ସହିତ ଏକ ବିସ୍ତୃତ ଏବଂ ସଠିକ ଭୋଟର ତାଲିକା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ସଂଶୋଧନ ପ୍ରକ୍ରିୟା ପାଇଁ ଦୁଇ ପର୍ଯ୍ୟାୟ ଆଭିମୁଖ୍ୟ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଅଗଷ୍ଟ ୨୦ରୁ ଅକ୍ଟୋବର ୨୮ ପର୍ଯ୍ୟନ୍ତ ପୂର୍ବ ସଂଶୋଧନ କାର୍ଯ୍ୟକ୍ରମ ପାଇଁ ସୂଚନା ଦିଆଯାଇଛି। ଏହି ସମୟ ମଧ୍ୟରେ ଭୋଟରଙ୍କ ତଥ୍ୟ ସଂଗ୍ରହ ପାଇଁ ଘରକୁ ଘର ଯାଇ କ୍ଷେତ୍ର ଯାଞ୍ଚ (ଫିଲ୍ଡ ଭେରିଫିକେସନ), ମତଦାନ କେନ୍ଦ୍ରର ଯୁକ୍ତିଯୁକ୍ତତା, ଭୋଟର ତାଲିକାରେ ଓ ଏପିକରେ ଥିବା ସଂକୋଚ ଦୂର କରିବା ଭଳି ବିଭିନ୍ନ କାର୍ଯ୍ୟକଳାପ ରହିଛି । ଏହା ପରେ ଅକ୍ଟୋବର ୨୯ ରୁ ଜାନୁୟାରୀ ୬ ପର୍ଯ୍ୟନ୍ତ ସଂଶୋଧନ କାର୍ଯ୍ୟକଳାପ କରାଯିବ। ଏହି ପର୍ଯ୍ୟାୟ ଅକ୍ଟୋବର ୨୯ ରେ ଇଣ୍ଟିଗ୍ରେଟେଡ୍ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶନ ସହ ଆରମ୍ଭ ହେବ। ଜାନୁଆରୀ ୬ ତାରିଖରେ ଭୋଟର ତାଲିକାର ଚୂଡ଼ାନ୍ତ ପ୍ରକାଶନରେ ଶେଷ ହେବ। ଏହି ବୈଠକରେ ନୂତନ ଯୋଗ୍ୟ ଭୋଟରଙ୍କୁ ସାମିଲ କରିବା ଓ ଏକାଧିକ ଏଣ୍ଟ୍ରି ଏବଂ ସ୍ଥାୟୀ ଭାବେ ସ୍ଥାନାନ୍ତରିତ ଭୋଟରଙ୍କୁ ସଂଶୋଧନ କରିବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ବୈଠକରେ ଉପଜିଲ୍ଲାପାଳ, ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ, ଡେପୁଟି କଲେକ୍ଟର (ନିର୍ବାଚନ) ଶ୍ରୀମତୀ ରାଇମତ ଟୁଡୁ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦାନ କରିଥିଲେ।

## ସୁବର୍ଣ୍ଣରେଖା ପ୍ରେସ କ୍ଲବର ବାର୍ଷିକ ପ୍ରତିଷ୍ଠା ଉତ୍ସବ



ବାଲିଆପାଳ , ୩/ ୯ (ନି.ପ୍ର): ବାଲିଆପାଳ ବ୍ଲକ କଚୁଆପଡା ସ୍ଥିତ ସୁବର୍ଣ୍ଣ ରେଖା ପ୍ରେସ କ୍ଲବର ବାର୍ଷିକ ପ୍ରତିଷ୍ଠା ଉତ୍ସବ ରବିବାର ବ୍ଲକ ଛକ ସ୍ଥିତ ଏସ କେ ଜି ଟ୍ରଷ୍ଟ ଓ ପାଠାଗାର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରେସ କ୍ଲବ ମାର୍ଗଦର୍ଶକ ଅଧାପକ ଡ଼ଃ ସୁକାନ୍ତ କୁମାର ଗିରି ପ୍ରାକ ସୂଚନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ସନ୍ୟାସୀ ବେହେରା ଉତ୍ସବରେ ପୌରାହିତ୍ୟ କରିଥିବାବେଳେ ଅତିଥି ଭାବରେ ପୂର୍ବତନ ଡି ଆଇ ତଥା ସୁଲେଖକ ସୁବାସ ଚନ୍ଦ୍ର ଚୌଧୁରୀ, ପୂର୍ବତନ ସୈନିକ ସଂଗଠନ ସଭାପତି କମଳ ଲୋଚନ ପିଳା, ଉତ୍କଳ ସମ୍ମିଳନୀ ବାଲିଆପାଳ ସଭାପତି ପ୍ରାଧାପକ କୁଞ୍ଜକାନ୍ତ ପାତ୍ର, ସ୍ୱେଚ୍ଛାସେବୀ ସଂଗଠନ ରାହା ର ସମ୍ପାଦିକା ଆରତୀ ପାତ୍ର, ପୂର୍ବତନ ଏସ ଆଇ ଅଫ ସ୍କୁଲସ ମନ୍ମଥ ସାହୁ ପ୍ରମୁଖ ଯୋଗ ଦେଇ ସାମ୍ବାଦିକମାନଙ୍କ ସମସ୍ୟା ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, କୃପାସିନ୍ଧୁ ପଣ୍ଡା, ବୀର ମାଧବ ଦାସ,ଓଡାନ ରାଜ୍ୟ ସମ୍ପାଦକ ସଦାଶିବ ସେଠୀ,ବ୍ୟଙ୍ଗ ସାହିତ୍ୟିକ ବିଜୟ କୁମାର ପାତ୍ର, ଭୀଷ୍ମ ଚରଣ ମଲ୍ଲିକ, ସାମ୍ବାଦିକତା ରାଜଶ୍ରୀ ପାଣିଗ୍ରାହୀ, ପ୍ରତିମା ଜେନା, କବିତା ଗିରି, ସଞ୍ଜୟ କୁମାର ଗିରି ପ୍ରମୁଖ ଯୋଗ ଦେଇ ଅଂଶ ଗ୍ରହଣ କରିଥିଲେ।ସାମ୍ବାଦିକ ଗୋପାଳ କୃଷ୍ଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଂଟନ

ବାଲିଆପାଳ , ୩/ ୯ (ନି.ପ୍ର): ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ ଦେଉଳା ବାତ୍ୟା ଆଶ୍ରୟସ୍ଥଳରେ ଏକ ଦୁଇଦିନିଆ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ଏଥିରେ ଦିବ୍ୟାଙ୍ଗମାନଙ୍କୁ ସଶକ୍ତ କରିବା ଲାଗି ସହାୟକ ଉପକରଣ (ଆସିଷ୍ଟିଭ ଡିଭାଇସ) ବଂଟନ କରାଯାଇଛି । କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ରେମୁଣା, ବସ୍ତା ଓ ବାଲିଆପାଳ ବ୍ଲକର ଦିବ୍ୟାଙ୍ଗମାନଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଇଛି । ଦିବ୍ୟାଙ୍ଗମାନଙ୍କ ଚଳପ୍ରଚଳରେ ଉନ୍ନତି ଆଣିବା ସହ ସେମାନଙ୍କ ଜୀବନରେ ସାମଗ୍ରିକ ଗୁଣାତ୍ମକ ମାନରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଏହି 'ସହାୟକ ଉପକରଣ ବଂଟନ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ପ୍ରସ୍ତାବିତ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡର ପକ୍ଷରୁ ବ୍ଲକର ବିଭିନ୍ନ ଗ୍ରାମଗୁଡ଼ିକରୁ ୩୮ ଜଣ ଦିବ୍ୟାଙ୍ଗ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେମାନଙ୍କୁ ଆବଶ୍ୟକତା ଅନୁସାରେ ବିଭିନ୍ନ ପ୍ରକାର ସହାୟକ ଉପକରଣ ଦିଆଯାଇଥିଲା। ଏଥିରେ ୨୨ଟି କୃତ୍ରିମ ଅଙ୍ଗ, ୧୦ଟି ଏଲବୋ କ୍ଲଚ ଓ ୨ ଆଶା ବାଡ଼ି ବଂଟନ କରାଯାଇଛି। ଦିବ୍ୟାଙ୍ଗମାନଙ୍କ ଦୈନନ୍ଦିନ ଜୀବନରେ ଆବଶ୍ୟକ ହେଉଥିବା ଉପକରଣ ପ୍ରଦାନ କରି ସେମାନଙ୍କୁ ସଶକ୍ତୀକରଣ କରିବାରେ ଟାଟା ଷ୍ଟିଲ ଫାଉଣ୍ଡେସନର ପ୍ରତିବଦ୍ଧତାକୁ ଏହି କାର୍ଯ୍ୟକ୍ରମ ଦର୍ଶାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo